RNI No.ODIODI/2010/33031
୧୭ ବର୍ଷ Volume-17
ISSUE -114 ସଂଖ୍ୟା-୧୧୪
ଭୁବନେଶ୍ୱର, ମଙ୍ଗଳବାର ୧୪ ଜୁଲାଇ ୨୦୨୬
Bhubaneswar, Tuesday 14 July, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



# ହର୍ମୁଜରେ ଟ୍ରମ୍ପଙ୍କ 'ଇରାନୀୟ ଅବରୋଧ', ଜାହାଜ ପିଛା ଆଦାୟ କରିବେ ୨୦% ସୁରକ୍ଷା ଫି'

ୱାଶିଂଟନ, ୧୩।୭: ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବଡ଼ ଘୋଷଣା କରିଛନ୍ତି। ଆମେରିକା ପୁଣିଥରେ ହର୍ମୁଜରେ ଇରାନୀୟ ଅବରୋଧ ଲାଗୁ କରିଛି। ଏଥିସହ ଏହି ଜଳପଥର ସୁରକ୍ଷା ଦାୟିତ୍ୱ ଆମେରିକା ନିଜ ହାତକୁ ନେବ। ଏଣିକି ହର୍ମୁଜ ଅତିକ୍ରମ କରୁଥିବା ସମସ୍ତ ମାଲବାହୀ ଜାହାଜ ଠାରୁ ଆମେରିକା ୨୦ ପ୍ରତିଶତ ଅର୍ଥ ସୁରକ୍ଷା ଫି' ବାବଦରେ ଆଦାୟ କରିବ ବୋଲି ସେ କହିଛନ୍ତି।

ଏହି ଘୋଷଣା ପୂର୍ବରୁ ଟ୍ରମ୍ପ ଫକ୍ସ ନ୍ୟୁଜ୍‌କୁ କହିଥିଲେ ଯେ ଆମେରିକା ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ନିଜ ନିୟନ୍ତ୍ରଣକୁ ନେବ। ଏହାର ଅଭିଭାବକ ସାଜିବ। ଏହାପରେ ସେ 'ଟ୍ରୁଥ୍ ସୋସିଆଲ୍ ଅବରୋଧ ଓ ସୁରକ୍ଷା ଫି' ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଛନ୍ତି।

କିଛି ଦିନର ବ୍ୟବଧାନ ଉପରେ ପୁଣିଥରେ ଆମେରିକା ଓ ଇରାନ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଛି। ଆକ୍ରମଣ ଓ ପ୍ରତିଆକ୍ରମଣ ଯୋଗୁ ମଧ୍ୟପ୍ରାଚ୍ୟ ସ୍ଥିତି ବିଗିଡି ଯାଇଛି। ଏହି ଉତ୍ତ ?ଜନା ମଧ୍ୟରେ ଟ୍ରମ୍ପଙ୍କ ବୟାନ ସାମ୍ନାକୁ ଆସିଛି। ଟ୍ରମ୍ପ ସୋଶାଲ ମିଡିଆରେ ଲେଖିଛନ୍ତି, "ହର୍ମୁଜ ଜଳପଥ ଖୋଲା ଅଛି। ଇରାନ ଥାଉ କି ନଥାଉ ଏହା ଖୋଲା ରହିବ। ଆମେ ପୁଣିଥରେ ଦି ଇରାନୀୟ ବ୍ଲକେଡ୍ ଲାଗୁ କରୁଛୁ। ଏହାର ନାମ ଏମିତି ରଖିବାର ମୁଖ୍ୟ କାରଣ ହେଲା- ଏହି ଅବରୋଧ କେବଳ ଇରାନର ଜାହାଜ ଓ ସେମାନଙ୍କ ଗ୍ରାହକମାନଙ୍କ ପାଇଁ ଲାଗୁ ହେବ। ବାକି ସମସ୍ତ ଦେଶର ଜାହାଜ ଏହି ଜଳପଥକୁ ସ୍ୱାଧୀନ ଓ ମୁକ୍ତ ଭାବେ ବ୍ୟବହାର କରିପାରିବେ।"

ସେ ଆହୁରି କହିଛନ୍ତି, ଆମେରିକାକୁ ଏଣିକି 'ଦି ଗାର୍ଡିଆନ୍ ଅଫ୍ ଦି ହର୍ମୁଜ ଷ୍ଟ୍ରେଟ୍ ଭାବେ ସମସ୍ତେ ଜାଣିବେ। କିନ୍ତୁ ଏହି ଅତ୍ୟନ୍ତ ଅଶାନ୍ତ ଅଞ୍ଚଳରେ ସୁରକ୍ଷା ଯୋଗାଇବା ପାଇଁ ହେଉଥିବା ଖର୍ଚ୍ଚ ବାବଦକୁ ପ୍ରତି ଜାହାଜ ଉପରେ ୨୦% ଅର୍ଥ ଆଦାୟ କରାଯିବ। ଏହି ପ୍ରକ୍ରିୟା ତୁରନ୍ତ ଆରମ୍ଭ ହେବ ବୋଲି ଟ୍ରମ୍ପ ସୂଚନା ଦେଇଛନ୍ତି।

ଟ୍ରମ୍ପ କହିଛନ୍ତି ଯେ "ଆମେରିକାକୁ ଏବେଠାରୁ ହର୍ମୁଜ ପ୍ରଣାଳୀର ରକ୍ଷକ ବା ଅଭିଭାବକ ଭାବରେ ଜଣାଯିବ। କିନ୍ତୁ ଏହା ବଦଳରେ ଓ ନ୍ୟାୟ ଦୃଷ୍ଟିରୁ ଏହି ଅତ୍ୟନ୍ତ ଅଶାନ୍ତ ଅଞ୍ଚଳରେ ସୁରକ୍ଷା ଯୋଗାଇବା ପାଇଁ ହେଉଥିବା ସମସ୍ତ ଖର୍ଚ୍ଚର ଭରଣା କରାଯିବ। ଏଥିପାଇଁ ସେହି ବାଟ ଦେଇ ଯାଉଥିବା ସମସ୍ତ ମାଲବାହୀ ଜାହାଜକୁ ସେମାନଙ୍କ ସାମଗ୍ରୀ ଉପରେ ୨୦% ହାରରେ ଅର୍ଥ ଦେବାକୁ ପଡିବ। ଏହି ପ୍ରକ୍ରିୟା ଓ ଏହାର ପ୍ରସ୍ତୁତି ତୁରନ୍ତ ଆରମ୍ଭ କରାଯିବ।" ଏହି ସଂକୀର୍ଣ୍ଣ ଜଳପଥଟି



ପର୍ସିଆନ ଉପସାଗରକୁ ଓମାନ ଉପସାଗର ସହ ଯୋଡିଥାଏ। ସାରା ବିଶ୍ୱରେ ଯେତିକି ଅଶୋଧିତ ତୈଳ ଓ ତରଳ ପ୍ରାକୃତିକ ଗ୍ୟାସ ପରିବହନ ହୁଏ, ତାର ପ୍ରାୟ ଏକ-ପଞ୍ଚମାଂଶ ବା ୨୦% ଏହି ବାଟ ଦେଇ ଯାଇଥାଏ। ତେଣୁ ଏହି ପଥରେ କୌଣସି ପ୍ରକାର ବାଧା ସୃଷ୍ଟି ହେଲେ ସାରା ବିଶ୍ୱର ଶକ୍ତି ବଜାର ପ୍ରଭାବିତ ହୋଇଥାଏ।

ପୁଣିଥରେ ଆମେରିକା ଓ ଇରାନ ଲ ? ?ଇ ଯୋଗୁ ଯୁଦ୍ଧ ମୁହାଁ ହୋଇଛି ମଧ୍ୟପ୍ରାଚ୍ୟ। ଆମେରିକା ନିଜର ଆକ୍ରମଣ ଇରାନ ବିରୋଧରେ ତୀବ୍ର କରିବାରୁ ଏହାର ଜବାବ ଦେଇଛି ତେହରାନ। ରବିବାର ଆମେରିକା ସେନା ଇରାନର ପ୍ରାୟ ୧୪୦ଟି ସାମରିକ ଘାଟିକୁ ଟାର୍ଗେଟ କରିଥିଲା।ଏହାପରେ ଇରାନ ପ୍ରତିଆକ୍ରମଣ କରିଛି। ଗଲ୍ଫ ଅଞ୍ଚଳରେ ଥିବା ଆମେରିକାର ପାଟ୍ରିଅଟ୍ ମିସାଇଲ୍ ସିଷ୍ଟମ, ଅସ୍ତ୍ରଶସ୍ତ୍ର ଭଣ୍ଡାର ଓ ଡ୍ରୋନ୍ ଭିତ୍ତିଭୂମିକୁ ଇରାନ ଟାର୍ଗେଟ କରି ଧ୍ୱଂସ କରି ଦେଇଥିବା ଦାବି କରିଛି। ଫେବୃଆରୀ ମାସରେ ଆରମ୍ଭ ହୋଇଥିବା ସଂଘର୍ଷ ପରେ ଏହା ଇରାନର ସବୁଠାରୁ ବଡ଼ ପ୍ରତିଶୋଧମୂଳକ ଆକ୍ରମଣ ବୋଲି କୁହାଯାଉଛି। ହର୍ମୁଜ ପ୍ରଣାଳୀ ନିକଟରେ ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ ବା ଆଇଆରଜିସି ଦ୍ୱାରା ପରିଚାଳିତ ମିସାଇଲ୍ ସିଷ୍ଟମ, ଏୟାର ଡିଫେନ୍ସ ସିଷ୍ଟମ ଓ ଛୋଟ ସ୍ପିଡ୍ ବୋଟ୍ ଗୁଡ଼ିକ ଉପରେ ଆମେରିକା ସେନା ଆକ୍ରମଣ କରିଥିଲା। ସେହିପରି ଇରାନର ଦକ୍ଷିଣ ବନ୍ଦର ସହର ବନ୍ଦର ଆବାସରେ ବିସ୍ଫୋରଣର ହୋଇଥିବା ବେଳେ କେଶମ ଦ୍ୱୀପକୁ ମଧ୍ୟ ଆମେରିକା ପକ୍ଷରୁ ଟାର୍ଗେଟ କରାଯାଇଥିଲା।ଏହି ଆକ୍ରମଣର ମାତ୍ର କେଇ ଘଣ୍ଟା ପରେ ଇରାନ ପ୍ରତିଶୋଧ ନେଇଛି। କୁଏତ, ବାହାରିନ, କତର, ଓମାନ ଓ ଜୋର୍ଡାନରେ ଥିବା ଆମେରିକା ଘାଟି ଓ ପ୍ରତିଷ୍ଠାନଗୁଡ଼ିକୁ ମିସାଇଲ୍ ଓ ଡ୍ରୋନ୍ ଦ୍ୱାରା ଟାର୍ଗେଟ କରାଯାଇଥିବା ଆଇଆରଜିସି କହିଛି। ଆଇଆରଜିସି ଗୋଟିଏ ବିବୃତିରେ କହିଛି ଯେ "ଦେଶର ଦକ୍ଷିଣ ଅଞ୍ଚଳରେ ଆମେରିକାର ଅପରାଧିକ ଆକ୍ରମଣର ଜବାବରେ ଇସଲାମିକ୍ ରିପବ୍ଲିକ୍ ଅଫ୍ ଇରାନର ସେନା କିଛି ଘଣ୍ଟା ପୂର୍ବରୁ କୁଏତରେ ଥିବା ଆତଙ୍କବାଦୀ ଆମେରିକା ସେନାର ପାଟ୍ରିଅଟ୍ ସିଷ୍ଟମ, ଅସ୍ତ୍ରଶସ୍ତ୍ର ଭଣ୍ଡାର ଓ ରାଡାର ସାଇଟକୁ ନିଜର ବିଧ୍ୱଂସକାରୀ ଡ୍ରୋନ୍ ଦ୍ୱାରା ଟାର୍ଗେଟ୍ କରିଛି। ଏଭଳି ଆଚରଣ ଓ ଆଞ୍ଚଳିକ ସୁରକ୍ଷାର ଉଲ୍ଲଙ୍ଘନ କରୁଥିବା ଆମେରିକା-ଇହୁଦୀ ଶତ୍ରୁକୁ ଏହାର ପରିଣାମ ଭୋଗିବାକୁ ପଡ଼ିବ। ଯଦି ଆକ୍ରମଣର ପୁନରାବୃତ୍ତି ହୁଏ, ତେବେ ଆମେ ଆହୁରି କଠୋର ଜବାବ ଦେବୁ।"

# ପାଠ୍ୟପୁସ୍ତକ ତ୍ରୁଟି ମାମଲାରେ ତଦନ୍ତ ଆରମ୍ଭ

## ଦୋଷୀଙ୍କୁ ଖୋଜିବ ୫ ଜଣିଆ ଟିମ୍

ଭୁବନେଶ୍ୱର୧୩।୦୭(ନି.ପ୍ର.): ରାଜ୍ୟ ସରକାରୀ ପାଠ୍ୟପୁସ୍ତକରେ ହୋଇଥିବା ତ୍ରୁଟିକୁ ନେଇ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମାମଲାରେ ଏସସିଇଆରଟି ପକ୍ଷରୁ ଏଫଆଇଆର ଦାଖଲ କରାଯାଇଥିବାବେଳେ ଘଟଣାର ପର୍ଦ୍ଦାଫାଶ ପାଇଁ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି।

ଏହି ଚର୍ଚ୍ଚିତ ମାମଲାର ତଦନ୍ତ ପାଇଁ ଜଣେ ଏସପିଙ୍କ ନେତୃତ୍ୱରେ ଜଣେ ଡିଏସପି ଓ ତିନିଜଣ ଅଧିକାରୀଙ୍କୁ ନେଇ ଏକ ୫ ଜଣିଆ ସ୍ୱତନ୍ତ୍ର କ୍ରାଇମବ୍ରାଞ୍ଚ ଟିମ୍ ଗଠନ କରାଯାଇଛି। ଏହି ଟିମ୍





ପାଠ୍ୟପୁସ୍ତକରେ ତ୍ରୁଟି କିପରି ହେଲା, କେଉଁମାନେ ଏଥିରେ ସମ୍ପୃକ୍ତ ଥିଲେ ଏବଂ ଏହା ପଛରେ କୌଣସି ଷଡ଼ଯନ୍ତ୍ର ରହିଛି କି ନାହିଁ, ସେନେଇ ଖୋଳତାଡ଼ କରିବ।

କେବଳ ବିଷୟବସ୍ତୁର ତ୍ରୁଟି ନୁହେଁ, ପାଠ୍ୟପୁସ୍ତକ ପ୍ରସ୍ତୁତି, ଯାଞ୍ଚ, ସମ୍ପାଦନା, ସମୀକ୍ଷା ଓ ପ୍ରକାଶନ ପ୍ରକ୍ରିୟାରେ କେଉଁ ସ୍ତରରେ ଅବହେଳା ହୋଇଛି, ତାହା ମଧ୍ୟ ତଦନ୍ତର ପରିସରକୁ ଆସିବ। ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ରିପୋର୍ଟ ଆଧାରରେ କ୍ରାଇମବ୍ରାଞ୍ଚ ସମ୍ପୃକ୍ତ ବ୍ୟକ୍ତିଙ୍କ ଭୂମିକା ଯାଞ୍ଚ କରିବ।ଏହାସହ ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ମାଗଣା ପାଠ୍ୟପୁସ୍ତକ ପ୍ରସ୍ତୁତିରେ ୩୦୦ କୋଟି ଟଙ୍କାରୁ ଅଧିକ ବ୍ୟୟ, ଆଉଟସୋର୍ସିଂ ସଂସ୍ଥାଗୁଡ଼ିକୁ ଦିଆଯାଇଥିବା ଅର୍ଥ, ଡିଟିପି ଓ ଡିଜାଇନିଂ ଟେଣ୍ଡର ପ୍ରକ୍ରିୟା, ଏବଂ ଓସେପାର ଆର୍ଥିକ କାରବାରର ମଧ୍ୟ ଚିକିନିଖି ଯାଞ୍ଚ କରାଯିବ।ତଦନ୍ତରେ ଏସ୍‌ସିଇଆରଟି, ରାଜ୍ୟ ଷ୍ଟିୟରିଂ କମିଟି, କୋର କମିଟି, ସମ୍ପାଦନା ଓ ସମୀକ୍ଷକ ମଣ୍ଡଳୀଙ୍କ ଭୂମିକାକୁ ମଧ୍ୟ ଖତିଆନ କରାଯିବ। ବିଶେଷକରି ଏନସିଇଆରଟି ଛବି କିପରି ଓଡ଼ିଆ ପାଠ୍ୟପୁସ୍ତକରେ ସ୍ଥାନ ପାଇଲା, ସେଥିପାଇଁ ସ୍ୱତନ୍ତ୍ର ଭାବେ ଅନୁଧ୍ୟାନ ହେବ। ତଦନ୍ତ ଶେଷ ହେବା ପରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି।

## ୧୫ ବର୍ଷର ଚାକିରିରେ କୋଟି କୋଟି ଟଙ୍କାର ସମ୍ପତ୍ତି

# ଭିଜିଲାନ୍ସ ଜାଲରେ ଆଇଟିଡିଏ ନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର,୧୩।୦୭(ନି.ପ୍ର.) : ଭିଜିଲାନ୍ସ ଜାଲରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ନିର୍ବାହୀ ଯନ୍ତ୍ରୀ ତଥା ପୂର୍ବତନ କୋରାପୁଟ ଆଇଟିଡିଏର ପୂର୍ବତନ ସହକାରୀ ଯନ୍ତ୍ରୀ ସଞ୍ଜୟ କିସପେଟା । ଆୟବହିର୍ଭୂତ ସମ୍ପତ୍ତିଠୁଳ ଅଭିଯୋଗରେ ବଡ଼ ଧରଣର ଚଢ଼ାଉ କରିଛି ଓଡ଼ିଶା ଭିଜିଲାନ୍ସ । ରାଜ୍ୟର ୭ଟି ସ୍ଥାନରେ ଏକକାଳୀନ ତଲାସି ଜାରି ରହିଥିବା ବେଳେ ବହୁ ମୂଲ୍ୟବାନ ସମ୍ପତ୍ତି ଓ ଦସ୍ତାବିଜ ଠାବ କରାଯାଇଛି । ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ୬ ଜଣ ଡିଏସପି, ୮ ଜଣ ଇନ୍ସପେକ୍ଟର, ୭ ଜଣ ଏଏସଆଇ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ସଞ୍ଜୟ କୁମାର କିସପେଟାଙ୍କ ସହ ସମ୍ପୃକ୍ତ ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା।



ଏହି ତଲାସି କୋରାପୁଟର ଭଡ଼ା ଘର, କୁମ୍ଭା-୧ ମୌଜାରେ ଥିବା ୪ ମହଲା ହୋଟେଲ, କୁମ୍ଭା-୨ରେ ନିର୍ମାଣାଧୀନ ବାସଭବନ, ସୁନ୍ଦରଗଡ଼ର ପୈତୃକ ଘର ଓ ନିର୍ମାଣାଧୀନ ୩ ମହଲା କୋଠା ସହ ଭୁବନେଶ୍ୱର ଓ ବଲାଙ୍ଗିରର ସରକାରୀ ବାସଭବନ ଏବଂ କାର୍ଯ୍ୟାଳୟରେ କରାଯାଇଥିଲା।କୋରାପୁଟରେ ୫ଟି ଫ୍ଲାଟ୍, ଭୁବନେଶ୍ୱରରେ ଗୋଟିଏ ଫ୍ଲାଟ୍ ଏବଂ ରାଉରକେଲାର ଲହୁଣୀପଡ଼ାରେ ୨ଟି ଦାମୀ ଫ୍ଲାଟ୍ ଠାବ କରାଯାଇଛି। ଏହାଛଡ଼ା କୋରାପୁଟରେ ଥିବା ୪ ମହଲା ବିଶିଷ୍ଟ ବିଳାସପୂର୍ଣ୍ଣ ହୋଟେଲ, ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ବୋଲି ଭିଜିଲାନ୍ସ ସୂଚନା ଦେଇଛି।

ତଲାସି ବେଳେ ଦୁଇଟି ଦାମୀ କାର, ଗୋଟିଏ ବୁଲେଟ , ଗୋଟିଏ ସ୍କୁଟି, ବହୁ ପରିମାଣର ସୁନା ଓ ରୁପା ଅଳଙ୍କାର, ବିଭିନ୍ନ ଜୀବନ ବୀମା ସମ୍ବନ୍ଧୀୟ କାଗଜପତ୍ର ଏବଂ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଠାବ ହୋଇଛି । ତଲାସି ଏବେ ବି ଜାରି ରହିଛି। ସମସ୍ତ ସମ୍ପତ୍ତିର ମୂଲ୍ୟାଙ୍କନ ଓ ଯାଞ୍ଚ ଶେଷ ହେବା ପରେ ଜବତ ସାମଗ୍ରୀ ଓ ଆୟବହିର୍ଭୂତ ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ ସହ ବିସ୍ତୃତ ରିପୋର୍ଟ ପ୍ରକାଶ କରାଯିବ।

କହି ରଖୁଛୁ କି, ସଞ୍ଜୟ କୁମାର କିସ୍ପଟ୍ଟା ୨୦୧୧ ମସିହାରେ ଜଳ ସମ୍ପଦ ବିଭାଗ ଅଧୀନରେ ସହକାରୀ ଯନ୍ତ୍ରୀ ଭାବରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ ଏବଂ ୯୩୦୦ ଟଙ୍କା ଦରମାରେ କୋରାପୁଟ ଜିଲ୍ଲାର ନାରାୟଣପାଟଣା ବ୍ଲକରେ ନିଯୁକ୍ତି ପାଇଥିଲେ। ୨୦୧୬ ମସିହାରେ, ତାଙ୍କୁ ନିୟମିତ କରାଯାଇଥିଲା ଏବଂ ୨୦୧୮ ପର୍ଯ୍ୟନ୍ତ ନାରାୟଣପାଟଣା ବ୍ଲକରେ ସମାନ ପଦବୀରେ କାର୍ଯ୍ୟ ଜାରି ରଖିଥିଲେ। ୨୦୧୮ ରୁ ୨୦୨୧ ପର୍ଯ୍ୟନ୍ତ, ତାଙ୍କୁ କୋରାପୁଟ ଜିଲ୍ଲାର ପଟାଙ୍ଗି ବ୍ଲକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ ବଦଳି କରାଯାଇଥିଲା। ୨୦୨୧ ରୁ ଫେବ୍ରୁଆରି ୨୦୨୫ ପର୍ଯ୍ୟନ୍ତ, ତାଙ୍କୁ କୋରାପୁଟର ଆଇଟିଡିଏ ରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ ନିଯୁକ୍ତି ଦିଆଯାଇଥିଲା। ୬ ମାର୍ଚ୍ଚ ୨୦୨୬ରେ, ତାଙ୍କୁ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ଦିଆଯାଇ ଭୁବନେଶ୍ୱରର ଓଡ଼ିଶା ନିର୍ମାଣ ନିଗମ (ଓସିସି) ଲିମିଟେଡରେ ନିଯୁକ୍ତି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ, ତାଙ୍କୁ ବଲାଙ୍ଗୀରର ଓସିସିଲିମିଟେଡରେ ଡେପୁଟେସନ କରାଯାଇଥିଲା, ଯେଉଁଠାରେ ସେ ବର୍ତ୍ତମାନ ନିର୍ବାହୀ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ଆଜି ପର୍ଯ୍ୟନ୍ତ ଏହି ପଦବୀରେ ଅଛନ୍ତି।

# ଜିନ୍ଦଲ୍ ଷ୍ଟେନଲେସ ଫାଉଣ୍ଡେସନ ସହାୟତାରେ ସିଲେଇ ପ୍ରଶିକ୍ଷଣ କେନ୍ଦ୍ର

ଯାଜପୁର, ୧୩।୦୭(ନି.ପ୍ର):: ମହିଳା ସଶକ୍ତିକରଣ ଏବଂ ସ୍ଥାୟୀ ଜୀବିକା ସୃଷ୍ଟି ପ୍ରତି ଏହାର ପ୍ରତିବଦ୍ଧତା ଅନୁଯାୟୀ, ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ (ଜେଏସଏଫ) ଶନିବାର ଦିନ ଯାଜପୁର ଜିଲ୍ଲାର କୋରେଇ ବ୍ଲକ ଅନ୍ତର୍ଗତ ପାଟରଙ୍ଗା ଗ୍ରାମରେ ମହିଳାମାନଙ୍କ ପାଇଁ ଏକ ସିଲାଇ ତାଲିମ କେନ୍ଦ୍ର ଉଦଘାଟନ କରିଛି। ପାଟରଙ୍ଗା ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀ ରଞ୍ଜନ କୁମାର ଦାସ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତି ଏବଂ ସମ୍ପ୍ରଦାୟର ସଦସ୍ୟଙ୍କ ଉପସ୍ଥିତିରେ ଏହି ତାଲିମ କେନ୍ଦ୍ରର ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ୬୦ ରୁ ଅଧିକ ମହିଳା ନାମ ଲେଖାଇଛନ୍ତି, ଯାହା ଦୁଇଟି ବ୍ୟାଚରେ ଛଅ ମାସ ଧରି ଅନୁଷ୍ଠିତ ହେବ।

ଏହି ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ମହିଳାମାନଙ୍କୁ ବ୍ୟବହାରିକ ସିଲାଇ କୌଶଳରେ ସଜ୍ଜିତ କରିବା, ସେମାନଙ୍କୁ ସ୍ୱାବଲମ୍ବୀ ହେବା ଏବଂ ଜୀବିକା ନିର୍ବାହର ସୁଯୋଗ ଅନୁସନ୍ଧାନ କରିବା। ଅଂଶଗ୍ରହଣକାରୀମାନେ ସାୟା, ବ୍ଲାଉଜ୍, କୁର୍ତ୍ତି, ଫ୍ରକ୍, ତକିଆ କଭର, ସ୍କୁଲ ୟୁନିଫର୍ମ ଏବଂ ଅନ୍ୟାନ୍ୟ ପୋଷାକ ସମେତ ବିଭିନ୍ନ ପୋଷାକ ଏବଂ ଉପଯୋଗୀ ସାମଗ୍ରୀ ସିଲାଇ କରିବାରେ ହାତପାହାନ୍ତା ତାଲିମ ପାଇବେ। ସମାବେଶକୁ ସମ୍ବୋଧିତ କରି, ସମିତି ସଦସ୍ୟ ଶ୍ରୀ କୁଶ ମୁଣ୍ଡା ମହିଳାମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ଏବଂ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଶ୍ରୀ ରଞ୍ଜନ କୁମାର ଦାସ ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ଦ୍ୱାରା ଗ୍ରହଣ କରାଯାଇଥିବା ସାମୁହିକ ବିକାଶ ପଦକ୍ଷେପଗୁଡ଼ିକୁ ପ୍ରଶଂସା କରିଥିଲେ। ସେ ପ୍ରତି ବୁଧବାର ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ମାଗଣା ସାପ୍ତାହିକ ସ୍ୱାସ୍ଥ୍ୟ ଶିବିର ଏବଂ ଶିବ ମନ୍ଦିର ପରିସରରେ ସୀମା ପ୍ରାଚୀର ନିର୍ମାଣ ସମେତ ବିଭିନ୍ନ ଜନହିତକର କାର୍ଯ୍ୟକଳାପ ବିଷୟରେ ମଧ୍ୟ ଗ୍ରାମବାସୀଙ୍କୁ ସୂଚନା ଦେଇଥିଲେ, ଯାହା ସ୍ଥାନୀୟ ସମ୍ପ୍ରଦାୟକୁ ଯଥେଷ୍ଟ ଲାଭ ଦେଇଛି। ଉଦଘାଟନ ଉତ୍ସବରେ ହେମନ୍ତ କୁମାର ବାହାଲିଆ, ବିଜୟଲକ୍ଷ୍ମୀ ପଣ୍ଡା, ଶ୍ରୀମତୀ ସୁଭାସ୍ମିତା ପଣ୍ଡା, ରବିନ୍ଦ୍ର ପାତ୍ର, ସସ୍ମିତାବାଳା ସାମଲ, ଶ୍ରୀମତୀ ଲାବାଣୀ ତରାଇ ଏବଂ ଶ୍ରୀମତୀ ଗୀତାଞ୍ଜଳି ମହାନ୍ତି, ସିଲାଇ ପ୍ରଶିକ୍ଷକଙ୍କ ସମେତ ବହୁ ସଂଖ୍ୟକ ମହିଳା ହିତାଧିକାରୀ ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ଏହିପରି ପଦକ୍ଷେପ ମାଧ୍ୟମରେ, ଜିନ୍ଦଲ ଷ୍ଟେନଲେସ୍ ଫାଉଣ୍ଡେସନ୍ ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ ଏବଂ ସ୍ଥାୟୀ ସାମୁହିକ ବିକାଶକୁ ପ୍ରୋତ୍ସାହିତ କରିଚାଲିଛି, ଗ୍ରାମୀଣ ମହିଳାମାନଙ୍କ ପାଇଁ ସେମାନଙ୍କର ଜୀବିକା ବୃଦ୍ଧି କରିବା ଏବଂ ଆର୍ଥିକ ସ୍ୱାଧୀନତା ହାସଲ କରିବାର ସୁଯୋଗ ସୃଷ୍ଟି କରୁଛି।



# ରାମ ମନ୍ଦିର ଟ୍ରଷ୍ଟକୁ ନୋଟିସ ଜାରି କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୩।୭: ଅଯୋଧ୍ୟା ରାମ ମନ୍ଦିରରେ ଭକ୍ତଙ୍କ ଦାନ ଅର୍ଥ ହେରଫେର ଓ ଚୋରି ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଛି। ସୁପ୍ରିମକୋର୍ଟ ଏହି ମାମଲାରେ ସୋମବାର ଶୁଣାଣି କରି ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ନୋଟିସ୍ ଜାରି କରିଛି। ଏହା ସହ ଏସଆଇଟିକୁ ମାମଲାର ଯାଞ୍ଚ କରିବାକୁ ରିପୋର୍ଟ ମଧ୍ୟ ମାଗିଛି। କୋର୍ଟ କହିଛି, ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସୋମବାର କରାଯିବ।ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲାରେ ଶୁଣାଣି କରୁଥିବା ପ୍ରଧାନ ବିଚାରପତି ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ବି. ମୋହନଙ୍କ ଖଣ୍ଡପୀଠ ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏସଆଇଟି ଷ୍ଟାଟସ ରିପୋର୍ଟ ମାଗିଛି। କୋର୍ଟ କହିଛି ଆମେ ଉତ୍ତର ପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସଆଇଟି ଷ୍ଟାଟସ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛୁ। ଏହି ମାମଲାର ଆଗାମୀ ଶୁଣାଣି ପାଇଁ ସୋମବାର ଲିଷ୍ଟ କରାଯାଉ ଓ ଷ୍ଟାଟସ୍ ରିପୋର୍ଟରେ ଏସଆଇଟି ଗଠନର ସୂଚନା ବି ଦିଆଯାଉ। ଶୁଣାଣି ବେଳେ ଓକିଲ କୋର୍ଟଙ୍କୁ କହିଛନ୍ତି, ଏହି ମାମଲାରେ ଯାଞ୍ଚ ପାଇଁ ଉତ୍ତର ପ୍ରଦେଶ ସରକାର ଏସଆଇଟି ଗଠନ କରିଛନ୍ତି। ଏହା ଉପରେ ସଲିସିଟର ଜେନେରାଲ କହିଛନ୍ତି, ସେ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ହାଜର ହୋଇଛନ୍ତି। କୋର୍ଟ ତାଙ୍କୁ ଯେତେବେଳେ ପଚାରିଥିଲେ ସେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ନୋଟିସ୍ ସ୍ୱୀକାର କରିବେ। ଯାହା ଉପରେ ସେ ସହମତି ପ୍ରକାଶ କରିଛନ୍ତି। ତେବେ ପରେ କୋର୍ଟ ସ୍ପଷ୍ଟ କରିଛନ୍ତି ବର୍ତ୍ତମାନ କେବଳ ଟ୍ରଷ୍ଟକୁ ନୋଟିସ୍ ଜାରି କରାଯିବ। ଯାହାକୁ ନେଇ ସେ ସହମତି ପ୍ରକାଶ କରିଥିଲେ। ତେବେ ପରେ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ କେବଳ ଟ୍ରଷ୍ଟକୁ ନୋଟିସ୍ ଜାରି କରାଯାଉଛି।

# ଓଡ଼ିଶାରେ କରୋନା ଭୟ

ଭୁବନେଶ୍ୱର୧୩।୦୭(ନି.ପ୍ର): କିଛି ବର୍ଷର ବ୍ୟବଧାନ ପରେ ପୁଣି ଘାରିଲା କୋଭିଡ୍ ଭୟ। ଆନ୍ଧ୍ରର କଡପା ଜିଲ୍ଲାରେ କୋଭିଡ୍‌ରେ ୨ଜଣଙ୍କ ମୃତ୍ୟୁ ଓ ୮ଜଣ ଆକ୍ରାନ୍ତ ଚିହ୍ନଟ ହେବା ପରେ ଓଡିଶାରେ ଚିନ୍ତା ବଢ଼ିଛି। ବିଶେଷକରି ଆନ୍ଧ୍ର ସୀମାନ୍ତ ଜିଲ୍ଲାଗୁଡିକ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ସନ୍ଦିଗ୍ଧ କରୋନା ଆକ୍ରାନ୍ତଙ୍କ ପରୀକ୍ଷା ପାଇଁ ଆବଶ୍ୟକ ସଂଖ୍ୟକ କିଟ୍ ମହଜୁଦ ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ତେବେ ଆଉ ଦୁଇଦିନ ପରେ ଓଡିଶାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଏଠାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେଉଥିବାରୁ ଓଡିଶାରେ କୋଭିଡ୍ ସଂକ୍ରମଣ ବଢ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି।



ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ରବୀନ୍ଦ୍ରନାଥ ମିଶ୍ର କହିଛନ୍ତି, କୋଭିଡ୍‌କୁ ନେଇ ସର୍ବଦା ସତର୍କତା ଚାଲୁ ରହିଛି। ରାଜ୍ୟରେ ବର୍ତ୍ତମାନ ଯେଉଁ ଲୋକଙ୍କ କୋଭିଡ୍ ଟେଷ୍ଟିଂ ହେଉଛି, କେହି ବି ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। କୋଭିଡ୍ ନିୟମାବଳୀକୁ ପାଳନ କରିବା ଲାଗି ଓଡିଶାର ସୀମାନ୍ତ ଜିଲ୍ଲା ସହ ଅନ୍ୟ ସିଡିଏମ୍‌ଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ଟେଷ୍ଟ କରାଯାଉଛି। ପଡାଶୀ ରାଜ୍ୟଗୁଡିକରୁ ଲୋକଙ୍କ ଯିବା ଆସିବା ଲାଗି ରହିଛି। ତେବେ ଯେଉଁମାନଙ୍କର କୋଭିଡ୍ ଲକ୍ଷଣ ରହିଛି ସେମାନେ ନିକଟସ୍ଥ ଡାକ୍ତରଖାନାରେ ପରୀକ୍ଷା କରାଇନେବା ଉଚିତ୍। ଓଡିଶାରେ ବର୍ତ୍ତମାନସୁଦ୍ଧା କେହି କରୋନା ପଜିଟିଭ୍ ଚିହ୍ନଟ ହୋଇ ନ ଥିବାରୁ ଜନସାଧାରଣ ବ୍ୟସ୍ତ ହେବାର କେଣସି କାରଣ ନାହିଁ।ପ୍ରଫେସର ଡା.ଜୟନ୍ତ ପଣ୍ଡା କହିଛନ୍ତି, କେବଳ ଆନ୍ଧ୍ର ନୁହେଁ, ତାମିଲନାଡୁର କୋଏମ୍ବାଟୁରରେ ମଧ୍ୟ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ଯଦିଓ ଏହା କିଛି ପକେଟ୍‌ରେ ହୋଇଛି ତଥାପି ଲୋକଙ୍କୁ ପୂର୍ବଭଳି ସତର୍କତା ଅବଲମ୍ବନ କରିବାକୁ ପଡିବ। ଏସବୁ ସଂକ୍ରମଣ କୋଭିଡ୍‌ର ନୂଆ ପ୍ରଜାତି ପାଇଁ ହୋଇଛି କି ନାହିଁ ତାହା ଜାଣିବାକୁ ବେଶ୍ କିଛି ସମୟ ଲାଗିବ। ଇମର୍ଜିଂ ଭାଇରାଲ ଇନ୍‌ଫେକ୍ସନ୍ କାରଣରୁ ମଝିରେ ମଝିରେ ଏଭଳି ସଂକ୍ରମଣ ଦେଖିବାକୁ ମିଳିବ। ଏ ଦୃଷ୍ଟିରୁ ଆବଶ୍ୟକ ପଡିଲେ ଲୋକଙ୍କୁ କୋଭିଡ୍‌ର ଆଉ ଏକ ଡୋଜ୍ ମଧ୍ୟ ନେବାକୁ ପଡିପାରେ।

# କେନ୍ଦୁପତ୍ର ତୋଳାଳୀମାନଙ୍କ ପାଇଁ ୨୫% ବୋନସ୍

**ଭୁବନେଶ୍ୱର,**୧୩।୦୭(ନି.ପ୍ର): ରାଜ୍ୟର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳୀ, ବନ୍ଧାଳୀ ଓ ସିଜିନାଲ୍ ଷ୍ଟାଫଙ୍କ କଲ୍ୟାଣ ପାଇଁ ସେମାନଙ୍କ ବୋନସ ଓ ପ୍ରୋତ୍ସାହନ ରାଶି ପ୍ରଦାନକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି। ଏହା ସହିତ କେରି ଓ ଫାଳର ମୂଲ୍ୟରେ ମଧ୍ୟ ବୃଦ୍ଧି କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରୋସେସ ଏରିଆରେ କେନ୍ଦୁପତ୍ର କେରି (୨୦ଟି) ପିଛା ମୂଲ୍ୟ ୧୦ ପଇସା ବୃଦ୍ଧି କରାଯାଇଥିବା ବେଳେ ଫାଳ (୪୦ଟି) ପିଛା ମୂଲ୍ୟ ୨୦

- କେନ୍ଦୁପତ୍ର କେରି ପିଛା ୧୦ ପଇସା ବୃଦ୍ଧି
- ଫାଳ ପିଛା ୨୦ ପଇସା ବୃଦ୍ଧି
- ବନ୍ଧାଳୀ ଓ ସିଜିନାଲ୍ ଷ୍ଟାଫଙ୍କ ପାଇଁ ୫ ପ୍ରତିଶତ ପ୍ରୋତ୍ସାହନ ରାଶି



ପଇସା ବୃଦ୍ଧି କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ୧୦.୭୮ କୋଟି ଟଙ୍କା ଖର୍ଚ୍ଚ ବହନ କରିବେ।

ସେହିପରି କେନ୍ଦୁପତ୍ର ତୋଳାଳୀମାନଙ୍କ ପାଇଁ ୨୫ ପ୍ରତିଶତ ବୋନସ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ବନ୍ଧାଳୀ ଓ ସିଜିନାଲ୍ ଷ୍ଟାଫଙ୍କ ପାଇଁ ୫ ପ୍ରତିଶତ ପ୍ରୋତ୍ସାହନ ରାଶି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ୬୪ କୋଟି ଟଙ୍କା ବହନ କରିବେ। ରାଜ୍ୟ ସରକାର ସମୁଦାୟ ୭୪.୭୮ କୋଟି ଟଙ୍କା ଖର୍ଚ୍ଚ କରିବେ।



## ଈଶ୍ୱରଙ୍କ ଅନୁଭବ



ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ସେ ମନରେ ପ୍ରଭୁଙ୍କର ଏକ ଚିତ୍ର ଆଙ୍କିଦେଇଥିଲେ । ଦିନେ ସେହି ବ୍ୟକ୍ତିଜଣକ ଡାକିଲେ, ହେ ଈଶ୍ୱର ମୋ ସହ କଥା ହୁଅନ୍ତୁ । ଏହି ସମୟରେ ଏକ ପକ୍ଷୀ ରାବ କଲା । କିନ୍ତୁ ସେ ଶୁଣିପାରିଲେ ନାହିଁ । ସେ ପୁଣି ଥରେ ଜୋର୍‌ରେ ଈଶ୍ୱରଙ୍କୁ ଡାକିଲେ । ଏହି ସମୟରେ ଆକାଶରେ କିଛି ବାଦଲ ଗର୍ଜିଲା । ସେ ବ୍ୟକ୍ତିଜଣଙ୍କ ଚାରି ଆଡ଼କୁ ଚାହିଁଲେ ଏବଂ କହିଲେ, ଭଗବାନ ଦୟାକରି ମୋ ସମ୍ମୁଖକୁ ଆସନ୍ତୁ । ସେ ଏତକ କହିବା କ୍ଷଣି ଆକାଶରୁ ବାଦଲ ହଟିଗଲା ଏବଂ ସୂର୍ଯ୍ୟ ଚମକିବାକୁ ଲାଗିଲେ । ଶେଷରେ ସେହି ବ୍ୟକ୍ତିଜଣକ ଖୁବ୍ ଜୋରରେ ଚିଲ୍ଲାଇ କହିଲେ ଭଗବାନ ମୋତେ କୌଣସି ଚମତ୍କାର ଦେଖାନ୍ତୁ । ଏହି ସମୟରେ ଏକ ଶିଶୁ ଜନ୍ମ ନେଲା ଏବଂ ତା'ର ପ୍ରଥମ ରୋଦନ ବ୍ୟକ୍ତିଜଣଙ୍କୁ ଶୁଣାଗଲା । କିନ୍ତୁ ସେ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ଏବେ ସେହି ବ୍ୟକ୍ତିଜଣଙ୍କ କାନ୍ଦିବାକୁ ଲାଗିଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ- ହେ ଭଗବାନ ମୋତେ ଥରେ ଛୁଇଁ ଦିଅନ୍ତୁ, ଯାହାଦ୍ୱାରା ମୁଁ ଜାଣିପାରିବି ଯେ ଆପଣ ମୋ ପାଖରେ ଅଛନ୍ତି ବୋଲି । ତାଙ୍କ କଥା ନସରୁଣୁ ପ୍ରଜାପତିଟିଏ ଆସି ତାଙ୍କ ହାତରେ ବସିଗଲା । କିନ୍ତୁ ବ୍ୟକ୍ତିଜଣକ ସେହି ପ୍ରଜାପତିକୁ ଉଡ଼ାଇ ଦେଲେ ଏବଂ ଉଦାସ ମନରେ ଆଗକୁ ଚାଲିଲେ । ଭଗବାନ ଏତେ ରୂପରେ ସେହି ବ୍ୟକ୍ତି ଜଣଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କଲେ । କିନ୍ତୁ ସେ ଈଶ୍ୱରଙ୍କୁ ଚିହ୍ନି ପାରିଲେ ନାହିଁ । କାରଣ ତାଙ୍କ ମନରେ ଈଶ୍ୱରଙ୍କ ଅନୁଭବ ନଥିଲା । ଈଶ୍ୱର ପ୍ରତ୍ୟେକ ସ୍ଥାନରେ ରହିଛନ୍ତି । ସେ ଭିନ୍ନ ଭିନ୍ନ ରୂପରେ ଆମ ନିକଟକୁ ଆସିଥାନ୍ତି । ଆମେ କେବଳ ତାଙ୍କୁ ଚିହ୍ନି ପାରିବା ଆବଶ୍ୟକ

# ଭାଇରାଲ ଜ୍ୱରରେ ଅବହେଳା ବିପଦଜନକ



ଭାଇରାଲ ଜ୍ୱରରେ କୌଣସି ପ୍ରକାରର ଅବହେଳା ପୀଡ଼ିତଙ୍କ ନିମନ୍ତେ ବିପଦଜନକ ସାବ୍ୟସ୍ତ ହୋଇପାରେ । ଭାଇରାଲ ଜ୍ୱର ଯଦି ୩ ଦିନରେ ନିୟନ୍ତ୍ରିତ ନ ହେଲା ତେବେ ତୁରନ୍ତ ଡେଙ୍ଗୁ, ଚିକେନଗୁନିଆ ଯାଞ୍ଚ କରାଇ ଚିକିତ୍ସାର ବ୍ୟବସ୍ଥା କରନ୍ତୁ । ଏହାକୁ ଅଣଦେଖା କଲେ ଜ୍ୱରରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଜୀବନ ଉପରକୁ ବିପଦ ଘନେଇପାରେ ବୋଲି ବିଶେଷଜ୍ଞ ସତର୍କ କରିଛନ୍ତି । ବର୍ତ୍ତମାନ ସମୟରେ ହସ୍ପିଟାଲ ପହଞ୍ଚୁଥିବା ପ୍ରାୟ ୨୫ ପ୍ରତିଶତ ରୋଗୀ ଭାଇରାଲ ଜ୍ୱରରେ ଆକ୍ରାନ୍ତ । ବଦଳୁଥିବା ପାଣିପାଗ ଏପରି ଜ୍ୱର ବ୍ୟାପିବାର ମୁଖ୍ୟ କାରଣ କୁହାଯାଉଛି । ଏହି ଜ୍ୱରରୁ ଶିଶୁ, କିଶୋର ଓ ବୟସ୍କ ଲୋକେ ମଧ୍ୟ ବାଦେ ପଡୁ ନାହାନ୍ତି । ଏହା ଆଡୁଆଳରେ ଡେଙ୍ଗୁ ଓ ଚିକନ ଗୁନିଆ ହେବାର ବିପଦ ରହୁଛି । ଏଣୁ ଜ୍ୱରରେ ଚିକିତ୍ସା ପାଇଁ ପହଞ୍ଚୁଥିବା ଲୋକଙ୍କ ମଧ୍ୟରୁ ୧୫ ପ୍ରତିଶତ ଭାଇରାଲରେ ଆକ୍ରାନ୍ତ ରହୁଥିବା ଜଣାପଡିଛି । ଏପରି ଲୋକଙ୍କ ସ୍ୱତନ୍ତ୍ର ଚିକିତ୍ସା ସହିତ ଦେଖରେଖର ମଧ୍ୟ ଆବଶ୍ୟକତା ରହୁଛି । ଯଦି ଘରେ କାହାରିକୁ ଭାଇରାଲ ଜ୍ୱର ହେଉଛି ତେବେ ତାଙ୍କ ପିଇବା ପାଣି ସିଝାଇ ଥଣ୍ଡାକରି ପିଇବାକୁ ଦିଅନ୍ତୁ । ଡାକ୍ତରଙ୍କ ପରାମର୍ଶ ମୁତାବକ ନିର୍ଦ୍ଧାରିତ ସମୟରେ ଔଷଧ ଖଆନ୍ତୁ । ଏହା ବାଦେ ଯଦି ଜ୍ୱର ୩ ଦିନ ମଧ୍ୟରେ ନ ଛାଡୁଛି ତେବେ ପୁଣି ଡାକ୍‌ତରଙ୍କ ପରାମର୍ଶ କରି ଆବଶ୍ୟକ ପରୀକ୍ଷା ନିରୀକ୍ଷା କରନ୍ତୁ । ଭାଇରାଲ ଜ୍ୱର ଗୋଟିଏ ଗୋଟିଏ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଆକ୍ରାନ୍ତ କରୁଛି । ଏଥିରେ ଶିଶୁ ଓ ବୟସ୍କ ଲୋକେ ବିଶେଷ ପ୍ରଭାବିତ ହେଉଛନ୍ତି । ଏଣୁ ଔଷଧ ଦୋକାନରେ ଲକ୍ଷଣ କହି ଔଷଧ ଆଣି ଚିକିତ୍ସା କରାଇବା ବଦଳେ ଜ୍ୱାରରେ ପୀଡ଼ିତଙ୍କୁ ହସ୍ପିଟାଲ ନେଇ ଡାକ୍ତର ଦେଖାଇ ତାଙ୍କ ପରାମର୍ଶ ମୁତାବକ ଦେଖରେଖ ଓ ଚିକିତ୍ସା କରନ୍ତୁ । ଏଥିରେ ଯଦି କାହାରିଠାରେ ଡେଙ୍ଗୁ କି ଚିକନଗୁନିଆ ପରୀକ୍ଷଣରେ ଆସୁଛି ତେବେ ବିଲମ୍ବ ନ କରି ତୁରନ୍ତ ଉପଚାର ବ୍ୟବସ୍ଥା କରନ୍ତୁ । ଭାଇରାଲ ଜ୍ୱରରେ ଆକ୍ରାନ୍ତ ଲୋକଙ୍କୁ ଖାଦ୍ୟରେ ଡାଲି ଓ ସବୁଜ ପନିପରିବା ପ୍ରସ୍ତୁତ ତରକାରୀ ଖାଇବାକୁ ଦିଅନ୍ତୁ । ରୋଗୀଙ୍କୁ ମସାରୀ ମଧ୍ୟରେ ରଖିବାକୁ ଚେଷ୍ଟା କରନ୍ତୁ । ୩ରୁ ୪ ଦିନ ମଧ୍ୟରେ ଯଦି ଜ୍ୱର ଉପସମ ନ ହେଲା ତେବେ ନିଶ୍ଚିତ ଡାକ୍ତରଙ୍କ ପରାମର୍ଶରେ ଯାଞ୍ଚ କରି ଯାଞ୍ଚ ରିପୋର୍ଟ ଅନୁସାରେ ଚିକିତ୍ସା କରାନ୍ତୁ । ଜ୍ୱରକୁ ଅବହେଳା କରନ୍ତୁ ନାହିଁ ।

# ଘିଅ ଖାଆନ୍ତୁ, ଓଜନ କମାନ୍ତୁ; ଜାଣନ୍ତୁ କେଉଁ ସମୟରେ ଘିଅ ଖାଇବା ଶରୀର ପାଇଁ ଅଧିକ ହିତକର



ଘିଅ ଶରୀର ପାଇଁ ହିତକର । କିନ୍ତୁ ଘିଅ ସାଧାରଣତଃ ଖାଲି ପେଟରେ ଖାଇବା ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ହୋଇପାରେ । ସକାଳ ଜଳଖିଆ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଯଦି ଆପଣ ଜଳଖିଆ ପୂର୍ବରୁ ଖାଲି ପେଟରେ ଘି ଖାଆନ୍ତି, ତେବେ ଆପଣ କେବଳ ସୁସ୍ଥ ରହିବେ ନାହିଁ ବରଂ ଫିଟ୍, ଚତୁର ଏବଂ ସୁସ୍ଥ ମଧ୍ୟ ରହିବେ । ଯଦି ଆପଣ ପ୍ରତିଦିନ ଏକ ଚାମଚ ଘିଅ ଖାଉଛନ୍ତି, ତେବେ ଶରୀର ସହିତ ଜଡିତ ସମସ୍ତ ଛୋଟ ଏବଂ ବଡ ରୋଗ ସବୁଦିନ ପାଇଁ ଭଲ ହୋଇପାରିବ । ଖାଲି ପେଟରେ ଘିଅ ଖାଇବା ଦ୍ୱାରା ଶରୀରର ଚର୍ବି କମିଯାଏ, ଓଜନ ହ୍ରାସ ହେବା ସହିତ ଏହା ହଜମ ହେବା ସହିତ କେଶ ଏବଂ ଚର୍ମ ପାଇଁ ମଧ୍ୟ ଲାଭଦାୟକ ଅଟେ । ତେଣୁ ଚାଲନ୍ତୁ ଜାଣିବା ସକାଳେ ଖାଲି ପେଟରେ ଘିଅ ଖାଇବା ଦ୍ୱାରା କଣ ସବୁ ଉପକାରିତା ମିଳିଥାଏ ।

୧.ତ୍ୱଚା ପାଇଁ ଖୁବ୍ ଉପକାରୀ ଘିଅ- ଆପଣ ଘିଅକୁ ମେଦବହୁଳତା ସହିତ ଯୋଡିପାରନ୍ତି, କିନ୍ତୁ ଘିଅ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ଘିଅ ଖାଇବା ଦ୍ୱାରା କୋଷଗୁଡ଼ିକ ପୁନଃଜୀବିତ ହୋଇପାରିବ । ଏହା ଆପଣଙ୍କ ତ୍ୱଚାକୁ ଚମକାଇବାରେ ସାହାଯ୍ୟ କରିଥାଏ ।

୨. ଆର୍ଥ୍ରାଇଟିସରେ ଲାଭଦାୟକ - ଖାଲି ପେଟରେ ଘିଅ ଖାଇବା ଦ୍ୱାରା ଆର୍ଥ୍ରାଇଟିସରୁ ମୁକ୍ତି ମିଳିଥାଏ । ଗଣ୍ଠି ଯନ୍ତ୍ରଣାରୁ ଆପଣ ଆରାମ ମଧ୍ୟ ପାଇପାରିବେ । ଘିଅରେ ଓମେଗା ଫ୍ୟାଟି ଏସିଡ୍ ମଧ୍ୟ ଥାଏ ଯାହା ଅଷ୍ଟିଓପୋରୋସିସ୍ ହେବାର ସମ୍ଭାବନାକୁ ହ୍ରାସ କରିଥାଏ ।

୩.ମନକୁ ସକ୍ରିୟ ରଖେ- ମସ୍ତିଷ୍କକୁ ସକ୍ରିୟ ରଖିବାରେ ଘିଅ ସହାଯ୍ୟ କରିଥାଏ । ସକାଳେ ଖାଲି ପେଟରେ ଘିଅ ଖାଇଲେ, ଏହା ମସ୍ତିଷ୍କର କୋଷଗୁଡ଼ିକ ସକ୍ରିୟ ହୋଇଥାଏ । ଯେଉଁଥିପାଇଁ ସ୍ମରଣ ଶକ୍ତି ବଢ଼ିଥାଏୟ ଅଲଜାଇମର ପରି ସମସ୍ୟା ସହ ଲଢ଼ିବାରେ ମଧ୍ୟ ଏହା ସାହାଯ୍ୟ କରିଥାଏ ।




୪. ଓଜନ ହ୍ରାସ କରିବାରେ ଲାଭଦାୟକ - ସକାଳେ ଖାଲି ପେଟରେ ଗୋଟିଏ ଚାମଚ ଘିଅ ଖାଇବା ମଧ୍ୟ ଓଜନ ହ୍ରାସ କରିଥାଏ । ଲୋକଙ୍କ ମଧ୍ୟରେ ଏହା ଏକ ବଡ ଭୁଲ ଧାରଣା ଯେ ଘିଅ ବ୍ୟବହାର କରିବା ଦ୍ୱରା ସେମାନଙ୍କର ଓଜନ ବଢ଼ିଥାଏ, କିନ୍ତୁ ଯଦି ଆପଣ ପ୍ରତିଦିନ ସକାଳେ ଖାଲି ପେଟରେ ୫ ରୁ ୧୦ ଏମଏଲ୍ ଘିଅ ସେବନ କରୁଛନ୍ତି, ଏହା ଆପଣଙ୍କ ମେଟାବୋଲିକ୍ ହାର ବଢାଇଥାଏ ଏବଂ ଆପଣଙ୍କ ଓଜନ ହ୍ରାସ କରିଥାଏ



୫. କେଶ ପାଇଁ ଲାଭଦାୟକ - ଘିଅ କେଶ ପାଇଁ ଲାଭଦାୟକ ପ୍ରମାଣିତ ହୋଇପାରେ । ସକାଳେ ଖାଲି ପେଟରେ ଘିଅ ଖାଇବା ଦ୍ୱାରା ଆପଣଙ୍କ କେଶ ଝଡିବା ସମସ୍ୟା ବି ଦୂର ହୋଇଥାଏ ।

# ନିୟମିତ ଖାଆନ୍ତୁ ଶୁଣ୍ଠି, ଏହି ସବୁ ରୋଗରୁ ମିଳିବ ମୁକ୍ତି

ଅଧିକାଂଶ ଘରେ ଖାଦ୍ୟ ପ୍ରସ୍ତୁତି ପାଇଁ ଅଦାର ବ୍ୟବହାର କରାଯାଇଥାଏ । ଅଦାକୁ ବିଭିନ୍ନ ରୂପରେ ବ୍ୟବହାର କରାଯାଏ । ଶୁଖିଲା ଅଦାକୁ ଶୁଣ୍ଠି କୁହାଯାଏ । ଶୁଣ୍ଠି ଖାଇବା ଦ୍ୱାରା ଅଣ୍ଡାକାଶ ଓ ଗଳା ଦରଜ କମିବା ସହ



ପାଚନ ତନ୍ତ୍ର ସମସ୍ୟା ଦୂର ହୋଇଥାଏ । ଏହାବ୍ୟତୀତ ମୋଟାପଣ ମଧ୍ୟ କମ୍ ହୋଇଥାଏ । ଶୁଣ୍ଠି ଆଇରନ୍, ଫାଇବର, ସୋଡିୟମ୍, ଫେଲେଟ୍ ଏସିଡ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଭିଟାମିନ୍-ଏ, ଜିଙ୍କ୍ ଓ ଫ୍ୟାଟି ଏସିଡ୍ରେ ଭରପୂର । ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଯେଉଁମାନଙ୍କର ଆର୍ଥ୍ରାଇଟିସ୍ ସମସ୍ୟା ରହିଛି, ସେମାନେ ନିୟମିତ ଶୁଣ୍ଠି ଖାଇବା ଦ୍ୱାରା ଯନ୍ତ୍ରଣାରୁ ମୁକ୍ତି ପାଇପାରିବେ । ଋତୁ ପରିବର୍ତ୍ତନରୁ ହେଉଥିବା ଥଣ୍ଡା-କାଶରୁ ରକ୍ଷା ପାଇବା ପାଇଁ ଶୁଣ୍ଠି ଗୁଣ୍ଡକୁ ହାଲ୍କା ଗରମ ପାଣି ସହ ପିଇପାରିବେ ।

ଯେଉଁ ପରିବାକୁ ହଜମ କରିବା କଷ୍ଟ ହୋଇଥାଏ । ସେଥିରେ ହାଲ୍କା ଶୁଣ୍ଠିଗୁଣ୍ଡର ପ୍ରୟୋଗ କରିବା ଦ୍ୱାରା ତାହା ସହଜରେ ହଜମ ହୋଇଥାଏ ।

ଶୁଣ୍ଠି ମେଟାବଲିଜିମ୍ ବଢାଇ ଓଜନ ହ୍ରାସ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ଶୁଣ୍ଠିକୁ ଦୁଗ୍ଧରେ ମିଶାଇ ମିଶ୍ରଣକୁ ତ୍ୱଚାରେ ଲଗାଇ ୧୦ରୁ ୨୦ ମିନିଟ୍ ଯାଇ ଛାଡି ଦିଅନ୍ତୁ । ଶୁଖିବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ନିଅନ୍ତୁ । ତ୍ୱଚାରେ ଚମ୍କ ଆସିଥାଏ ।

# ଏହି ଜିନିଷ ଥିଲେ ହେବେ ଭାଗ୍ୟବାନ



ମହାଭାରତର ମୁଖ୍ୟ ଚରିତ୍ରମାନଙ୍କ ମଧ୍ୟରୁ ମହାତ୍ମା ବିଦୁର ଅନ୍ୟତମ । ତାଙ୍କର ବୁଦ୍ଧି ଏବଂ ନୀତିକୁ ଆଜି ବି ପୂଜା କରାଯାଏ । ମହାତ୍ମା ବିଦୁରଙ୍କୁ ଜଣେ ଦୂରଦର୍ଶୀ ଏବଂ ମହାନ ଭାବରେ ବିବେଚନା କରାଯାଏ । ଆଜି ବି ଲୋକମାନେ ବିଦୁର ଜୀଙ୍କର ନୀତି ଆପଣାଇ ଜୀବନରେ ଆଗକୁ ବଢ଼ନ୍ତି । ମହାତ୍ମା ବିଦୁର ଏପରି ୬ଟି ଜିନିଷ ବିଷୟରେ କହିଛନ୍ତି, ଜଣେ ବ୍ୟକ୍ତି ସଂସାରର ସମସ୍ତ ସୁଖକୁ ଉପଭୋଗ କରିପାରିବେ । କୁହାଯାଏ ଯେ ଯେଉଁମାନଙ୍କ ପାଖରେ ଏହି ୬ଟି ଜିନିଷ ଅଛି ସେମାନେ ବହୁତ ଭାଗ୍ୟବାନ ଏବଂ ଧନବାନ ।

୧. ବିଦୁର ନୀତି ଅନୁସାରେ, ଯେଉଁ ସ୍ତ୍ରୀ-ପୁରୁଷ ମୀଠା କଥା କୁହନ୍ତି । ତାଙ୍କ ଉପରେ ମା' ସରସ୍ୱତୀ ଏବଂ ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ସର୍ବଦା ରହିଥାଏ । ଶାସ୍ତ୍ର ଅନୁସାରେ, ବାଣୀରେ ମା' ସରସ୍ୱତୀ ବାସ କରନ୍ତି । କୁହାଯାଏ ଖରାପ ଏବଂ କଟୁ କହୁଥିବା ବ୍ୟକ୍ତିଙ୍କ ସ୍ୱଭାବ ତାଙ୍କ ଭାଷା ପରି ଖରାପ ହୋଇଯାଏ । ମଧୁର ବାଣୀ କହୁଥିବା ବ୍ୟକ୍ତିଙ୍କ ଭାଗ୍ୟ ପୁରା ସାଥ୍ ଦେଇଥାଏ ।

୨. ପ୍ରତିଟି ପିତାମାତା ଚାହାନ୍ତି କି, ତାଙ୍କ ପୁତ୍ର ଆଜ୍ଞାକାରୀ ହେଉ । ତାଙ୍କ କୂଳର ନାଁ ରଖୁ । ଯଦି ସନ୍ତାନ ଆଜ୍ଞାକାରୀ ନହୁଅନ୍ତି ସେମାନେ କୂଳର ନାଶ କରିଦିଅନ୍ତି । ଏମିତିରେ ଯେଉଁମାନଙ୍କ ସନ୍ତାନ ଆଜ୍ଞାକାରୀ ହୋଇଥାନ୍ତି ସେମାନେ ଖୁସି ଏବଂ ଭାଗ୍ୟଶାଳୀ ହୋଇଥାନ୍ତି ।

୩. ରୋଗ ହେତୁ ଶରୀର ଦୁର୍ବଳ ହୋଇଯାଏ । ଅସୁସ୍ଥ ବ୍ୟକ୍ତିଙ୍କ ମାନସିକ ଏବଂ ଶାରୀରିକ କ୍ଷମତା ହ୍ରାସ ହେବାକୁ ଲାଗେ । ସେ କୌଣସି କାମକୁ ଭଲରେ କରିପାରନ୍ତି ନାହିଁ । ବାରମ୍ୱାର ଅସୁସ୍ଥତା ହେତୁ ସେ ଧନ ସଞ୍ଚିତ କରିବାରେ ଅସମର୍ଥ ହୁଅନ୍ତି । ଯଦି ବ୍ୟକ୍ତି ସୁସ୍ଥ, ତେବେ ସେ ଭାଗ୍ୟବାନ ବୋଲି ବିବେଚନା କରାଯାଏ ।

୪. ମନୁଷ୍ୟ ପାଖରେ ଜ୍ଞାନର ଏକମାତ୍ର ଏଭଳି ଧନ ଅଛି, ଯାହାକୁ କେହି ବି ଚୋରି କରିପାରିବେ ନାହିଁ । ଶାସ୍ତ୍ର ଅନୁସାରେ, ଜ୍ଞାନ ହିଁ ମନୁଷ୍ୟର ସର୍ବଶ୍ରେଷ୍ଠ ଶକ୍ତି । ଜ୍ଞାନ ଅସୁବିଧା ସମୟରେ ବ୍ୟକ୍ତିର ସବୁବେଳେ ସାଥ୍ ଦେଇଥାଏ ।

୫. ଜଣେ ବ୍ୟକ୍ତି ନିଜର ଆବଶ୍ୟକତା ପୂରଣ କରିବା ପାଇଁ ଆୟର ମାଧ୍ୟମ ବଢ଼ାଇବାକୁ ପଡିବ । ଯେଉଁ ବ୍ୟକ୍ତିଙ୍କର ଆୟର ମାଧ୍ୟମ ନାହିଁ, ସେ ଏହାକୁ ଦୁର୍ଭାଗ୍ୟଜନକ ମନେ କରନ୍ତି । ଜଣେ ଅର୍ଥହୀନ ବ୍ୟକ୍ତିଙ୍କୁ ତାଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ଅନ୍ୟମାନଙ୍କ ସାମ୍ନାରେ ହାତ ବିସ୍ତାର କରିବାକୁ ପଡ଼େ । ଯେଉଁମାନଙ୍କର ଆୟର ମାଧ୍ୟମ ଅଛି, ସେମାନେ ନିଜକୁ ଭାଗ୍ୟବାନ ମନେ କରିବା ଉଚିତ୍ ।

୬. ଜଣେ ସଫଳ ମଣିଷ ପଛରେ ଜଣେ ସ୍ତ୍ରୀର ହାତ ଥାଏ । କୁହାଯାଏ କି ଜଣେ ସ୍ତ୍ରୀ ଚାହିଁବ ତ ଘରକୁ ସ୍ୱର୍ଗ କିମ୍ୱା ନର୍କରେ ପରିବର୍ତ୍ତନ କରିପାରିବ । ଯେଉଁ ସ୍ତ୍ରୀ ପାଖରେ ଭଲ ସ୍ୱଭାବ ଏବଂ ଭଲ ଆଚରଣ ଥାଏ, ସେ ବାସ୍ତବରେ ଭାଗ୍ୟଶାଳୀ ହୋଇଥାଏ ।

# ହାର୍ଟକୁ ସୁସ୍ଥ ରଖେ ରାଶି ଲଡୁ

ଆପଣ ସୁସ୍ଥ ରହିବା ପାଇଁ ସବୁ ପ୍ରକାର ସବୁଜ ପରିବା ଖାଇବା ପାଇଁ ପସନ୍ଦ କରିଥା'ନ୍ତି । କେବଳ ସବୁଜ ପରିବା ନୁହେଁ, ରାଶି ଲଡୁ ଖାଇବା ମଧ୍ୟ ଶରୀର ପାଇଁ ଭଲ । ଗୁଡ଼ ସହିତ ପ୍ରସ୍ତୁତ ହୋଇଥିବା ରାଶି ଲଡୁ



ସ୍ୱାଦୁ ଲାଗିବା ସହ ଶରୀରକୁ ସୁସ୍ଥ ରଖିବା ପାଇଁ ସାହାଯ୍ୟ କରିଥାଏ । ଏଥିପାଇଁ ଶୀତଦିନେ ରାଶି ଲଡୁକୁ ଡାଏଟରେ ସାମିଲ କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଥା'ନ୍ତି । ତା'ହେଲେ ଆସନ୍ତୁ ଜାଣିବା ରାଶି ଲଡୁ ଖାଇଲେ ଶରୀରକୁ ଅନ୍ୟ କେଉଁସବୁ ଫାଇଦା ମିଳିଥାଏ ।

୧. ରାଶି ଲଡୁରେ ଅନସାଚୁରେଟେଡ୍ ଫ୍ୟାଟ୍ ପ୍ରଚୁର ମାତ୍ରାରେ ରହିଛି । ଏହି ଫ୍ୟାଟକୁ ଭଲ ଫ୍ୟାଟ୍ ବୋଲି କୁହାଯାଇଥାଏ । ଗୁଡ଼ ହାର୍ଟକୁ ସୁସ୍ଥ ରଖିବା ସହ ଶରୀରରେ ଭଲ କୋଲେଷ୍ଟ୍ରଲ ମଧ୍ୟ ତିଆରି କରିଥାଏ । ଯଦି ଆପଣ ଡାଇବେଟିସ୍ ରୋଗୀ ତେବେ ରାଶି ଲଡୁ ନିଶ୍ଚିନ୍ତ ଖାଆନ୍ତୁ ।

୨. ଦୁର୍ବଳ ହାଡ଼ତୁ ମଜବୁତ କରିବା ପାଇଁ ରାଶି ଲଡୁ ସାହାଯ୍ୟ କରିଥାଏ । ନିୟମିତ ରାଶି ଲଡୁ ଖାଇଲେ ଶରୀରରେ କ୍ୟାଲସିୟମର ଅଭାବ ଦୂର ହୋଇଥାଏ । ଏଥିପାଇଁ ମହିଳାମାନଙ୍କୁ ରାଶି ଲଡୁ ଖାଇବା ପାଇଁ ଡାକ୍ତର ପରାମର୍ଶ ଦେଇଥା'ନ୍ତି ।



# ଟେକ୍ ମହିନ୍ଦ୍ରା ସହ ସୋଆର ବୁଝାମଣାପତ୍ର ସ୍ୱାକ୍ଷର

ଭୁବନେଶ୍ୱର,୧୩।୭(ନି.ପ୍ର.): ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ସହ ଛାତ୍ରଛାତ୍ରୀଙ୍କୁ ଶିଳ୍ପାନୁକୂଳ ଦକ୍ଷତା ପ୍ରଦାନ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଓ ବିଶ୍ୱସ୍ତରୀୟ ଆଇଟି କମ୍ପାନୀ ଟେକ୍ ମହିନ୍ଦ୍ରା ଲିମିଟେଡ୍ ମଧ୍ୟରେ ଏକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି।

ଏହି ଚୁକ୍ତି ଅନୁଯାୟୀ ସୋଆର ଇଞ୍ଜିନିୟରିଂ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଇନ୍‌ଷ୍ଟିଚ୍ୟୁଟ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ଏକ ଅତ୍ୟାଧୁନିକ ସେଂଟର ଅଫ୍ ଏକ୍ସିଲେନ୍ସ (ସିଓଇ) ଲ୍ୟାବ୍ ପ୍ରତିଷ୍ଠା କରାଯିବ।



ଏହି ସହଯୋଗ ମାଧ୍ୟମରେ ଶିକ୍ଷାଗତ ଜ୍ଞାନ ଓ କର୍ପୋରେଟ୍ କ୍ଷେତ୍ରରେ ବ୍ୟବହାରିକ ଆବଶ୍ୟକତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରାଯିବ। ଏହାଦ୍ୱାରା ସ୍ନାତକ ଓ ସ୍ନାତକୋତର ଛାତ୍ରଛାତ୍ରୀମାନେ ଶିଳ୍ପାନକୂଳ ପ୍ରଶିକ୍ଷଣ, ଇନ୍‌ଟର୍ଣ୍ଣସିପ୍, ଗବେଷଣା ସହଯୋଗ ପ୍ରଫେସନାଲ ସାର୍ଟିଫିକେସନ୍ ଓ ଉନ୍ନତ କୌଶଳ ବିକାଶ କାର୍ଯ୍ୟକ୍ରମର ସୁଯୋଗ ପାଇବେ।

ସେଂଟର ଅଫ୍ ଏକ୍ସିଲେନ୍ସରେ ଜାଭା ଫୁଲ ଷ୍ଟାକ୍, ନେଟ୍ ଫୁଲ ଷ୍ଟାକ୍, କୃତ୍ରିମ ବୁଦ୍ଧିମତା (ଏଆଇ) ମେସିନ୍ ଲର୍ଣ୍ଣିଂ (ଏମ୍‌ଏଲ୍), କ୍ଲାଉଡ୍ କମ୍ପ୍ୟୁଟିଂ, ଡାଟା ସାଇନ୍ସ ସାଇବର ସିକ୍ୟୁରିଟି, ଇଂଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି), ସେଲସ୍‌ଫୋର୍ସ, ଏସ୍‌ଏପି, ଡେଭଅପ୍ସ ଏବଂ ସର୍ଭିସ୍ ନାଓ ଭଳି ଉଚ୍ଚ ଚାହିଦା ସମ୍ପନ୍ନ ପ୍ରଯୁକ୍ତି କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଯାହା ଛାତ୍ରଛାତ୍ରୀଙ୍କୁ ବିଶ୍ୱସ୍ତରୀୟ ଶିଳ୍ପର ଆବଶ୍ୟକତା ଅନୁରୂପ ଦକ୍ଷ କରି ଗଢି ତୋଳିବ।

ଏମ୍‌ଓୟୁ ସ୍ୱାକ୍ଷର ଓ ସିଓଇ ଲ୍ୟାବ୍ ଉଦ୍‌ଘାଟନ ଉତ୍ସବରେ ଟେକ୍ ମହିନ୍ଦ୍ରା ପକ୍ଷରୁ ଗ୍ଲୋବାଲ୍ ଲିଡରଶିପ୍ ହାୟାରିଂର ମୁଖ୍ୟ ଶ୍ରୀ ଧର୍ମରାଜ ନାୟକ ଏବଂ ସର୍ଭିସ୍ ନାଓ ପ୍ରାକ୍ଟିସେସ୍‌ର ପ୍ରୋଜେକ୍ଟ ଡେଲିଭରି ମ୍ୟାନେଜର ଶ୍ରୀ ମାଇକେଲ୍ ସୁଧୀର ୟେନ୍ନମ୍ ଉପସ୍ଥିତ ଥିଲେ।

ସୋଆ ପକ୍ଷରୁ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଆଇଟିଇଆର ଡିନ୍ ଡଃ ପି. କେ. ସାହୁ, ପ୍ଲେସମେଂଟ ଡିନ୍ ଡକ୍ଟର ରାଜ କୁମାର ହୋତା ଏବଂ କ୍ୟାରିୟର ଡେଭେଲପମେଂଟ ସେଲ୍‌ର ମୁଖ୍ୟ ଶ୍ରୀ ସୁମିତ ମିତ୍ରଙ୍କ ସମେତ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ, ସିଏସ୍‌ଆଇଟି, ଏଆଇ ଆଣ୍ଡ ଏମ୍‌ଏଲ୍, ଡାଟା ସାଇନ୍ସ, ଆଇଓଟି, ମେକାନିକାଲ୍, ସିଭିଲ୍, ଇଲେକ୍ଟ୍ରିକାଲ୍, ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ଏବଂ ଏମ୍‌ସିଏ ବିଭାଗର ମୁଖ୍ୟମାନେ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ପ୍ରଥମେ ଡକ୍ଟର ରାଜ କୁମାର ହୋତା ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ଟେକ୍ ମହିନ୍ଦ୍ରାର ପ୍ରତିନିଧିମାନଙ୍କର ପରିଚୟ ପ୍ରଦାନ କରିଥିଲେ। କୁଳପତି ପ୍ରଫେସର ନନ୍ଦ ସୋଆର ଦ୍ରୁତ ଶିକ୍ଷାଗତ ଅଭିବୃଦ୍ଧି, ଗବେଷଣା କ୍ଷେତ୍ରରେ ସଫଳତା ଏବଂ ଶିଳ୍ପ ଉପଯୋଗୀ ମାନବ ସଂପଦ ସୃଷ୍ଟି ଦିଗରେ ବିଶ୍ୱବିଦ୍ୟାଳୟର ପ୍ରୟାସ ସଂପର୍କରେ ଆଲୋକପାତ କରିଥିଲେ।

ଟେକ୍ ମହିନ୍ଦ୍ରାର ଶ୍ରୀ ଧର୍ମରାଜ ନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପ୍ରଯୁକ୍ତି କ୍ଷେତ୍ରରେ ଉଚ୍ଚଦକ୍ଷ ଜନଶକ୍ତିର ଚାହିଦା କ୍ରମାଗତ ଭାବେ ବୃଦ୍ଧି ପାଉଛି। ସୋଆ ସହ ଏହି ସହଯୋଗ ଛାତ୍ରଛାତ୍ରୀଙ୍କୁ ଉନ୍ନତ କ୍ୟାରିୟର ସୁଯୋଗ ପ୍ରଦାନ କରିବା ସହ ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସଂପର୍କକୁ ଆହୁରି ସୁଦୃଢ଼ କରିବ।

ଶେଷରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଓ ଟେକ୍ ମହିନ୍ଦ୍ରା ପକ୍ଷରୁ ଶ୍ରୀ ଧର୍ମରାଜ ନାୟକ ପରସ୍ପର ମଧ୍ୟରେ ବୁଝାମଣାପତ୍ର ବିନିମୟ କରିଥିଲେ। ଏହାପରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଲ୍ୟାବ୍‌ର ଉଦ୍‌ଘାଟନ କରାଯାଇଥିଲା।

# କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷାକୁ ସ୍ୱାଗତ

ଗୋପ୧୩।୭(ନି.ପ୍ର.):: ଓଡ଼ିଶା ସରକାରଙ୍କ 'ଜ୍ଞାନୋଦୟ ଶିକ୍ଷାରୁ ସମୃଦ୍ଧି' ଯୋଜନା ଏବଂ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା କାର୍ଯ୍ୟକ୍ରମକୁ ସ୍ୱାଗତ କରି ଗୋପ ବସ୍ତିର ଉଚ୍ଚଶିକ୍ଷିତ ଯୁବକ ତଥା ଗୋପ ମହାବିଦ୍ୟାଳୟର ପୁରାତନ ଛାତ୍ର ମିସବାହ୍ ଉଲ୍ ହସନେଇନ୍ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ଭାବପୂର୍ଣ୍ଣ କୃତଜ୍ଞତା ପତ୍ର ପ୍ରେରଣ କରିଛନ୍ତି।ପତ୍ରରେ ସେ କହିଛନ୍ତି ଯେ, ଶିକ୍ଷା ହେଉଛି ଏକ ପ୍ରଗତିଶୀଳ ସମାଜର ମୂଳଦୁଆର। ରାଜ୍ୟ ସରକାରଙ୍କ ଏହି ଐତିହାସିକ ନିଷ୍ପତ୍ତି ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ମଧ୍ୟବିତ୍ତ ପରିବାରର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷାର ଦ୍ୱାର ଉନ୍ମୁକ୍ତ କରିବ। ଏହା ଶିକ୍ଷା ଛାଡ଼ିବା ହାର ହ୍ରାସ କରିବା ସହ ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ, ଯଦି ଏହି ଯୋଜନା ସମଗ୍ର ଓଡ଼ିଶାରେ ସଠିକ୍ ଓ ସ୍ୱଚ୍ଛ ଭାବେ କାର୍ଯ୍ୟକାରୀ ହୁଏ, ତେବେ ଏହା ରାଜ୍ୟର ଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ପରିଗଣିତ ହେବ। ଏହା ଦ୍ୱାରା ଅନେକ ମେଧାବୀ ଛାତ୍ରଛାତ୍ରୀ ଆର୍ଥିକ ଅଭାବ ସତ୍ତ୍ୱେ ନିଜର ଉଚ୍ଚଶିକ୍ଷା ସ୍ୱପ୍ନ ସାକାର କରିପାରିବେ।

କେବଳ କୃତଜ୍ଞତା ଜଣାଇବାରେ ସୀମିତ ନ ରହି, ଯୋଜନାର ସଫଳ ରୂପାୟନ ପାଇଁ ସେ ସରକାରଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ମଧ୍ୟ ଦେଇଛନ୍ତି। ସମସ୍ତ କଲେଜ ଓ ଶିକ୍ଷାନୁଷ୍ଠାନରେ ପର୍ଯ୍ୟବେକ୍ଷକ (ଝଭଶ୍ୱରକ୍ସଙ୍ଗରକ୍ସ) କିମ୍ବା ନିରୀକ୍ଷକ ଅଧିକାରୀ ନିଯୁକ୍ତ କରାଯାଇ ନିୟମିତ ତଦାରଖ କରିବାକୁ ସେ ଅନୁରୋଧ କରିଛନ୍ତି। କୌଣସି ଶିକ୍ଷାନୁଷ୍ଠାନ ସରକାରୀ ନିଷ୍ପତ୍ତିକୁ ଉଲ୍ଲଂଘନ କରି ଟ୍ୟୁସନ୍ ଫି କିମ୍ବା ଅନ୍ୟ କୌଣସି ଅନଧିକୃତ ଶୁଳ୍କ ଆଦାୟ ନ କରନ୍ତି, ସେଥିପାଇଁ କଡ଼ା ନଜରଦାରୀ ଆବଶ୍ୟକ ବୋଲି ସେ ଦର୍ଶାଇଛନ୍ତି। ଏପରି ନିରୀକ୍ଷଣ ଦ୍ୱାରା ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ପ୍ରତ୍ୟେକ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ନିକଟରେ ଯୋଜନାର ପ୍ରକୃତ ସୁଫଳ ପହଞ୍ଚିପାରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।ଶେଷରେ ମିସବାହ୍ ଉଲ୍ ହସନେଇନ୍ ମୁଖ୍ୟମନ୍ତ୍ରୀଙ୍କ ସୁସ୍ୱାସ୍ଥ୍ୟ ଓ ସଫଳ ଜନସେବା କାମନା କରିବା ସହ ଏହି ଛାତ୍ରହିତୈଷୀ ଓ ଐତିହାସିକ ନିଷ୍ପତ୍ତିକୁ ଆଗାମୀ ଦିନରେ ମଧ୍ୟ ଅବ୍ୟାହତ ରଖିବାକୁ ଅନୁରୋଧ ଜଣାଇଛନ୍ତି। ତାଙ୍କ ଏହି କୃତଜ୍ଞତା ପତ୍ର ବର୍ତ୍ତମାନ ଶିକ୍ଷା ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ମଣ୍ଡି ଓ୍ୱାର୍କ ହେଲା କାଳ ; ଗାଡି ଧକ୍କାରେ ଚାଲିଗଲା ଯୁବକଙ୍କ ଜୀବନ

ପିପିଲି;୧୩।୭(ନି.ପ୍ର.):- ଭୁବନେଶ୍ୱର ପୁରୀ ଜାତୀୟ ରାଜପଥ ରାସ୍ତା କଡରେ ମଣ୍ଡି ଓ୍ୱାର୍କ କରୁଥିବା ସମୟରେ ଗାଡି ଧକ୍କାରେ ଜଣେ ଯୁବକଙ୍କ ଜୀବନ ଚାଲି ଯାଇଛି। ମୃତ ଯୁବକ ଜଣକ ହେଲେ ନୂଆଶାସନ ଦକ୍ଷିଣସାହିର ସୁଶିଲ ଷଡଙ୍ଗି(୩୮) ବୋଲି ପୋଲିସକୁ ପରିଚୟ ଜଣାପଡିଛି । ତେବେ ମିଳିଥିବା ସୁଚନାନୁଯାଇ ଜାତୀୟ ରାଜପଥର ନୂଆଶାସନ ଛକ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଯୁବକ ଜଣକ ରାସ୍ତାରେ ସକାଳୁ ମଣ୍ଡି ଓ୍ୱାର୍କ କରୁଥିଲେ। ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା । ସେ ଗୁରୁତର ଭାବେ ଆହତ ହୋଇ ତଳେ ପଡିଥିଲେ । ସ୍ଥାନୀୟ ଲୋକ ଏବଂ ପୋଲିସ ସହାୟତାରେ ସେଠାରୁ ତାଙ୍କୁ ଉଦ୍ଧାର କରାଯାଇ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଡାକ୍ତର ତାଙ୍କର ସେଠାରେ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ । ମୃତକଙ୍କ ଭାଇଙ୍କ ଅଭିଯୋଗକ୍ରମେ ପିପିଲି ଥାନାରେ ଏନେଇ ୪୪୪/୨୬ରେ ଏକ ମାମଲା ରୁଜୁ କରାଯାଇଛି । ଦୃର୍ଘଟଣା ଘଟାଇଥିବା ଗାଡିକୁ ପିପିଲି ପୋଲିସ ଜବତ କରିଛି । ଗାଡି ଡ୍ରାଇଭରକୁ ଥାନାରେ ଅଟକ ରଖିଛି । ଅନ୍ୟପଟେ ମୃତ ଶରୀରକୁ ପୋଲିସ ଜବତ କରି ବ୍ୟବଛେଦ ପାଇଁ ପୁରୀ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ସୁଚନା ଦେଇଛନ୍ତି।

# ଯୁବକଙ୍କୁ ବନ୍ଦ କୋଠରୀରେ ନିର୍ମମ ମାଡ଼ ଭିଡିଓ ଭାଇରାଲ ପରେ ମୁଖ୍ୟ ଅଭିଯୁକ୍ତ ଅରୂପ ଗିରଫ

କୁକୁଡାଖଣ୍ଡି ୧୩।୭(ନି.ପ୍ର.):: ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ମାଡ଼ ଭିଡିଓ ଘଟଣାରେ ଭାଇରାଲ ଭିଡିଓ ଆଧାରରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଛି। ବ୍ରହ୍ମପୁର ସଦର ଥାନା ପୋଲିସ ଆକ୍ରମଣ କରୁଥିବା ଦୃଶ୍ୟ କୁ ଦୃଷ୍ଟି ନେଇ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି ପୁଲିସ । ଅଭିଯୁକ୍ତ ଜଣକ ପ୍ରତାପ କୃଷ୍ଣଚନ୍ଦ୍ରପୁର କାଉଖତ ଗ୍ରାମର ଆର. ଶିବରାମ ଓରଫ ଅରୁପ(୨୩)ଗିରଫ ହୋଇଛି । ଅଭିଯୋଗକାରି ମସିହାଖାଲି ଗ୍ରାମ ନିକଟସ୍ଥ କୃପାସିନ୍ଧୁପୁର ଗ୍ରାମର ପ୍ରଶାନ୍ତ ଦାସଙ୍କ ଲିଖିତ ଅଭିଯୋଗ ଆଧାରରେ ସଦର ଥାନାରେ କେସ୍ ନଂ ୪୪୫ ରୁଜୁ କରାଯାଇଛି ।



ତଦନ୍ତ ବେଳେ ଅଭିଯୋଗକାରୀଙ୍କଠାରୁ ଘଟଣାର ଭିଡିଓ ଥିବା ପେନଡ୍ରାଇଭ ଜବତ ହୋଇଛି। ତଦନ୍ତରୁ ଜଣାପଡିଛି ଯେ ଅଭିଯୋଗକାରୀ ପ୍ରଶାନ୍ତ ଦାସ ଏବଂ ଅରୂପ ଉଭୟ ମିଳିତ ଭାବେ ପୂର୍ବରୁ ଭଲ ଭାବେ ଜଣା ଶୁଣା ଅଛନ୍ତି । ଅଭିଯୁକ୍ତ ଶିବରାମ ଙ୍କ ନାମ ରେ ପୂର୍ବରୁ ସଦର ଥାନା ରେ ବିଭିନ୍ନ ଅପରାଧିକ ମାମଲା ରହିଛି କ୍ଷ ଗତ କିଛି ମାସ ତଳେ ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଏକ ଅସାମାଜିକ କାମ କରିବାକୁ କହିଥିଲା। ପ୍ରଶାନ୍ତ ମନା କରିବାରୁ ଶିବରାମ ତାଙ୍କୁ ଏକ କୋଠରୀରେ ବନ୍ଦ କରି ମାଡ଼ ମାରିଥିଲା। ପ୍ରଶାନ୍ତ ଅନୁସୂଚିତ ଜାତିର ବୋଲି ଜାଣି ଅଭିଯୁକ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଫାଇବର ବାଡିରେ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲା। ଘଟଣା ବାହାରେ କହିଲେ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଇଥିଲା।

ଅଭିଯୁକ୍ତ ଆର. ଶିବରାମ ଓରଫ ଅରୁପକୁ ମସିହାଖାଲି ସରପଞ୍ଚ କେ ବୁଲୁ ଙ୍କ ସହଯୋଗୀ ରହିଥିବା ରୁ ଅଭିଯୁକ୍ତ ଭୟ ଛାଡିଯାଉଥିବା ପ୍ରଶାନ୍ତ କହିଛି । ଆଜି ଅପରାହ୍ନ ରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନାମରେ ପୂର୍ବରୁ ସଦର ଥାନାରେ ଦୁଇଟି ମାମଲା ରହିଥିବା ପୋଲିସ କହିଛି ଯେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରିରହିଥିବା ପୁଲିସ ପକ୍ଷରୁ ସୂଚନା ରହିଛି । ଜାତିଗତ ନିର୍ଯାତନା ରୋକିବାକୁ ଅନୁସୂଚିତ ଜାତି ଆକ୍ଟ ଲାଗୁ କରି କୋର୍ଟ ସ୍ଥାନାନ୍ତର କରାଯାଇଛି କ୍ଷ ଅଭିଯୁକ୍ତଙ୍କ ସୂଚନା କ୍ରମେ ପୂର୍ବରୁ ତାଙ୍କ ଭଉଣୀ କୃପାସିନ୍ଧୁପୁର ବିଦ୍ୟାଳୟ ରୁ ଫେରୁଥିବା ବେଳେ ହରିଜନ ବସ୍ତିର ପ୍ରଶାନ୍ତ ଦାସ ବିଭିନ୍ନ ସମୟରେ କମେଣ୍ଟ ମାରୁଥିବା ରୁ ପ୍ରଶାନ୍ତକୁ ଆକ୍ରମଣ କରିଥିବା ଅଭିଯୁକ୍ତ କହିଛି ।

# ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ଶେଷ

କୋଣାର୍କ, ୧୩।୭(ନି.ପ୍ର.): ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ରାଜାରାମ ମଠ ପରିସରରେ ଥିବା ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ପବିତ୍ର ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଆଜି ଶ୍ରୀଜିଉମାନଙ୍କ ଧାର୍ମିକ ରୀତିନୀତି ଅନୁଯାୟୀ ନବ ଯୌବନ ନୀତି ଅନୁଷ୍ଠିତ ହେବ।କୋଣାର୍କ ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ମୁଖ୍ୟ ଟ୍ରଷ୍ଟି ଇଂ ଅମରେଶ୍ୱର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଣାର୍କ ଏନଏସି ପ୍ରଶାସନ, ପୂର୍ତ୍ତବିଭାଗ, ୱାଟକୋ, ଟାଟା ପାୱାର କେନ୍ଦ୍ରୀୟ କର୍ତ୍ତୃପକ୍ଷ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ,ପୋଲିସ, ଗୋପ ବ୍ଲକ ଓ ତହସିଲ ପ୍ରଶାସନ, ସ୍ଥାନୀୟ ସ୍ୱ ?ଚ୍ଛାସେବୀ ଅନୁଷ୍ଠାନ, ସ୍କାଉଟ ଓ ଗାଇଡ ସମେତ ଶ୍ରୀଗୁଣ୍ଡିଚା ମନ୍ଦିର କମିଟି ଏବଂ ଟ୍ରଷ୍ଟ ବୋର୍ଡର ସଦସ୍ୟ ମାନଙ୍କୁ ନେଇ ଏକ ଚୁଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ଶ୍ରୀଜିଉମାନଙ୍କ ପବିତ୍ର ରଥଯାତ୍ରା ନିମନ୍ତେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି ସମୟରେ ୱାଟକୋ କର୍ତୃପକ୍ଷଙ୍କ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ନିରବଛିନ୍ନ ଜଳଯୋଗାଣ, କୋଣାର୍କ ଏନଏସି ପକ୍ଷରୁ ରାସ୍ତା ଘାଟ ପରିଷ୍କାର ଓ ବ୍ଲିଚିଙ୍ଗ ପକାଇ ପରିଛନ୍ନତା, ସ୍ବେଚ୍ଛାସେବୀ ସଂଗଠନ ପକ୍ଷରୁ ସେବା କାର୍ଯ୍ୟ, ଶୃଙ୍ଖଳିତ ରଥଯାତ୍ରା ପାଇଁ ପୋଲିସ ମୁତୟନ ସମେତ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆଜି ଶ୍ରୀଜିଉମାନଙ୍କ ନବ ଯୌବନ ନୀତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଦେବନୀତି ଅନୁଯାୟୀ ନବ ଯୌବନ ନୀତି ସଂପାଦନ କରାଯିବା ପରେ ଶ୍ରଦ୍ଧାଳୁ ଭକ୍ତମାନେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରିବା ପାଇଁ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ମୁଖ୍ୟ ପରିଚାଳକ ନିରଜଂନ ବାରିକ ମତବ୍ୟକ୍ତ କରିଛନ୍ତି।



## ସରକାରୀ ଆଇଟିଆଇ ଫୁଲବାଣୀରେ ଅପ୍ରେଣ୍ଟିସସିପ୍ ମେଳା

କନ୍ଧମାଳ୧୩।୭(ନି.ପ୍ର.): : ସରକାରୀ ଆଇଟିଆଇ, ଫୁଲବାଣୀ ପରିସରରେ ଜୁଲାଇ ୨୦୨୬ ମାସରେ ଏକ ଭବ୍ୟ ଅପ୍ରେଣ୍ଟିସସିପ୍ ମେଳା ଅନୁଷ୍ଠିତ ହୋଇଯାଇଛି। ଯୁବ ପ୍ରଶିକ୍ଷାର୍ଥୀମାନଙ୍କୁ ଶିଳ୍ପ କ୍ଷେତ୍ର ସହ ସିଧାସଳଖ ସଂଯୋଗ କରାଇ ସେମାନଙ୍କର ଦକ୍ଷତା ବିକାଶ ଏବଂ ଭବିଷ୍ୟତ ନିଯୋଜନ ସୁଯୋଗକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ମେଳାର ଆୟୋଜନ କରାଯାଇଥିଲା। ଏଥିରେ ବହୁ ସଂଖ୍ୟକ ପ୍ରଶିକ୍ଷାର୍ଥୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ଓ ନିଯୋଜନ ଅଧିକାରୀ ଶ୍ରୀ ପୁରୁଷୋତ୍ତମ ମହାପାତ୍ର, ଅଧ୍ୟକ୍ଷ ଇଂ. ପ୍ରକାଶ ରଞ୍ଜନ ସୋରେନ, ତାଲିମ ଅଧିକାରୀ ଡ଼ା. ନୃସିଂହାନନ୍ଦ ମହାପାତ୍ର ଏବଂ ପ୍ଲେସମେଣ୍ଟ ଅଫିସର ଶ୍ରୀ ବିଧାନ ଚନ୍ଦ୍ର ବରାଳ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ।କାର୍ଯ୍ୟକ୍ରମର ଶୁଭାରମ୍ଭ ତାଲିମ ଅଧିକାରୀ ଡ଼ା. ନୃସିଂହାନନ୍ଦ ମହାପାତ୍ରଙ୍କ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ଉଦ୍‌ବୋଧନ ମାଧ୍ୟମରେ ହୋଇଥିଲା। ସେ ଅପ୍ରେଣ୍ଟିସସିପ୍ ?ର ଗୁରୁତ୍ୱ, ଜାତୀୟ ଅପ୍ରେଣ୍ଟିସସିପ୍ ପ୍ରୋତ୍ସାହନ ଯୋଜନା ଏବଂ ଶିଳ୍ପ କ୍ଷେତ୍ରରେ ବାସ୍ତବ କାର୍ଯ୍ୟ ଅନୁଭୂତି ହାସଲ କରିବାର ସୁଯୋଗ ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ।ଏହାପରେ ଜିଲ୍ଲା ଦକ୍ଷତା ଓ ନିଯୋଜନ ଅଧିକାରୀ ଶ୍ରୀ ପୁରୁଷୋତ୍ତମ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ଅପ୍ରେଣ୍ଟିସସିପ୍ ମାଧ୍ୟମରେ ଯୁବପିଢ଼ି ଶିଳ୍ପର ଆବଶ୍ୟକତା ଅନୁଯାୟୀ ଦକ୍ଷତା ହାସଲ କରି ନିଜ କ୍ୟାରିୟରକୁ ସୁଦୃଢ଼ କରିପାରିବେ। ସେ ପ୍ରଶିକ୍ଷାର୍ଥୀମାନଙ୍କୁ ଏହି ସୁଯୋଗର ସଦ୍ ?ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ।ଅଧ୍ୟକ୍ଷ ଇଂ. ପ୍ରକାଶ ରଞ୍ଜନ ସୋରେନ ନିଜ ଉଦ୍‌ବୋଧନରେ କହିଥିଲେ ଯେ, ଆଜିର ପ୍ରତିଯୋଗିତାମୂଳକ ଯୁଗରେ କେବଳ ପ୍ରମାଣପତ୍ର ନୁହେଁ, ବରଂ ବ୍ୟବହାରିକ ଦକ୍ଷତା ଓ ଶିଳ୍ପ ଅଭିଜ୍ଞତା ସଫଳତାର ଚାବିକାଠି। ଏହିପରି ମେଳା ଛାତ୍ରଛାତ୍ରୀଙ୍କୁ ନୂତନ ସମ୍ଭାବନାର ଦ୍ୱାର ଖୋଲିଦେଇଥାଏ।ପ୍ଲେସମେଣ୍ଟ ଅଫିସର ଶ୍ରୀ ବିଧାନ ଚନ୍ଦ୍ର ବରାଳ ପ୍ରଶିକ୍ଷାର୍ଥୀମାନଙ୍କୁ ଅପ୍ରେଣ୍ଟିସସିପ୍ ପାଇଁ ପଞ୍ଜୀକରଣ ପ୍ରକ୍ରିୟା, ଆବଶ୍ୟକ ଦଲିଲ, ଆବେଦନ ପ୍ରଣାଳୀ ଏବଂ ବିଭିନ୍ନ କମ୍ପାନୀରେ ଉପଲବ୍ଧ ସୁଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

ମେଳାରେ ଯୋଗଦେଇଥିବା ବିଭିନ୍ନ କମ୍ପାନୀର ପ୍ରତିନିଧିମାନେ ନିଜ ନିଜ ସଂସ୍ଥାରେ ଉପଲବ୍ଧ ଅପ୍ରେଣ୍ଟିସସିପ୍ ସୁଯୋଗ, ଯୋଗ୍ୟତା, ଚୟନ ପ୍ରକ୍ରିୟା ଓ ଭବିଷ୍ୟତ କ୍ୟାରିୟର ସମ୍ଭାବନା ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରାଇଥିଲେ। ଛାତ୍ରଛାତ୍ରୀମାନେ କମ୍ପାନୀ ପ୍ରତିନିଧିଙ୍କ ସହ ସିଧାସଳଖ ଆଲୋଚନା କରି ବିଭିନ୍ନ ପ୍ରଶ୍ନର ଉତ୍ତର ପାଇବା ସହ ନିଜର ଭବିଷ୍ୟତ କ୍ୟାରିୟର ଯୋଜନା ସମ୍ପର୍କରେ ସ୍ପଷ୍ଟ ଧାରଣା ଲାଭ କରିଥିଲେ।

# ପ୍ରକୃତି ବନ୍ଧୁ ଅସୀମ ଭୋଇଙ୍କ ଅଭିନବ ପ୍ରୟାସ




ବଲାଙ୍ଗୀର୧୩।୭(ନି.ପ୍ର.):ବଲାଙ୍ଗୀର ବ୍ଲକ ବରଗା ପଞ୍ଚାୟତ ହାଇସ୍କୁଲ ପରିସରରେ 'ପ୍ରକୃତି ବନ୍ଧୁ'ଙ୍କ ତରଫରୁ ଏକ ଅଭିନବ ପରିବେଶ ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ବନ୍ଧୁ ଅସୀମ ଭୋଇଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରରେ ୫୦ଟି ମୂଲ୍ୟବାନ ବୃକ୍ଷରୋପଣ କରାଯାଇଛି।ଏହି ଗ୍ରୀନ-ଡ୍ରାଇଭ୍ କାର୍ଯ୍ୟକ୍ରମରେ ହର୍ଡକ୍ଷଟାଲ ବନରକ୍ଷୀ ସଞ୍ଜୀବ ନାୟକ୍ ଓ କରଲାପିଟା ବନରକ୍ଷୀ ମହେନ୍ଦ୍ର କାଲସାଇ ଯୋଗଦେଇ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ବରଗାଁ ପଞ୍ଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ହରି ଶଙ୍କର ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଏବଂ ପ୍ରକୃତି ବନ୍ଧୁ ସଂଗଠନର ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରି ବୃକ୍ଷଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସଙ୍କଳ୍ପ ନେଇଥିଲେ। ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ ପ୍ରକୃତି ବନ୍ଧୁ ଶ୍ରୀ ଭୋଇ ଙ୍କର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଉଛି। ପ୍ରକାଶ ଥାଉ କି ଶ୍ରୀ ଭୋଇ ନିଜ ଉଦ୍ୟମରେ ୫୦ ଟୀ ଚାରା ବୃକ୍ଷ ଆଣିଥିଲେ ।

# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ବ୍ରହ୍ମପୁର ଶୋ ରୁମରେ 'ନୁଓ୍ୱା' ର ଶୁଭ ଉନ୍‌ମୋଚନ

ବ୍ରହ୍ମପୁର,୧୩।୭(ନି.ପ୍ର.):: ସ୍ଥାନୀୟ ରାମଲିଙ୍ଗମ ପାର୍କ ନିକଟରେ ଅବସ୍ଥିତ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ବ୍ରହ୍ମପୁର ଶୋ ରୁମରେ ଆଜି ଏକ ନୂତନ ହୀରା ଗହଣା 'ଘଟଡଇ' ର ମାର୍କେଟ ଲଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ମ୍ୟୁନିସିପାଲ୍ କର୍ପୋରେସନର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଯୋଗଦାନ କରି ନୂତନ ଗହଣା 'ଘଟଡଇ' ର ଉନ୍‌ମୋଚନ କରିଥିଲେ । ଏନେଇ ସେ କର୍ତୃପକ୍ଷଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜଣାଇବା ସହ ଏହି ଗହଣାର ଉତ୍ତମ ବ୍ୟବସାୟ ହେଉ ବୋଲି ଆଶା କାମନା କରିଥିଲେ। ସେହିପରି ଏହି ପ୍ରତିଷ୍ଠାନ ଦ୍ୱାରା ଜାରି ରହିଥିବା ବହୁ ଜନ ସଚେତନତା ଓ ଜନ ମଙ୍ଗଳ କାର୍ଯ୍ୟ ପାଇଁ କର୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ସୁନ୍ଦରୀ ଯୁବତୀ ମାନଙ୍କ ଦ୍ୱାରା ମଡେଲ ପ୍ରସ୍ତୁତ କରି ଉପସ୍ଥିତ ମହିଳା ଗ୍ରାହକ ବା ଗହଣା ପ୍ରେମୀ ମାନଙ୍କୁ ଗୋଟି ଗୋଟି କରି ସମସ୍ତ ନୂତନ ଗହଣାର ପ୍ରଦର୍ଶନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଶୋ ରୁମର ଷ୍ଟୋର ମ୍ୟାନେଜର ଶ୍ରୀ ଅମ୍ବିକା ପ୍ରସାଦ ପଟ୍ଟନାୟକ କହିଛନ୍ତି ଯେ, ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବ୍ରହ୍ମପୁର ସହରବାସୀଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ନୂତନ ହୀରା ଓ ସୁନା ଗହଣାର ମାର୍କେଟ ପ୍ରବେଶ ହୋଇଛି । ତେବେ ଏହା ପ୍ରକୃତିରେ ମିଳୁଥିବା ଜଟିଳ ଢାଞ୍ଚା, ଗଠନ ଏବଂ ସୂକ୍ଷ୍ମ କଳା ଦ୍ୱାରା ଏକ ନୂତନ ପ୍ରାକୃତିକ ହୀରାରେ ନିର୍ମିତ ଅଳଙ୍କାର ମାନ ରହିଛି। ସେହିପରି ପ୍ରାକୃତିକ ଦୁନିଆର ଦୃଷ୍ଟିକୋଣରୁ ଆଧୁନିକ ବିଳାସର ଏକ ଉତ୍ସବ ଭାବରେ ପରିକଳ୍ପିତ, 'ଘଙ୍କଙ୍ଗବ' ଯାହାର ଷ୍ଟାଇପ୍ ଅତି ଆକର୍ଷଣୀୟ ଠାରୁ ଆରମ୍ଭ କରି ପୃଥିବୀ ଦ୍ୱାରା ଆକୃତି ପାଇଥିବା ତରଳ ଗଠନ ଏବଂ ଜୈବିକ ଢାଞ୍ଚା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଡିଜାଇନ୍ ଉପଲବ୍ଧ ରହିଛି ଯାହା ବ୍ରହ୍ମପୁର ସହରବାସୀଙ୍କ ମନ ପସନ୍ଦ ହେବ ବୋଲି ଆଶା କରି ଏହି ଗହଣାକୁ ପରିଦର୍ଶନ ପାଇଁ ଷ୍ଟୋର ଭିଜିଟ୍ କରିବାକୁ ଅନୁରୋଧ କରିଥିଲେ ।




ସେହିପରି ଅନ୍ୟତମ ମ୍ୟାନେଜର (ଅତିଥି, ଗ୍ରାହକ ଓ ଲୋକ ସମ୍ପର୍କ) ଯୁ ଶ୍ରୀନିବାସ ପାତ୍ର କହିଛନ୍ତି ଯେ, ଏହି ଅବସରରେ ଅଫର ରୂପେ ଗ୍ରାହକ ମାନଙ୍କ ନିମନ୍ତେ 'ଘଟଡଇ' ର ୧୮ ଏବଂ ୧୪ କ୍ୟାରେଟ ସୁନା ଓ ଡାଇମଣ୍ଡର ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ରହିଥିବା ବେଳେ, ବିଶ୍ୱସ୍ତରୀୟ ସୁସଂସ୍କୃତିରେ ସ୍ୱର୍ଣ୍ଣ ସହିତ ତିଆରି ହୋଇଛି । ଏଥିରେ ରଙ୍ଗୀନ ମଣିପଥର, ସିରାମିକ୍‌ରଙ୍ଗ ଏନାମେଲିଂ ଏବଂ ମଲ୍ଟିଟୋନ୍ ରୋଡିୟମ୍ ଫିନିସ୍ ମାଧ୍ୟମରେ ଉନ୍ନତ ପ୍ରାକୃତିକ ହୀରା ରହିଛି। ସଂଗ୍ରହର ଗଠନ ଏବଂ କୋମଳତାକୁ ସନ୍ତୁଳିତ କରି, ଏପରି ଅଳଙ୍କାର ନିର୍ମିତ ହୋଇଛି ଯାହା ପରିଷ୍କୃତ, ବହୁମୁଖୀ ଏବଂ ପ୍ରାସଙ୍ଗିକ ଅନୁଭବ କରିବାରେ ସହାୟକ ହେବ। ତେବେ ପ୍ରତ୍ୟେକ ଡିଜାଇନ୍ ଜଟିଳ ବିବରଣୀ, ତରଳ ରୂପ ଏବଂ ଏକ ସ୍ୱତନ୍ତ୍ର ଆଧୁନିକ ସୌନ୍ଦର୍ଯ୍ୟ ମାଧ୍ୟମରେ ପ୍ରକୃତିର ପ୍ୟାଟର୍ନକୁ ବ୍ୟାଖ୍ୟା କରେ, ଏହି ସଂଗ୍ରହ ଓଡ଼ିଶାର ସମସ୍ତ ଷ୍ଟୋରରେ ଉପଲବ୍ଧ ରହିଥିବା ସେ କହିଛନ୍ତି। ତେବେ ଆଜିର ଏହି ଲଞ୍ଚ ଅବସରରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ. ପି. ଅହମ୍ମଦଙ୍କ ବାର୍ତ୍ତାକୁ ପ୍ରସାରଣ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି ଯେ, ଏହି ସଂଗ୍ରହର ମୂଳରେ ପ୍ୟାଟର୍ନ ପ୍ଲେ - ଜଟିଳ ଟେକ୍ସଚର୍, ଗଠନ ଏବଂ ବିବରଣୀ ପ୍ରତି ପ୍ରଶଂସା ରହିଛି ଯାହା ଆମ ଚାରିପାଖର ବିଶ୍ୱକୁ ନୀରବରେ ଆକାର ଦିଏ। ନୁଓ୍ୱା ସହିତ ଆମେ ସେହି ସୌନ୍ଦର୍ଯ୍ୟକୁ ଏକ ସମସାମୟିକ ହୀରା ସଂଗ୍ରହରେ ଅନୁବାଦ କରିବାକୁ ଚାହୁଁଥିଲୁ, ଯାହା ଆଜିର ମହିଳାଙ୍କ ପାଇଁ ସୁସଂସ୍କୃତ, ବହୁମୁଖୀ ଏବଂ ପ୍ରାସଙ୍ଗିକ ଅନୁଭବ କରେ। ପ୍ରତ୍ୟେକ ଖଣ୍ଡ ଜଟିଳ କାରିଗରୀ ଏବଂ ସହଜ ସୁନ୍ଦରତା ମଧ୍ୟରେ ଏକ ସନ୍ତୁଳନକୁ ପ୍ରତିଫଳିତ କରେ, ଯାହା ଏପରି ଅଳଙ୍କାର ସୃଷ୍ଟି କରେ ଯାହାକୁ ବିଭିନ୍ନ ସମୟରେ ଏବଂ ପିଢ଼ିମଧ୍ୟରେ ପିନ୍ଧା ଯାଇପାରିବ ଏବଂ ପ୍ରଶଂସା କରାଯାଇପାରିବ ବୋଲି ବାର୍ତ୍ତା ପ୍ରଦାନ କରିଥିଲେ। ଏନେଇ ଗହଣା ପ୍ରେମୀ ମହିଳା ମାନେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଏହି ଗହଣ ସବୁ ମହିଳା ମାନଙ୍କ ପାଇଁ ଡିଜାଇନ୍ କରାଯାଇଛି, ଯେଉଁ ମାନେ କମ ବିଳାସ ଏବଂ ଅର୍ଥପୂର୍ଣ୍ଣ ଡିଜାଇନକୁ ପସନ୍ଦ କରନ୍ତି ସେହି ମାନଙ୍କ ପାଇଁ ପ୍ରକୃତିରେ ଥିବା ସମନ୍ୱୟ ଦ୍ୱାରା ଅନୁପ୍ରାଣିତ ହୋଇ ନାଜୁକ ଓ ଦୃଢ଼ ଦୃଶ୍ୟ ଚରିତ୍ର ସହିତ ମିଶ୍ରଣ ସହ ଯାହା ଆଧୁନିକ ହୀରା ଅଳଙ୍କାରର ଏକ ସ୍ୱତନ୍ତ୍ର ପ୍ରକାଶନ ବୋଲି କହିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ଶୋ' ରୁମର କର୍ମଚାରୀ



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।

ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଆଗକୁ ଏମିତି ନ ହେଉ

ଓଡିଶାରେ ନୂତନ ଭାବେ ଗଠିତ ହୋଇଥିବା ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାରଙ୍କୁ ଜନମାନସରେ ହେୟ ପ୍ରତିପନ୍ନ କରିବା ଏବଂ ବିପର୍ଯ୍ୟସ୍ତ ପ୍ରଶାସନିକ ବ୍ୟବସ୍ଥାର ଆଳ ଦେଖାଇ ବଦନାମ କରିବା ପାଇଁ ଏକ ସୁଚିନ୍ତିତ ତଥା ପୂର୍ବପ୍ରସ୍ତୁତ ଚକ୍ରାନ୍ତ ଚାଲିଥିବା ଏବେ ସ୍ପଷ୍ଟ ହୋଇଯାଇଛି । ବିଶେଷ କରି ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରକାଶିତ ପାଠ୍ୟପୁସ୍ତକରେ ଦେଖାଦେଇଥିବା ସାଙ୍ଘାତିକ ତ୍ରୁଟି ଏବଂ ଭୁଲ ତଥ୍ୟକୁ ନେଇ ଯେଉଁ ବିବାଦ ସୃଷ୍ଟି କରାଯାଇଛି, ତାହା ବାସ୍ତବରେ ବର୍ତମାନର ମୋହନ ମାଝୀ ସରକାରଙ୍କ କାର୍ଯ୍ୟକାଳର ତ୍ରୁଟି ନୁହେଁ, ବରଂ ଏହା ପଛରେ ପୂର୍ବତନ ଶାସନ କାଳର ରହିଯାଇଥିବା ଅପାରଗତା ଏବଂ ବର୍ତମାନର ନୂଆ ସରକାରଙ୍କୁ ଅଡୁଆରେ ପକାଇବା ପାଇଁ ପ୍ରଶାସନିକ ସ୍ତରରେ ରହିଥିବା କିଛି କୁଚକ୍ରୀ ଗୋଷ୍ଠୀଙ୍କ ପୂର୍ବ କଳ୍ପିତ ଯୋଜନା ଥିଲା ବୋଲି ଜଣାପଡିଛି । ଶିକ୍ଷା ବ୍ୟବସ୍ଥା ଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଅସ୍ତ୍ର କରି ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଭାବମୂର୍ତି ଉପରେ ଆଘାତ ଆଣିବାକୁ ଚେଷ୍ଟା କରାଯାଉଥିବାବେଳେ ରାଜ୍ୟ ଉନ୍ନୟନ କମିଶନରଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ତଦନ୍ତ ରିପୋର୍ଟ ଏହି ମହାଷଡଯନ୍ତ୍ର ଉପରୁ ପରଦା ହଟାଇ ଦେଇଛି । ରିପୋର୍ଟରୁ ଏହା ସ୍ପଷ୍ଟ ଭାବେ ସାମ୍ନାକୁ ଆସିଛି ଯେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତି, ସଂଶୋଧନ ଏବଂ ମୁଦ୍ରଣ ପ୍ରକ୍ରିୟା ବର୍ତମାନର ସରକାର ଦାୟିତ୍ୱ ଗ୍ରହଣ କରିବାର ବହୁ ପୂର୍ବରୁ ହିଁ ଶେଷ ପର୍ଯ୍ୟାୟରେ ପହଂଚିଥିଲା ଏବଂ ସେତେବେଳେ ଦାୟିତ୍ୱରେ ଥିବା ଉଚ୍ଚପଦସ୍ଥ ଅଧିକାରୀ ତଥା ପାଠ୍ୟପୁସ୍ତକର ପ୍ରଣୟନ କମିଟିର ସଦସ୍ୟମାନେ ଜାଣିଶୁଣି ଏଭଳି ସାଙ୍ଘାତିକ ଭୁଲ ତଥା ପାଠ୍ୟପୁସ୍ତକ ପ୍ରଣୟନ କମିଟିର ସଦସ୍ୟମାନେ ଜାଣିଶୁଣି ଏଭଳି ସାଙ୍ଘାତିକ ଭୁଲ ସବୁକୁ ଅଣଦେଖା କରିଥିଲେ, ଯାହାଫଳରେ ପରବର୍ତୀ ସମୟରେ ଏହାକୁ ନେଇ ମୋହନ ମାଝୀ ସରକାରଙ୍କୁ ତୀବ୍ର ସମାଲୋଚନାର ଶରବ୍ୟ କରାଯାଇପାରିବ । ଶିକ୍ଷା ବିଭାଗରେ ରହିଥିବା ଏହି ପୂର୍ବ ପ୍ରସ୍ତୁତ ଚକ୍ରାନ୍ତ ଏକ ନିର୍ଦ୍ଦିଷ୍ଟ ରଣନୀତି ଅନୁଯାୟୀ କାର୍ଯ୍ୟକାରୀ କରାଯାଇଥିଲା, ଯେଉଁଠାରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ ଖେଳ ଖେଳି ସରକାରଙ୍କ ନୀତି ଓ ନିଷ୍ଠା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିବା ପାଇଁ ଯୋଜନା କରାଯାଇଥିଲା । ବିଦ୍ୟାଳୟ ପାଠ୍ୟପୁସ୍ତକ ଭଳି ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମାଗ୍ରୀରେ ମୁଦ୍ରଣ ଓ ତଥ୍ୟଗତ ତ୍ରୁଟି ରହିବା କୌଣସି ସାଧାରଣ ବ୍ୟାପାର ନୁହେଁ, ବରଂ ଏହାକୁ ଏକ ଯୋଜନାବଦ୍ଧ ପ୍ରଶାସନିକ ବିପର୍ଯ୍ୟାୟ କହିଲେ ଅତ୍ୟୁକ୍ତି ହେବ ନାହିଁ, ଯାହାର ଏକାମତ୍ର ଉଦ୍ଦେଶ୍ୟ ଥିଲା ନୂଆ ଶାସନ ବ୍ୟବସ୍ଥାକୁ ଜନସାଧାରଣଙ୍କ ସାମ୍ନାରେ ଦୋଷୀ ସଜାଇବା । ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଉନ୍ନୟନ କମିଶନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦେଇଥିବା ବିସ୍ତୃତ ରିପୋର୍ଟରେ ପାଠ୍ୟପୁସ୍ତକ ପ୍ରକାଶନ ସଂସ୍ଥା, ବିଭାଗୀୟ ସଚିବ ଏବଂ ଏଥିପାଇଁ ଗଠିତ ବିଶେଷଜ୍ଞ କମିଟିର ଚରମ ଅବହେଳା ତଥା ସେମାନଙ୍କର ଗୁପ୍ତ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ଭାବେ ପଦାରେ ଦେଇଛନ୍ତି । ରିପୋର୍ଟରେ ଦର୍ଶାଯାଇଛି ଯେ, ଯେତେବେଳେ ପାଠ୍ୟପୁସ୍ତକର ପାଣ୍ଡୁଲିପି ପ୍ରସ୍ତୁତ ହେଉଥିଲା ଏବଂ ଏହାର ପ୍ରୁଫ ରୀଡିଂ ଚାଲିଥିଲା, ସେତେବେଳେ କେଉଁ ଉଦ୍ଦେଶ୍ୟରେ ଏବଂ କାହା ନିର୍ଦ୍ଦେଶରେ ଏହି ତ୍ରୁଟିପୂର୍ଣ୍ଣ ତଥ୍ୟଗୁଡ଼ିକୁ ସେମିତି ରହିବାକୁ ଦିଆଗଲା, ତାହା ହିଁ ସବୁଠାରୁ ବଡ ପ୍ରଶ୍ନ ଏବଂ ଏହା ସୂଚାଉଛି ଯେ ବର୍ତମାନର ସରକାରଙ୍କୁ କ୍ଷତି ପହଂଚାଇବା ପାଇଁ ପରଦା ପଛରେ ଏକ ପ୍ରତିବନ୍ଧକ ସୃଷ୍ଟିକାରୀ ଗୋଷ୍ଠୀ ସକ୍ରିୟ ରହିଛନ୍ତି । ଏହି ପୂର୍ବପ୍ରସ୍ତୁତ ଷଡଯନ୍ତ୍ରର ମୂଳ ଲକ୍ଷ୍ୟ ହେଉଛି ଓଡିଶାରେ ବିଜେପି ନେତୃତ୍ୱାଧୀନ ମୋହନ ମାଝୀ ସରକାର ଯେଉଁ ଲୋକାଭିମୁଖୀ ଏବଂ ସ୍ୱଚ୍ଛ ଶାସନ ପ୍ରଦାନ କରିବାକୁ ପ୍ରୟାସ କରୁଛନ୍ତି, ତାହାକୁ ଯେକୌଣସି ପ୍ରକାରେ ବିଫଳ ପ୍ରମାଣିତ କରିବା ଏବଂ ଗଣମାଧ୍ୟମ ତଥା ସାମାଜିକ ଗଣମାଧ୍ୟମରେ ସରକାର ବିରୋଧୀ ପରିବେଶ ସୃଷ୍ଟି କରିବା । ପାଠ୍ୟପୁସ୍ତକରେ ଭୁଲ ଛାପି ହେବା କାରଣରୁ ଯେତେବେଳେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା, ସେତେବେଳେ ସରକାରଙ୍କ ବିରୋଧୀ ଗୋଷ୍ଠୀ ଏହାକୁ ତୁରନ୍ତ ମୋହନ ମାଝୀଙ୍କ ପ୍ରଶାସନିକ ଦୁର୍ବଳତା ବୋଲି ପ୍ରଚାର କରିବା ଆରମ୍ଭ କରିଦେଲେ, କିନ୍ତୁ ସେମାନେ ଏହା ଭୁଲିଗଲେ ଯେ ଏହି ପୁସ୍ତକଗୁଡିକର ବିଷୟବସ୍ତୁ ନିର୍ଦ୍ଧାରଣ ଓ ଚୂଡାନ୍ତ ଅନୁମୋଦନ ପ୍ରକ୍ରିୟା ବହୁ ପୂର୍ବରୁ ଅମଲାତନ୍ତ୍ରର କିଛି ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ଦ୍ୱାରା ଶେଷ ହୋଇସାରିଥିଲା । ଉନ୍ନୟନ କମିଶନରଙ୍କ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଂଚିବା ପରେ ଏବେ ଏହି ସମଗ୍ର ଚକ୍ରାନ୍ତର ଗୁମର ଫିଟିଯାଇଛି ଏବଂ ସରକାର ଏହି ମମାଲାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ଦୋଷୀ ଅଧିକାରୀ ଓ ବିଶେଷଜ୍ଞମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି । ମୋହନ ମାଝୀ ସରକାରଙ୍କୁ ବିଭିନ୍ନ ବିବାଦ ଭିତରକୁ ଟାଣି ଆଣି ତାଙ୍କର ଦକ୍ଷତା ଉପରେ ଆଙ୍ଗୁଠି ଉଠାଇବା ପାଇଁ ଯେଉଁମାନେ ପଛରେ ରହି ସୂତ୍ରଧର ସାଜିଥିଲେ, ସେମାନଙ୍କର ମୁଖା ଏବେ ସମ୍ପୂର୍ଣ୍ଣ ଭାବେ ଖୋଲିଯାଇଛି । ଓଡିଶାର ସ୍କୁଲ ଶିକ୍ଷା ବିଭାଗରେ ବର୍ଷ ବର୍ଷ ଧରି ଜମି ରହିଥିବା ଦୁର୍ନୀତି ଓ ଅପାରଗତାର ପରିଣାମକୁ ଏହି ନୂଆ ସରକାରଙ୍କ ମୁଣ୍ଡରେ ଅଜାଡି ଦେବା ପାଇଁ ଯେଉଁ ହୀନ ପ୍ରୟାସ କରାଯାଇଛି, ତାହାକୁ ଓଡିଶାର ସଚେତନ ନାଗରିକମାନେ କଦାପି ଗ୍ରହଣ କରିବେ ନାହିଁ । ବାସ୍ତବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦାୟିତ୍ୱ ନେବା ଦିନଠାରୁ ହିଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ଓଡିଆ ଅସ୍ମିତା ଏବଂ ସଠିକ୍ ଇତିହାସକୁ ପାଠ୍ୟପୁସ୍ତକରେ ସ୍ଥାନ ଦେବା ପାଇଁ ଅନେକ ସକାରାତ୍ମକ ପଦକ୍ଷେପ ନେଇଛନ୍ତି, କିନ୍ତୁ ସରକାରଙ୍କ ଏହି ସଫଳତାକୁ ସହ୍ୟ ନକରିପାରି କିଛି ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଏବଂ ପୂର୍ବ ଶାସନର ଅନୁଗତ ଅଧିକାରୀମାନେ ମିଳିତ ଭାବେ ଏହି ବହି ବିଭ୍ରାଟ ସୃଷ୍ଟି କରିଛନ୍ତି । ଏହି ଷଡଯନ୍ତ୍ର ଏତେ ସୂକ୍ଷ୍ମ ଥିଲା ଯେ ସାଧାରଣ ଆଖିରେ ଏହା ଏକ ମୁଦ୍ରଣ ଜନିତ ତ୍ରୁଟି ଭଳି ମନେହେଲେ ମଧ୍ୟ, ଏହାର ପଛରେ ଥିବା ବଡ ରଣନୀତି ଥିଲା ନୂଆ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଜନସାଧାରଣ ଓ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିବା । ଉନ୍ନୟନ କମିଶନରଙ୍କ ରିପୋର୍ଟ ଆଧାରରେ ଏବେ ଏହା ପ୍ରମାଣିତ ହୋଇଛି ଯେ, ପାଠ୍ୟପୁସ୍ତକ ପ୍ରସ୍ତୁତି ସମୟରେ ତଥ୍ୟଗୁଡିକୁ ଯାଂଚ କରିବା ପାଇଁ ଦାୟିତ୍ୱ ପାଇଥିବା ସଂସ୍ଥା ନିଜର କର୍ତବ୍ୟ ସମ୍ପାଦନ କରିନଥିଲେ ଏବଂ ଜାଣିଶୁଣି ଏପରି ଏକ ପରିସ୍ଥିତି ସୃଷ୍ଟି କଲେ ଯେପରି ବହିଗୁଡିକ ବଜାରକୁ ଆସିବା ମାତ୍ରେ ହିଁ ସରକାରଙ୍କୁ ବଦନାମ କରାଯାଇପାରିବ ।

# ଅବିସ୍ମରଣୀୟ ଶିକ୍ଷକ ଓ ସଂଗଠକ ବିନାୟକ ଆଚାର୍ଯ୍ୟ ଏକ ଦୃଷ୍ଟିପାତ

**କୈଳାସ ଚନ୍ଦ୍ର ଦାଶ**

୧୯୫୦ ଦଶକରେ ଶିକ୍ଷକ ବିନାୟକ ପ୍ରତ୍ୟେକ୍ଷ ରାଜନୀତିରେ ଯୋଗ ଦେଇଥିଲେ ୧୯୫୨ ମସିହାରେ ସାମ୍ୟବାଦର ଚିନ୍ତାଧାରାର ସାରଥି ଭାବରେ ଗଞ୍ଜାମର ନେତୃତ୍ୱ ନେଇଥିଲେ ସ୍ୱର୍ଗତଃ ବିଜୟ ଚନ୍ଦ୍ର ଦାସ ସେଥିରେ ଶଶିଭୂଷଣ ପତି, ରାମକୃଷ୍ଣ ବେହେରା ଓ ବ୍ରହ୍ମାନନ୍ଦ ପଣ୍ଡାଙ୍କ ପରି ବିନାୟକ ଆଚାର୍ଯ୍ୟ ଅଂଶ ଗ୍ରହଣ କରିଥିଲେ ଭାରତରେ ସ୍ୱାଧିନତା ପରବର୍ତ୍ତୀ କାଳରେ ୧୯୫୧-୫୨ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏହି ନିର୍ବାଚନରେ ଓଡିଶା ବିଧାନ ସଭା ନିମନ୍ତେ ଗଞ୍ଜାମ ଜିଲ୍ଲାକୁ ୧୨ଟି ନିର୍ବାଚନ ମଣ୍ଡଳୀରେ ବିଭକ୍ତ କରାଯାଇଥିଲା । ତନ୍ମଧ୍ୟରୁ ୩ଗୋଟି ନିର୍ବାଚନ ମଣ୍ଡଳୀ ଯୁଗ୍ମ ନିର୍ବାଚନ ମଣ୍ଡଳୀ ରୂପେ ସ୍ଥିର ହୋଇଥିଲା ବ୍ରହ୍ମପୁର ସେଥି ମଧ୍ୟରୁ ଅନ୍ୟତମ କିନ୍ତୁ ନିର୍ବାଚନ ପରେ ମକଦ୍ଦମା ହୋଇ ଏହା ଅସିଦ୍ଧ ଘୋଷିତ ହେବା ପରେ ବ୍ରହ୍ମପୁର ଯୁଗ୍ମ ନିର୍ବାଚନ ମଣ୍ଡଳୀରେ ୧୯୫୩ରେ ପୁଣି ଉପ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ବିନାୟକ ଆଚାର୍ଯ୍ୟ ପ୍ରଧାନ ଶିକ୍ଷକ ପଦବୀ ଛାଡି ଏହି ଉପ ନିର୍ବାଚନରେ ସାମ୍ୟବାଦୀ ଦଳର ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦ୍ୱିତା କଲେ ନିଆଁଖୁଣ୍ଟା ପତ୍ରିକାର ସେପ୍ଟେମ୍ବର ୧୯୫୩ ସଂଖ୍ୟାରେ ଡାମରାକାଉରେ ଡାମରାକାଉ କବିତାରେ ଏହି ନିର୍ବାଚନକୁ ବ୍ୟଙ୍ଗ କରାଯାଇ କୁହାଯାଇଥିଲା-

ତେଣୁ ମୁଁ କହୁଛି ଯିବୁତୁ ଉଡି
ଡେଇଁ ବାଲେଶ୍ୱର, କଟକ, ପୁରୀ
ପାରି ନହେବୁତୁ ଗଞ୍ଜାମ ଜିଲ୍ଲା
ଶୁଣିବୁ ଲାଗିଛି ବିଷମ ବାଲା
ପାନ-ବୃନ୍ଦାବନ ମୋହନ ଦଳ
ନବ ବଳେ ବଳୀୟାନ ପ୍ରବଳ
ଧରି ରାଧାନାଥ ପଦ-ଯୁଗଳ
କହୁଛନ୍ତି ନାଥ ! ନାୟକ କର
ବୁଡି ଯାଉଥିବା ଡଙ୍ଗାରେ ବସି
ଯେଉଁ ଡଙ୍ଗା ନାଁ ଦାସ ଶ୍ରୀ ବିଶି-
ପାରି ହେବା ପାଇଁ ଭୋଟ ସାଗର
ଜାଳୁଛନ୍ତି ବସି ଆଶା-ଜାଗର
ପାଖେ ବିନାୟକ, ପାଖେ ଶ୍ରୀରାମ
ସମର ଲାଗିଛି ଅତି ବିଷମ

ଆଚାର୍ଯ୍ୟ ଏହି ନିର୍ବାଚନରେ କିନ୍ତୁ ପରାସ୍ତ ହୋଇଗଲେ ବୃନ୍ଦାବନ ନାୟକ କଂଗ୍ରେସ ପ୍ରାର୍ଥୀ ୧୪୬୯୪ ଭୋଟ ପାଇ ବିଜୟ ଲାଭ କରିଥିଲେ ବିନାୟକ ଆଚାର୍ଯ୍ୟ ୧୦୪୬୮ ଭୋଟ ପାଇ ପରାସ୍ତ ହୋଇଗଲେ (ଚୌଧୁରୀ ବିଷ୍ଣୁଚରଣ, "ବିନାୟକ ଆଚାର୍ଯ୍ୟ:ଏକ ବହୁମୁଖୀ ବ୍/କ୍ତିତ୍ୱ, ବିନାୟକ ଆଚାର୍ଯ୍ୟ ସ୍ମାରକୀ ବକ୍ତୃତା ମାଳା, ୨୦୦୫, ବିନାୟକ ଆଚାର୍ଯ୍ୟ କଲେଜ, ବ୍ରହ୍ମପୁର) ଉପ ନିର୍ବାଚନରେ ପରାଜିତ ହେଲେ ସତ, ବିନାୟକ ବାବୁ ଏହି ପ୍ରତିଦ୍ୱନ୍ଦ୍ୱିତାରେ ସମଗ୍ର ଗଞ୍ଜାମ ଜିଲ୍ଲାରେ ଅଭୁତପୂର୍ବ ଜନ ଜାଗରଣ ସୃଷ୍ଟି କରିଥିଲେ ସାମ୍ୟବାଦୀ ଦଳ ପ୍ରତି ବିନାୟକ ବାବୁଙ୍କର ମମତା ଓ ଆନୁଗତ୍ୟ ଏତେ ବେଶୀ ଥିଲା ଯେ ସେ କେବଳ କମୁନିଷ୍ଟ ପାର୍ଟିର ସମର୍ଥକ ଦୋକାନୀଠାରୁ ପାନ ଜଳଖିଆ ଖାଉଥଲେ ତାଙ୍କର ଧୋବା, ଭଣ୍ଡାରୀ, ଦରଜୀ ପ୍ରଭୃତିଙ୍କୁ ସେ ଦଳର ଶ୍ରେଣୀଭୁକ୍ତ କରିଥିଲେ ତାଙ୍କର ବିରୋଧି ଦଳ କଂଗ୍ରେସ ପ୍ରାର୍ଥୀ ବୃନ୍ଦାବନ ନାୟକ ନିର୍ବାଚନରେ ଜୟଯୁକ୍ତ ହୋଇଥିଲେ ମଧ୍ୟ ଦୁହିଁଙ୍କ ମଧ୍ୟରେ ନିବିଡ ବନ୍ଧୁତା ରହିଥିଲା ପ୍ରାୟ ତିନି ବର୍ଷର ବ୍ୟବଧାନ ପରେ ସେ ତାଙ୍କର ପ୍ରଧାନ ଶିକ୍ଷକ ପଦବୀକୁ ପୁନର୍ବାର ଫେରିଥିଲେ ସେଥିପାଇଁ ବୃନ୍ଦାବନ ନାୟକ ତାହାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ (ସାହୁ ପଦ୍ମଚରଣ, କର୍ମବୀର ବୃନ୍ଦାବନ, ବ୍ରହ୍ମପୁର, ୧୯୮୯, ପୃ-୬୩-୬୪) ଏହା ପରେ ସେ କେତେକ କାରଣରୁ କମ୍ୟୁନିଷ୍ଟ ଦଳ ପରିତ୍ୟାଗ କରି ସର୍ବୋଦୟ ଆନ୍ଦୋଳନ ଓ ହିନ୍ଦି ପ୍ରଚାର ସଭାରେ ଯୋଗ ଦେଇଥିଲେ ।

୧୯୬୭ ମସିହାରେ ବିନାୟକ ଆଚାର୍ଯ୍ୟ ପ୍ରଧାନ ଶିକ୍ଷକ ପଦରୁ ଇସ୍ତଫା ଦେଇ ସକ୍ରିୟ ରାଜନୀତିରେ ପୁନଃଯୋଗଦାନ କଲେ କଂଗ୍ରେସ ଦଳର ଆଦର୍ଶ ଓ କାର୍ଯ୍ୟକ୍ରମରେ ଅନୁପ୍ରାଣିତ ହୋଇ ୧୯୫୮-୫୯ରୁ ଏହି ଦଳରେ ସାମିଲ ହୋଇଥିଲେ ବିଜୁ ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ସେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଦଳର ପ୍ରାର୍ଥୀ ରୂପେ ୧୯୬୭ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କଲେ ଏହି ନିର୍ବାଚନରେ ବିନାୟକ ବାବୁ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜନ କଂଗ୍ରେସ ପ୍ରାର୍ଥୀ ବସନ୍ତ କୁମାର ପାଣିଗ୍ରାହୀଙ୍କୁ ବହୁ ଭୋଟ ବ୍ୟବଧାନରେ ପରାଜିତ କରି ପ୍ରଥମ ଥର ପାଇଁ ରାଜ୍ୟ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ ୧୯୬୭ ମସିହାଠାରୁ ତାଙ୍କର ପାର୍ଲିଆମେଣ୍ଟାରୀ ଜୀବନର ସୂତ୍ରପାତ ହୋଇଥିଲା ପ୍ରଥମେ ସେ ବିଧାନ ସଭାରେ ମୁଖ୍ୟ ବିରୋଧି ଦଳ ଥିବା ୩୧ ଜଣିଆ କଗ୍ରେସ ବ୍ୟବସ୍ଥାପକ ଦଳ ଉପନେତା ଥିଲେ ଏହାରଏକ ବର୍ଷ ପରେ ସେ ଉକ୍ତ ଦଳର ନେତା ନିର୍ବାଚିତ ହୋଇ ବିଧାନ ସଭାର ବିରୋଧି ଦଳର ନେତା ଦାୟିତ୍ୱ ଗ୍ରହଣ କଲେ (ସମାଜ, ଡିସେମ୍ବର୨୮, ୧୯୭୬) ୧୯୬୯ରେ ଭାରତୀୟ ଜାତୀୟ କଂଗ୍ରେସ ସର୍ବଭାରତୀୟ ସ୍ତରରେ ଏକ ବିଭାଜନର ସମ୍ମୁଖୀନ ହେଲା ଏହାହେଲା ଦୁଇ ଭାଗ-କଂଗ୍ରେସ (ସଂଗଠନ) ଏବଂ କଂଗ୍ରେସ(ଶାସକ) ୧୯୬୯ରେ କଂଗ୍ରେସର ବିଭାଜନ ବେଳେ ବିନାୟକ ଆଚାର୍ଯ୍ୟ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ ପ୍ରତି ଆସ୍ଥା ପ୍ରକାଶ କରିଥିଲେ ଏବଂ ଶାସକ କଂଗ୍ରେସ ସହିତ ସାମିଲ ହେଲେ ୧୯୭୦ରେ ଓଡିଶା କଂଗ୍ରେସ ବିଧାୟକ ଦଳର ଅଧିକାଂଶ ସଭ୍ୟ ବିଜୁ ପଟ୍ଟ ନାୟକଙ୍କ ନେତୃତ୍ୱରେ କଂଗ୍ରେସରୁ ବାହାରି ଯାଇ ଉତ୍କଳ କଂଗ୍ରେସ ଗଢିବା ବେଳେ ମାତ୍ର ୧୨ ଜଣ କଂଗ୍ରେସ ବିଧାୟକଙ୍କ ନେତୃତ୍ୱ ନେଇ ଆଚାର୍ଯ୍ୟ ଓଡିଶାରେ ଶାସକ କଂଗ୍ରେସର ଅସ୍ତିତ୍ୱ ବଜାୟ ରଖିଥଲେ ଦଳର ଉଚ୍ଚ କର୍ତ୍ତୃପକ୍ଷ ଆଡହକ ଓଡିଶା ପ୍ରଦେଶ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଲେ ଏବଂ ବିନାୟକ ବାବୁ ଏହାର ଆବାହକ ରୂପେ ମନୋନୀତ ହେଲେ ବହୁ ଘାତ ପ୍ରତିଘାତ ମଧ୍ୟରେ ରାଜ୍ୟରେ କଂଗ୍ରେସ ସଂଗଠନକୁ ବଞ୍ଚାଇ ରଖିବା ଏବଂ ତୃଣମୂଳ ସ୍ତରରେ ଦଳକୁ ଶକ୍ତିଶାଳୀ କରିବାର ଗୁରୁ ଦାୟିତ୍ୱ ବିନାୟକ ବାବୁଙ୍କ ଉପରେ ନ୍ୟସ୍ତ କରାଯାଇଥିଲା ଜଣେ ଦୃଢ ସଂଗଠକଭାବରେ ସେ ନିଜକୁ ପ୍ରତିଷ୍ଠିତ କରିବା ସଂଗେ ସଂଗେ ରାଜ୍ୟରେ କଂଗ୍ରେସ ଦଳକୁ ଶକ୍ତିଶଳୀ କରିପାରିଥିଲେ (ଚୌଧୁରୀ, ବିଷ୍ଣୁଚରଣ, ପୂର୍ବୋକ୍ତ ପ୍ରବନ୍ଧ) ।

ପରିଶେଷରେ କଂଗ୍ରେସ ଦଳରେ ଥାଇ ୧୯୭୬ ଡିସେମ୍ବର ମାସରେ ବିନାୟକ ଆଚାର୍ଯ୍ୟ ମୁଖ୍ୟମନ୍ତ୍ରୀ ହୋଇଥିଲେ ମୁଖ୍ୟମନ୍ତ୍ରୀ ହେବାପରେ ସେ ରାଜ୍ୟରେ ନିର୍ମଳ, ସାଧୁ ଓ ଦୃଢ ଶାସନ ପ୍ରତିଷ୍ଠା ଦିଗରେ ସର୍ବବିଧ ଉଦ୍ୟମ କରିବେ ବୋଲି ସଂକଳ୍ପ ଜଣାଇଥିଲେ ମୁଖ୍ୟମନ୍ତ୍ରୀ ଆଚାର୍ଯ୍ୟ ୨୯ ତାରିଖ ଡିସେମ୍ବର ରାତ୍ରିରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ବେତାର ଭାଷଣ ଦେଇଥିଲେ (ସମାଜ, ଡିସେମ୍ବର ୩୧, ୧୯୭୬) ସେଥିରେ ସେ ସେବାକୁ ମୂଳମନ୍ତ୍ର କରି ଶାସନ ଦାୟିତ୍ୱ ତୁଲାଇବାକୁ ପରାମର୍ଶ ଦେଇଥିଲେ ସେ କହିଥଲେ-"ରାଜ/ର ଉନ୍ନତି କଥା ଚିନ୍ତା କଲାବେଳେ ଯେଉଁମାନଙ୍କୁ ନେଇ ଓ ଯେଉଁମାନଙ୍କ ଜରିଆରେ ଏହି କାର୍ଯ୍ୟ ସମ୍ପାଦନ ହେବ, ସେମାନଙ୍କ ସମ୍ପର୍କରେ ମୁଁ ସଚେତନ ଛାତ୍ର, ଯୁବକ, କୃଷକ, ଶ୍ରମିକ, ବୁଦ୍ଧିଜୀବୀ ତଥା ବିଭିନ୍ନ ଗୋଷ୍ଠିର ଲୋକମାନଙ୍କୁ ମୁଁ ବିନମ୍ର ନିବେଦନ କରୁଛି ଯେ ଓଡିଶାର ଉନ୍ନତି ଓ ପ୍ରଗତି ପାଇଁ ଏବେ ଏକ ନୂଆ ସୁଯୋଗ ଆସିଛି ଆସନ୍ତୁ ଆମେ ସମସ୍ତେ ମିଳିମିଶି ନିଷ୍ଠା ଓ ଆନ୍ତରିକତା ସହ ରାଜ୍ୟ ତଥା ଦେଶର କଲ୍ୟାଣ ପାଇଁ ଶପଥ ନେବା ଏ ଦାୟିତ୍ୱ ସମ୍ପାଦନ ପାଇଁ ମୁଁ ସବୁଶ୍ରେଣୀର ଲୋକଙ୍କର ସାହାଯ୍ୟ ଓ ସହଯୋଗ କାମନା କରୁଛି ଓଡିଶାକୁ ନୂଆ ରୂପ ଦେବା ପାଇଁ ଆଜି ଆମକୁ ଯେଉଁ ସୁଯୋଗ ମିଳିଛି ତାହାର ସଦୁପଯୋଗ କରି ସୁଖୀ ଓ ସମୃଦ୍ଧ ଓଡିଶା ଗଢିବାକୁ ମୁଁ ରାଜ୍ୟବାସୀଙ୍କୁ ବିନମ୍ର ନିବେଦନ କରୁଛି" ମାତ୍ର ୪ ମାସ ପରେ ୧୯୭୭ ମସିହା ଏପ୍ରିଲ ୩୦ ତାରିଖ ଦିନ କେନ୍ଦ୍ରରେ ଥିବା ଜନତା ସରକାର ଆଚାର୍ଯ୍ୟଙ୍କର ମନ୍ତ୍ରୀମଣ୍ଡଳକୁ ବରଖାସ୍ତ କରିଥିଲେ ୧୯୬୯ ଠାରୁ ୧୯୭୭ ମସିହାରେ ସପ୍ତମ ଓଡିଶା ବିଧାନ ସଭା ଗଠିତ ହେବା ପର୍ଯ୍ୟନ୍ତ ଓଡିଶା ରାଜନୀତିରେ ଛକାପଂଝା ଥିବା ବେଳେ ବିନାୟକ ଆଚାର୍ଯ୍ୟଙ୍କର ଭୂମିକା ଏକ ନିର୍ଭୀକ, ସଚ୍ଚୋଟ ଓ ଆଦର୍ଶବାଦୀ ରାଜନୀତିଜ୍ଞର ସାକ୍ଷର ବହନ କରି ପାରିଥିଲା । ସେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ଅନୁଷ୍ଠାନ ସହିତ ସଂଶ୍ଳିଷ୍ଟ ଥିଲେ ଜୀବନର ଶେଷ ପର୍ଯ୍ୟନ୍ତ ଭାରତ ସୋଭିଏତ ମୈତ୍ରୀସଂଘ, ଭାରତ ଜର୍ମାନୀ ମୈତ୍ରୀ ସଂସଦ, ଭାରତୀୟ ଶାନ୍ତି ପରିଷଦ ଇତ୍ୟାଦିର ସେ ଥିଲେ ମୁଖ୍ୟ କର୍ଣ୍ଣଧାର ୧୯୪୬ ମସିହାଠାରୁ ୩୦ ବର୍ଷ ଧରି ରାଷ୍ଟ୍ରଭାଷା ପ୍ରଚାର ସମିତି ସହ ସଂପୃକ୍ତ ରହି ଓଡିଶାରେ ହିନ୍ଦି ଓ ଜାତୀୟ ସଂହତି ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ୧୯୭୬ରେ ସେ ଓଡିଶାରେ ରାଷ୍ଟ୍ରଭାଷା ପ୍ରଚାର ସମିତିର ସଭାପତି ଥିଲେ ସେ ମଧ୍ୟ ଓଡିଶା ମାଧ୍ୟମିକ ଶିକ୍ଷକ ସଂଘର ସଂପାଦକ ଓ ପରେ ଉପ ସଭାପତି ହୋଇ ରାଜ୍ୟରେ ଶିକ୍ଷକମାନଙ୍କର ମଙ୍ଗଳ ପାଇଁ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ୧୯୭୬ ଜୁନ ମାସରେ ବ୍ରହ୍ମପୁର ପ୍ରକାଶମ ହଲ ଠାରେ ଦକ୍ଷିଣ ଓଡିଶା ସାହିତ୍ୟ ଓ ସାଂସ୍କୃତିକୀ ସମ୍ମିଳନୀର ଉଦଘାଟନ କରି ଦକ୍ଷିଣ ଓଡିଶା ସାଂସ୍କୃତିକ ଜୀବନର ବିକାଶ ପାଇଁ ଉଦ୍ୟମ ହେବା ଉଚିତ ମୋଲି ସେ ମତ ଦେଇଥିଲେ ସେ ମଧ୍ୟ କୃଷକ ସମାଜର ସଭାପତି ଭାବରେ କାର୍ଯ୍ୟ କରିଥିଲେ ।

ବିନାୟକ ଆଚାର୍ଯ୍ୟଙ୍କର ବହୁମୁଖୀ କର୍ମଧାରା ତାଙ୍କ ବିଧାନସଭା ପ୍ରଦତ୍ତ ଭାଷଣ ଏବଂ ବିଧାନ ସଭା ବାହାରେ ପ୍ରଦତ୍ତ ଭାଷଣରୁ ସୂଚିତ ହୋଇଥାଏ ଶିକ୍ଷା, ସାଂସ୍କୃତିକ ସଂଗଠନ, ସାହିତ୍ୟୋନ୍ନତି, ଅର୍ଥନୀତିକ ଅଭିବୃଦ୍ଧି ଓ ଯୋଜନା, ଦଳିତ ସମସ୍ୟା ସମାଧାନ, କୃଷି ଓ ଶିଳ୍ପର ବିକାଶ ପରି ନାନା କର୍ମଧାରାରେ ସେ ସଂଯୁକ୍ତ ହୋଇଥିଲେ ତାଙ୍କଜୀବନର ଦୀର୍ଘ ୪୦ ବର୍ଷ (୧୯୪୦ରୁ ୧୯୮୦) ତାଙ୍କ ଅବିସ୍ମରଣୀୟ ଜୀବନର ବିଶିଷ୍ଟ ପର୍ବ ଏହି ସମୟ ସୀମାରେ ତାଙ୍କ କର୍ମପ୍ରବାହରେ ତାଙ୍କ ଜୀବନ ଦର୍ଶନର ପ୍ରତିଫଳନ ଘଟିଥିଲା ।

ପୂର୍ବତନ ଇତିହାସ ପ୍ରାଧ୍ୟାପକ, ବିଜେବି ନଗର, ସି-୩/୨, ଭୁବନେଶ୍ୱର-୧୪, ମୋ-୯୪୩୭୬୨୧୫୧୬

# ଅଭୟଦାତା ଭୟ ବାଣ୍ଟୁଛନ୍ତି କାହିଁକି ?

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

'ଏମିତି ଏକ ଲେଖା ପୋଲିସ ସାର ମାନଙ୍କ ଲୋକ ଭରସା ବାଣୀ ସେମାନଙ୍କ ଗାଡ଼ିରେ ଲେଖା ଥିବା ଦେଖା ଯାଇଥଲା । ସ୍ୱାଧୀନତା ପରେ ଦେଶରେ ବ୍ରିଟିଶ ଢ଼ାଞ୍ଚା ପୋଲିସ ବିଭାଗରେ ବଦଳି ବେଳକୁ ବେଳ ସଂସ୍କାରିତ ହୋଇ ହୋଇ ଆଗକୁ ବଢୁଛି ହେଲେ ପୂର୍ବେ ଗାଁ ଚୌକିଦାର, କନେଷ୍ଟବଳଙ୍କୁ ଯେତେ ଭୟ ଅପରାଧୀଙ୍କର ଥିଲା ସ୍ୱାଧୀନତାର ୭୫ ବର୍ଷ ପରେ ସେପରି ଭୟ ପୋଲିସ ଉଚ୍ଚ କର୍ତ୍ତାମାନଙ୍କୁ ଅପରାଧିଙ୍କର ନଥିବା ଭଳି ଅନୁଭୂତ ବିଭିନ୍ନ ଘଟଣାବଳୀରୁ ବଜା ପଡୁଛି । ଯୋଗାଯୋଗ ସ୍ତରର ପ୍ରଣାଳୀ ଅତି ଉନ୍ନନ ହେଲାଣି, ହେଲେ କେମିତିକା ଉପାୟରେ ଗଞ୍ଜେଇ ଚାଷ ହୋଇ ତାକୁ ଶୁଖାଇ ବସ୍ତା ବାନ୍ଧି ବା କାଗଜ କାର୍ଟୁନରେ ପ୍ୟାକ ଚାଲାଣ ହେବା ପଥରେ ଧରା ପଡୁଛି ଅନେକଥର ହେଲେ ଜଡ଼ରୁ ବନ୍ଦ ହୋଇପାରୁନାହିଁ । ଏ ସମୟରେ ବିଦେଶୀ ମଦ୍ୟର ପ୍ରସ୍ତୁତ କାରଖାନା ଅନେକ ହେଲାଣି, ସରକାରୀ ଅନୁମୋଦନରେ ଠିପି ବନ୍ଦ ଆଉ ଠିପି ଖୋଲା ମଦ ଦୋକାନ ମାନେ, ଯତ୍ର, ତତ୍ର, ସର୍ବତ୍ର ଖୋଲିବା ଦେଖା ଗଲାବେଳେ, ଚୋରା ମଦ କେମିତିକା ଲୋକଙ୍କ ହାତ ପୈଠ ହେଉଛି । ଏ ସମୟରେ ମୋବାଇଲ ଯୁଗ କମ୍ପ୍ୟୁଟର ଯୁଗ, ନୂଆ ପ୍ରକାର ଚୋରୀ ଯହିଁରେ ଚୋରକୁ ଧରିବା ବେଳକୁ ଚୋରୀ ଯାଇଥିବା ଧନ ଚୋର ର ଚଲୁ ହୋଇ ହଜମ ହୋଇ ଯାଉଛି । ଏହାର ବାରେଣୀ ବିଦ୍ୟା କେମିତିକା ଏ ପର୍ଯ୍ୟନ୍ତ ବାହାରୁନାହିଁ । ପୁରାଣ ପ୍ରମାଣରେ ପୋଲିସ (କଟୁଆଳ କୋଟୱାଳ)କଠୋର ଅତି କଠୋର କାମ କରୁଥିଲେ । ରାଜାକଂସ ତାର ନିଜ ବାପାଙ୍କୁ ରାଜପଦବୀରୁ ଛଡ଼ାଇ କଟୁଆଳ ପଦବୀରେ ମୁତୟନ କରିଥିଲେ । ତାଙ୍କ ବାପାଙ୍କ ନାମ ଉଗ୍ରେସନ, ଏଥିରେ ଅଛି ଉଗ୍ରତା ସେ ଏପରି କର୍ତ୍ତବ୍ୟ ରତ ଥିଲେ ପ୍ରଚଣ୍ଡ ବର୍ଷାକୁ ମେଘ ଢ଼ଙ୍କା କୃଷ୍ଣ ପକ୍ଷ ଅଷ୍ଟମୀର ମଧ୍ୟ ରାତ୍ରୀ ଆଗକୁ ବଢ଼ିବା ସମୟ ଏପରି ବେଳାରେ ସେ ଡିଉଟିରେ ରହିଥିଲେ । ବିନା ପରିଚୟ ପତ୍ରରେ ସେ ବି ନବଜାତକ ଶିଶୁକୁ ସ୍ଥାନାନ୍ତର କରାଇ ନଥିଲେ ।

ଜରାସନ୍ଧତାର କୋଟୱାଲୀ କାର୍ଯ୍ୟରେ ମାନବକୁ ବିଶ୍ୱାସ ନକରି ଗଧ ପରି ପଶୁ, ଶିମୁଳି ଗଛ, ଯାନ୍ତ୍ରିକ ତୁରୀକୁ ବିଶ୍ୱାସ କରୁଥିଲେ, ଜରାସନ୍ଧ ରାଜା ସେ କାନୁନ ସ୍ରଷ୍ଟା ଯାହାକୁ ସନ୍ଦେହ କରିବେ ତାର ରାଜଦଣ୍ଡ ସୁନିଶ୍ଚିତ ପୁଣି ତାଙ୍କର ମଲ୍ଲ ଶକ୍ତି ଥିଲା । ହେଲେ ଡରୁଆ, କୁ ଅବିଶ୍ୱାସ ଗୁଣର ଚରିତ୍ରଧାରୀ ଥିଲେ । କାହାକୁ ବିଶ୍ୱାସ ନକଲେ ଏହି ବି ତିଷ୍ଠି ରହିବା ସମ୍ଭବ ନୁହେଁ । ଭେଜାଲ ଅପମିଶ୍ରଣ ଏବେ ସର୍ବତ୍ର ଲୋକେ ଯାହା ନିତ୍ୟ ବ୍ୟବହାର କରୁଛନ୍ତି ତା ମଧ୍ୟରେ ଭୋଜ୍ୟ ଦ୍ରବ୍ୟ ନିଶ୍ଚୟ ପ୍ରଥମ । ଏହାର ସବୁ ମୌଳିକ ନାମ କାୟମ ରହିବା ବେଳେ ସବୁରେ ମିଳାବଟ, ନହେଲେ ଶଙ୍କର ବା ହାଇବ୍ରିଡି । ଏହା ପୁଞ୍ଜିପତି ଗୋଷ୍ଠୀଙ୍କ ବଣିକ ବୃତ୍ତିରେ ଆସୁଛି । ଏସବୁ ଅର୍ଥ ବଳରେ ରାଜ କରୁଛନ୍ତି, ବର୍ତ୍ତମାନର ରାଜନେତା ସେମାନଙ୍କ ବହୁ ବଳରେ ବଳିଆନ ପ୍ରତିଷ୍ଠିତ ପାଇଁ ପାଣ୍ଠି ଯୋଗାଣିଆ । ଏହା ସମସ୍ତେ ଜାଣୁଛନ୍ତି କିନ୍ତୁ 'ସବସେ ଭଲା ଚୁପ' । 'କେବେ ରାଜା ଅନ୍ଧ ଥିଲେ, ଏବେ ସମସ୍ତ ପ୍ରଜା ଧୃତରାଷ୍ଟ୍ର, ଭୋଟ ଦେବା କ୍ଷମତାର ଭୁଲ ମାର୍ଗକୁ ଯାଉଛି । ଭାରତ ବିଦେଶୀ ବଣିକ, ଶାସକଙ୍କ କବଳରୁ ବିଜ୍ଞ ଆଇନୀଜ୍ଞ ଉଦ୍ୟମରେ ଭାରତ ସ୍ୱାଧୀନତା ପାଇଥିଲା । ଏବେ ପୋଲିସ ଭାଇମାନେ ଯଦି ସଠିକ ଉଦ୍ୟମ କରିବେ ତେବେ ପ୍ରଜାମାନେ ଏକ ସୁସ୍ଥ ସ୍ୱାଧୀନତା ପାଇପାରିବେ । ଏ ପାଇଁ ଚଳିତ ଶାସନ ବ୍ୟବସ୍ଥା ଲୋକଙ୍କୁ ପ୍ରଗତି ନାମରେ ବହୁ ଅର୍ଥ ବୃଥା ନଷ୍ଟ ବାଟ ମାରଣା ହେଉଛି, ପୋଲିସଙ୍କ ଗୋଚରକୁ ଆସିଲେ ବି ତାଙ୍କୁ ଭୟ, କୁହେଳି, ଥୋପ, ଦେଖଇ ନିଷ୍କ୍ରିୟ କରାଯାଉଛି । ପୁଲିସଙ୍କୁ ହାତବାରିଣି କରାଇବା ଉପାୟ ନାନା ପ୍ରକାରରେ ଉଦ୍ୟମକରି ପ୍ରଜାଗଣଙ୍କୁ ଭୁଆଁ ବୁଲା ଚେଷ୍ଟା କରାଯାଉଛି । ଏସବୁକୁ ଯଦି ପୋଲିସ ଭାଇମାନେ ସାମୁହିକ ସବଳ ଏକମନା ହୁଅନ୍ତେ ଏ ଦେଶ ନୂତନ ସ୍ୱାଧୀନତା ପାଆନ୍ତା ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ସଦଗୁରୁଙ୍କୁ ପାଇ ମଧ୍ୟ ଜୀବନ ଫୁଟି ଉଠେନା କାହିଁକି ?

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ସଦଗୁରୁ ହେଉଛନ୍ତି ସ୍ୱର୍ଗୀୟ ଦିବ୍ୟ ଚେତନାର ଏକ ସ୍ଥୂଳ ରୂପ । ବାସ୍ତବରେ ଭକ୍ତମାନେ ପ୍ରଥମେ ସଦଗୁରୁଙ୍କର ସ୍ଥୂଳରୂପକୁ ପୂଜା କରିଥାନ୍ତି । ହିନ୍ଦୀ ଭାଷାରେ ସାକାରର ଅର୍ଥ ହେଉଛି ଯାହାର ଏକ ନିର୍ଦ୍ଦିଷ୍ଟ ଆକାର ଅଛି ଏବଂ ସଗୁଣ ଅର୍ଥ ଦିବ୍ୟ ସ୍ୱଭାବ ସଂପନ୍ନ । ଆମ ଭିତରୁ ଅନେକଙ୍କ ଭିତରେ ଜିଜ୍ଞାସା ହୋଇଥାଏ ଯେ ସଦଗୁରୁ ଯେପରି ସଗୁଣ ସାକାର ମନ୍ଦିରରେ ପୂଜା ପାଉଥିବା ବିଗ୍ରହ ମଧ୍ୟ ସେହିପରି ସାକାର । ତେବେ ଏହି ଦୁଇଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ଓ ଏମାନଙ୍କ ପୂଜାରେ ଭିନ୍ନତା କ'ଣ ଅଛି ? ବିଗ୍ରହ ଏବଂ ସଦଗୁରୁଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି ବିଗ୍ରହ ଗୁଡ଼ିକ ନିର୍ଜୀବ ପଦାର୍ଥ ଯଥା ପଥର, ଧାତୁ ବା ଅନ୍ୟ ପଦାର୍ଥରେ ତିଆରି ହୋଇଥିବାବେଳେ ସଦଗୁରୁ ଜୀବନ୍ତ ତଥା ଚିଦାନନ୍ଦ ଦିବ୍ୟତ୍ୱର ଅଧିକାରୀ । ସେଥିପାଇଁ ବିଗ୍ରହ ମାନଙ୍କର ପ୍ରତିଷ୍ଠା ବେଳେ ପ୍ରାଣ ପ୍ରତିଷ୍ଠା କରାଯାଏ ଏବଂ ସେ ବିଗ୍ରହରେ ପ୍ରାଣ ସଂଚାର କରିବା ପାଇଁ ପୂଜକ ପ୍ରାଣମନ୍ତ୍ର ଉଚ୍ଚାରଣ କରିଥାନ୍ତି । ସେହିପରି ଯେତେବେଳେ ମନ୍ଦିରକୁ ହଜାର ହଜାର ଭକ୍ତ ଯାଇ ସେମାନଙ୍କ ଆଧାତ୍ମକି ଭାବନାରେ ବିଗ୍ରହ ଗୁଡ଼ିକୁ ପୂଜା କରନ୍ତି, ସେତେବେଳେ ସେ ବିଗ୍ରହରେ ଦିବ୍ୟତ୍ୱର ସଂଚାର ହୁଏ ଓ ଐଶ୍ୱରୀୟ ଶକ୍ତିର ମଧ୍ୟ ସଂଚାର ହୁଏ । ତେବେ ସଦଗୁରୁ ଏବଂ ବିଗ୍ରହଙ୍କ ମଧ୍ୟରେ ଅନ୍ୟ ଏକ ପାର୍ଥକ୍ୟ ହେଉଛି ବିଗ୍ରହଙ୍କ ଠାରୁ ଆଶୀର୍ବାଦ ପାଇବାକୁ ହେଲେ ପୂଜା ପ୍ରାର୍ଥନାର ଆବଶ୍ୟକ ହେଉଥିବାବେଳେ ବିନା ପୂଜାରେ ସଦଗୁରୁଙ୍କ ଆଶିଷ ମିଳିଥାଏ । ସେହିପରି ଈଶ୍ୱରଙ୍କୁ ଉପଲବ୍ଧି କରିଥିବା ସଦଗୁରୁ ତାଙ୍କର ଦିବ୍ୟ ଅନୁଭବ ସହ ଭକ୍ତଙ୍କୁ ସଂଯୋଜିତ କରିପାରନ୍ତି । କିନ୍ତୁ ଗୋଟିଏ ବିଗ୍ରହ ମାଧ୍ୟମରେ ଦିବ୍ୟତ୍ୱକୁ ପ୍ରାପ୍ତ ହେବା ସମ୍ଭବ ନୁହେଁ ।

କଥା ପ୍ରସଙ୍ଗରେ ଜଣେ ଜିଜ୍ଞାସା କଲେ - ସଦଗୁରୁଙ୍କୁ ପାଇ ମଧ୍ୟ ଅନେକଙ୍କର ଜୀବନ ସେଭଳିଆ ଫୁଟି ଉଠେ ନାହିଁ । ସେଠାରେ କ'ଣ ବୁଝିବାକୁ ହେବ, ସେ ଠିକ ମତ ଧରି ନାହିଁ ? ଶ୍ରୀ ଶ୍ରୀ ଠାକୁର - ତାର ମାନେ ସେ ପାଇନାହିଁ, ସଦଗୁରୁ ତାର ପ୍ରାପ୍ତ ହୋଇ ନାହିଁ । ଆପ୍ତ ହୋଇ ନ ଉଠିଲେ ସେ ଇଷ୍ଟାର୍ଥ ପରାୟଣ ହୋଇ ଉଠେନା । ଉକ୍ତ ବ୍ୟକ୍ତି - ଅନୁରାଗ ଛାଡ଼ା ସେ କ'ଣ ଅନ୍ୟ ଭାବରେ ଆପ୍ତ ହୁଅନ୍ତି ନାହିଁ ? କେହି ଯଦି ଆର୍ତ୍ତ ହୁଏ ? ଶ୍ରୀ ଶ୍ରୀ ଠାକୁର - ଯେମିତି କଲେ ଆପ୍ତ ହୁଏ, ସେମିତି ନ କଲେ କି ଆପ୍ତ ହେବ ? ଆର୍ତ୍ତ ହୋଇ ଆପ୍ତ ମନେ କଲେ ଦୁଇ ପଇସା ପାଇ ହିଁ ଖୁସି ହୋଇଯାଏ । ତାଙ୍କ ପାଇଁ କରିବାର ନିଶା ହୁଏ ନାହିଁ । ଅନୁରାଗ ବ୍ୟତୀତ କ'ଣ ହୁଏ ? କାହାର ଅନୁରାଗ ଯଦି ଗଜାଏ, ଆଉ ସେ ଯଦି ଜଣେ ବିରାଟ ମଣିଷ ବି ହୁଏ, ଏବଂ ତିନି ବେଳା ଯଦି ସେ ଜୋତା ବି ଖାଏ, ତଥାପି ପାଖରେ ଥିଲେ କେତେ ଲୋକ ତାଙ୍କୁ କେତେ ଲାଞ୍ଛନା, ଅପମାନ କରିଛନ୍ତି । କେତେ ସନ୍ଦେହ କରିଛନ୍ତି କିନ୍ତୁ ସେ ତାଙ୍କର ଇଷ୍ଟାର୍ଥପରାୟଣ ଉଦ୍ଦେଶ୍ୟରୁ ଏକ ଚୂଳ ବି ନଡ଼ି ନାହିଁ । ଏହାକୁ କୁହାଯାଏ ଆପ୍ତ ହେବା । ଏହାକୁ କୁହାଯାଏ ଅନୁରାଗ । (ଆ:ପ୍ର:୨୦/୨୨.୧୦.୧୯୫୧) ।

ସଦଗୁରୁଙ୍କ ସୂକ୍ଷ୍ମଶକ୍ତି ଅନେକ ଭୂମିକା ନିର୍ବାହ କରେ । କିନ୍ତୁ ସେ ସବୁକୁ ସାଧାରଣ ସ୍ଥୂଳଭାବେ ବ୍ୟାଖ୍ୟା କରିବା ସହଜ ନୁହେଁ । ସଂକ୍ଷେପରେ କେବଳ ଏତିକି କୁହାଯାଇପାରେ ଯେ, (କ୍ରମଶଃ)

ଭକ୍ତ ଜୀବନର ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନରେ ଏବଂ ବିଭିନ୍ନ ପର୍ଯ୍ୟାୟରେ ସଦଗୁରୁ ତାଙ୍କ ଦିବ୍ୟଶକ୍ତିର ପ୍ରୟୋଗ କରିଥାନ୍ତି । ପରିଶେଷରେ ଗୁରୁ ହିଁ ଶିଷ୍ୟକୁ ନିଜ ପ୍ରତି ଆକର୍ଷିତ କରିଥାନ୍ତି । ଏଥିପାଇଁ ଗୁରୁ ହିଁ ଉପଯୁକ୍ତ ସମୟ ଓ ଉପଯୁକ୍ତ ପ୍ରଣାଳୀ ନିର୍ଣ୍ଣୟ କରିଥାନ୍ତି । ଗୁରୁଙ୍କର ଏହି ଶକ୍ତି, ଶିଷ୍ୟ ନିକଟରେ ଭାବନାର ତରଙ୍ଗ ଦେଇ ପହଞ୍ଚି ଯାଏ । ଏହି ତରଙ୍ଗର ସ୍ପର୍ଶରେ ଶିଷ୍ୟ ଆହ୍ଲାଦିତ ହୋଇପଡ଼େ ଏବଂ ଗୁରୁଙ୍କ ପ୍ରତି ଆକର୍ଷିତ ହୋଇଯାଏ । ଯାହାଫଳରେ ସଦଗୁରୁଙ୍କ ସାନ୍ନିଧ୍ୟ ଲାଭ ପାଇଁ ତା' ଭିତରେ ପ୍ରବଳ ଉତ୍କଣ୍ଠା ଜାଗେ । ହୃଦୟରେ ଏହି ବିଶୁଦ୍ଧ ନବପୁଲକ ଜାତ ହେଲେ, ସେ ଗୁରୁଙ୍କର ଆହୁରି ନିକଟତର ହୋଇଯାଏ । ତାପରେ ପରିସ୍ଥିତି ଏପରି ହୁଏ, ଯେତେବେଳେ ଶିଷ୍ୟ ଆପଣାଛାଏଁ ଗୁରୁଙ୍କ ନିକଟକୁ ଟାଣି ହୋଇଯାଏ । ବେଳେବେଳେ ଗୁରୁ ତାଙ୍କର ଭାବନା ତରଙ୍ଗ ମାଧ୍ୟମରେ ଶିଷ୍ୟକୁ ଏହି ଆକର୍ଷଣର ବାର୍ତ୍ତା ପ୍ରେରଣ କରିଦେଇ ତା'ର ଆଗମନ ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତି ।

ଗୁରୁ ଏବଂ ଭକ୍ତଙ୍କ ମଧ୍ୟରେ ଏହିପରି ସଂପର୍କ ସ୍ଥାପିତ ହୋଇଯିବାପରେ ଗୁରୁ ଯେଉଁଠି ଥାଆନ୍ତୁନା କାହିଁକି, ସଦାସର୍ବଦା ଶିଷ୍ୟକୁ ନିଜ ତୀକ୍ଷଣ ଦୃଷ୍ଟିରେ ରଖିଥାନ୍ତି । ଗୁରୁ ଶିଷ୍ୟର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସଂପର୍କରେ ଅବହିତ ଥିବାରୁ ସେ ତାକୁ ବିଭିନ୍ନ ଭାବରେ ସାହାଯ୍ୟ କରିବାକୁ ଆରମ୍ଭ କରନ୍ତି । ସଦଗୁରୁ ଏହି ସମସ୍ତ କାର୍ଯ୍ୟ ସହ ଭକ୍ତର ଭୌତିକ ଓ ମାନସିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରନ୍ତି । ଯାହାଫଳରେ ଶିଷ୍ୟର ଆଧାତ୍ମିକ ଉତ୍ତରଣ ସମ୍ଭବ ହୁଏ । ସେ ମଧ୍ୟ ଶିଷ୍ୟକୁ ବିପଦ ସମୟରେ ସାହାଯ୍ୟ ଓ ସୁରକ୍ଷା ପ୍ରଦାନ କରିଥାନ୍ତି ।

ସହ-ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ଜଙ୍ଗଲ ଭିତରେ ଚେକଡ୍ୟାମ ନିର୍ମାଣ ଆଳରେ ୧୧ ଲକ୍ଷ ଚଟ୍ଟୁ

## ବିନା ଟେଣ୍ଡରରେ କେମିତି ହେଉଛି ଲକ୍ଷାଧିକ ଟଙ୍କାର କାମ



ଖଣ୍ଡପଡା, ୧୩/୭ (ନିପ୍ର): ଘଞ୍ଚ ଜଙ୍ଗଲ ଭିତରେ ବିନା ବିନା ଟେଣ୍ଡରରେ ନିର୍ମାଣ ହୋଇଛି ଲକ୍ଷାଧିକ ଟଙ୍କାର ଚେକଡ୍ୟାମ। ଲୋକ ଲୋଚନରୁ ଦୂରରେ ଏଭଳି ଚେକଡ୍ୟାମ ନିର୍ମାଣ କରି ଲକ୍ଷାଧିକ ଟଙ୍କା ହରିଲୁଟ ହୋଇଥିବା ନେଇ ସଙ୍ଗିନ ଅଭିଯୋଗ ଆସିଥିବା ବେଳେ ବନବିଭାଗ ଭୂମିକା ସନ୍ଦେହ ଘେରରେ ଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡା ବ୍ଲକ ଯୋଗିଆପଲ୍ଲୀ ପଞ୍ଚାୟତର ତେନ୍ତୁଳିଆପଲ୍ଲୀ ଗ୍ରାମ ନିକଟରେ ଥିବା ଜଙ୍ଗଲରେ ସ୍ଥାନୀୟ ବନବିଭାଗ ଏକ ଚେକଡ୍ୟାମ ନିର୍ମାଣ କରିଛି। ଖେଡପଡା ସେକ୍ସନ ଏବଂ ଯୋଗିଆପଲ୍ଲୀ ବିଟ ଅଧୀନରେ ଏହି ପ୍ରକଳ୍ପ ନିର୍ମାଣ ହୋଇଥିବା ବେଳେ ଦୃଶ୍ୟ ଦେଖିଲେ ତାଜୁବ ଲାଗୁଛି। ବାରବାଙ୍କ ପାହାଡ ତଳେ ପ୍ରାୟ ୪୦ ଡିସିମିଲରୁ ଊର୍ଦ୍ଧ୍ୱ ଅଞ୍ଚଳରେ ପ୍ରକଳ୍ପ ନିର୍ମାଣ ହୋଇଥିବା ବେଳେ ବନ୍ଧର ସ୍ଥିତି ଦୟନୀୟ ଦେଖିବାକୁ ମିଳିଛି। ଗତବର୍ଷ ପ୍ରାୟ ୧୧ ଲକ୍ଷ କାମ୍ପା ଅନୁଦାନ ଅର୍ଥରେ ନିର୍ମିତ ଏହି ପ୍ରକଳ୍ପ ନିର୍ମାଣ ସମୟରେ ବନ୍ଧ ଭୁଷୁଡିପଡିଥିବା ବେଳେ ନିମ୍ନମାନର ନେଇ ଅଭିଯୋଗ ଆଣିଥିଲେ ସ୍ଥାନୀୟ ବାସିନ୍ଦା। ତେବେ ଲୋକଙ୍କୁ ଅନ୍ଧାରରେ ରଖି ନିମ୍ନମାନର କାମ ହୋଇଥିବା ନେଇ ଅଭିଯୋଗ ପରେ ଚଳିତ ବର୍ଷ ଏହାକୁ ମରାମତି କରାଯାଇଥିଲା। ଏପରିକି କାମ ସମୟରେ ଜଳାଶୟ ମଧ୍ୟରୁ ସାମାନ୍ୟ ମାଟି ଉଠାଇ ଏହାକୁ ନିର୍ମାଣ କରାଯାଇଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା। ଏପରିକି ଏଷ୍ଟିମେଟ ବାହାରେ ଉକ୍ତ ପ୍ରକଳ୍ପ କାମ ହୋଇଥିବା ନେଇ ଦେଖିବାକୁ ମିଳିଛି। କିଛିମାସ ତଳର କାମ ହୋଇଥିଲେ ହେଁ ବନ୍ଧରୁ ମାଟି ଉଠାଇ ଛିଞ୍ଚି ଦିଆଯାଇଥିବା ବେଳେ ମାଳବନ୍ଧକୁ ସଂପୂର୍ଣ୍ଣ ନ କରି ଏବଂ ମାଟି ବନ୍ଧରେ ଟର୍ଫିଙ୍ଗ (ଘାସ ବିଛାଇବା)ନ କରି ବିଲ କରାଯାଇଥିବା ନେଇ ଦେଖିବାକୁ ମିଳିଛି। ଘଞ୍ଚ ଜଙ୍ଗଲ ମଧ୍ୟରେ ଜନବସତି ଠାରୁ ଦୂରରେ ଏଭଳି ପ୍ରକଳ୍ପ କାହା ସ୍ୱାର୍ଥରେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରିକି ଏଭଳି ପ୍ରକଳ୍ପ

ଅବବାହିକାରେ ଥିବା ଚାଷ ଜମି ମଧ୍ୟ ରବି ଛାଡନ୍ତୁ ଖରିଫ ଋତୁରେ ଜଳସେଚିତ ହୋଇପାରିବ କି ନାହିଁ ତାକୁନେଇ ଆଶଙ୍କା ପ୍ରକାଶ ପାଇଛି। ପୂର୍ବରୁ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ବାରବାଙ୍କ ପାହାଡକୁ ସଂଯୋଗ କରି ଚେକଡ୍ୟାମ ନିର୍ମାଣ ନିମନ୍ତେ ଦାବି କରିଆସୁଥିଲେ ମଧ୍ୟ ବନବିଭାଗ ଅତ୍ୟନ୍ତ ତରବରିଆ ଭାବେ ପ୍ରକଳ୍ପ ନିର୍ମାଣ କରିଥିବା ଅଭିଯୋଗ ହୋଇଛି। ଫଳରେ ବିଭାଗ ଆଭିମୁଖ୍ୟକୁ ନେଇ ପଞ୍ଚାୟତ ବାସିନ୍ଦା ପ୍ରଶ୍ନ ଉଠାଇବା ସହିତ ଏଭଳି କାମର ଭିଜିଲାନ୍ସ ତଦନ୍ତ ନିମନ୍ତେ ଦାବି କରିଛନ୍ତି। ଏ ନେଇ ସ୍ଥାନୀୟ ଫରେଷ୍ଟରଙ୍କ ପ୍ରତିକ୍ରିୟା ନେବାରେ ସେ ନୂତନ ଭାବେ ଯୋଗଦେଇଥିବା ଏବଂ ଏ ଦିଗରେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ଦିଗରେ ତଦନ୍ତ ନିମନ୍ତେ ସ୍ଥାନୀୟ ଅଞ୍ଚଳ ବାସିନ୍ଦା ଓ ଜନ ପ୍ରତିନିଧି ଦାବି କରିଛନ୍ତି।

# ଅମୃତ ସରୋବର ପୋଖରୀ ଅଧାପନ୍ତରିଆ ଘଟଣା : ରାସ୍ତା ଖାଇଯାଉଛି ଲଗାଣ ବର୍ଷା



ଖଣ୍ଡପଡା, ୧୩/୭ (ନିପ୍ର): ଖଣ୍ଡପଡା ବ୍ଲକ ଗଡିଆସାହି ପଞ୍ଚାୟତ ଅଧୀନ ସାଧୁଆପଲ୍ଲୀ ଗ୍ରାମରେ ଅମୃତ ସରୋବର ପୋଖରୀ ଅଧାପନ୍ତରିଆ ଯୋଗୁଁ ଏବେ ରାସ୍ତା ଧୋଇ ହୋଇଯାଉଥିବା ନେଇ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ସାଧୁଆପଲ୍ଲୀ ଗ୍ରାମ ଉପକଣ୍ଠରେ ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ଜରିଆରେ ପୋଖରୀ ପୁନରୁଦ୍ଧାର ନିମନ୍ତେ ଅମୃତ ସରୋବର ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଥିଲା। ଲୋକଙ୍କୁ କର୍ମନିଯୁକ୍ତି ଏବଂ ନୀତିଦିନିଆ ଆବଶ୍ୟକତା ପୂରଣ ନିମନ୍ତେ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପକୁ ବ୍ଲକ ପ୍ରଶାସନ ଅନୁମୋଦନ ଦେବା ସହିତ ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଅର୍ଥରାଶିର ଅଟକଳ ହୋଇଥିଲା। ଗ୍ରାମକୁ ଲାଗିଥିବା ନୀତିଦିନିଆ ରାସ୍ତା ପାର୍ଶ୍ୱରେ ଥିବା ପୋଖରୀ ଓ ସୁରକ୍ଷା ପ୍ରାଚୀର ନିମନ୍ତେ କାମ ଆରମ୍ଭ ହୋଇଥିଲା। ଚଳିତ ମୌସୁମୀ ବର୍ଷା ପୂର୍ବରୁ ଏହି କାମ ଆରମ୍ଭ ହୋଇଥିବା ବେଳେ ନିକଟରେ କିନ୍ତୁ ଏହାକୁ ହଠାତ ବନ୍ଦ କରିଦିଆଯାଇଥିଲା। ଫଳରେ ଲଗାଣ ବର୍ଷାରେ ଏବେ ଗାଁର ନିତିଦିନିଆ ରାସ୍ତା ଧୋଇହୋଇ ପୋଖରୀରେ ମିଶିବାକୁ ଲାଗିଲାଣି। ଗାଁକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱ ଏବଂ ପୋଖରୀ ମଧ୍ୟରେ ୬୦ ମିଟର ଗାର୍ଡ଼ୱାଲ ନିର୍ମାଣ ହେବାକୁ ଥିବାବେଳେ ମାତ୍ର ୨୦ ମିଟର ନିର୍ମାଣ କରି ଛାଡିଦିଆଯାଇଛି। ଗତ କିଛିଦିନ ହେବ ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏହାକୁ ଅଣଦେଖା କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ କହିବା କଥା ହେଲା ରାସ୍ତା ପାଇଁ ଦିନ ଗଡାଉଥିବା ପ୍ରଶାସନ ମୌଳିକ ସୁବିଧାକୁ ମଧ୍ୟ ବନ୍ଦ କରିଦେଇଥିବା ବେଳେ ଏବେ ଗାଁର ଏକମାତ୍ର ରାସ୍ତା ସବୁଦିନ ପାଇଁ ଧୋଇଯିବାର ଆଶଙ୍କା ସୃଷ୍ଟି ହେଲାଣି। ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

## ବାଇକ୍ ଧକ୍କାରେ ବୃଦ୍ଧା ଗୁରୁତର

ବୁଗୁଡା : ବୁଗୁଡ଼ା ବ୍ଲକ ସଙ୍କୁରୁ ଗ୍ରାମରେ ଜନୈକା ମହିଳା ବାଇକ୍ ଧକ୍କାରେ ଗୁରୁତର ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଗୁରୁତର ବୃଦ୍ଧା ଜଣକ ହେଲେ ସଙ୍କୁରୁ ଗ୍ରାମର ପଙ୍କଜ ସ୍ୱାଇଁ (୬୪) ।ଘଟଣାରୁ ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ପଙ୍କଜ ତାଙ୍କର ଘର ପାଖ ତାଙ୍କର ସମ୍ପର୍କୀୟଙ୍କ ଘରକୁ ଯାଉଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ହୋଇ ପଡିଥିବା ବେଳେ ବାଇକ୍ ଆରୋହୀ ଦୁହେଁ ମଧ୍ୟ ଫୋପାଡି ହୋଇପଡିଥିଲେ। ଦୁର୍ଘଟଣାରେ ବୃଦ୍ଧାଙ୍କ ଡାହାଣ ଗୋଡ ଭାଙ୍ଗିଯିବା ସହ ଡାହାଣ ପଟ କାନରୁ ରକ୍ତସ୍ରାବ ହୋଇଥିଲା ଏବଂ ମାତାଲ ବାଇକ୍ ଆରୋହୀ ଦୁଇଜଣ ମଧ୍ୟ ଖଣ୍ଡିଆ ଖାବରା ହୋଇଥିଲେ। ଘଟଣା ସ୍ଥଳରୁ ଆହତମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ସେଠାରେ ଆହତମାନଙ୍କ ପ୍ରାଥମିକ ଚିକିତ୍ସା ପରେ ବୃଦ୍ଧା ପଙ୍କଜଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା।

## ବିଦ୍ୟୁତ୍ ଫାଶରେ ପଡି ମହିଳାଙ୍କ ମୃତ୍ୟୁ

ବୁଗୁଡା :ବୁଗୁଡ଼ା ଥାନା ଅନ୍ତର୍ଗତ ତାକରଡା ଗ୍ରାମରେ ବିଦ୍ୟୁତ ଫାଶରେ ପଡି ଜନୈକା ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ମୃତା ମହିଳା ଜଣକ ହେଲେ ତାକରଡା ଗାଁ ଆଡୁଆସାହି ନିବାସୀ ସୀତାରାମ ପ୍ରଧାନଙ୍କ ସ୍ତ୍ରୀ କାନ୍ତା ପ୍ରଧାନ (୫୫)। ଏ ନେଇ ପୋଲିସ ଥାନାରେ କେସ୍ ନଂ ୨୬/ ୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏସଆଇ ଅର୍ଜୁନ ମଲ୍ଲିକଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ଗତ ଶନିବାର ସଂନ୍ଧ୍ୟାରେ କାନ୍ତା ବିଲରୁ ଚାଷକାମ ସାରି ଘରକୁ ଫେରୁଥିବା ବେଳେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡିଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ କାନ୍ତାଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନଥିଲା। ତେବେ ରବିବାର ସକାଳେ ଲୋକେ ବିଦ୍ୟୁତ୍ ଫାଶରେ ପଡି ମୃତ୍ୟୁ ବରଣ କରିଥିବା ଦେଖିବାକୁ ପାଇଥିଲେ। ଏ ନେଇ ଖବର ପାଇବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ ତାରକୁ ଜବତ କରିବା ସହ କାନ୍ତାଙ୍କୁ ସେଠାରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ ।

# କେନ୍ଦ୍ରାପଡା ପୌରାଂଚଳସ୍ତରୀୟ ବ୍ରାହ୍ମଣ ମହାସଭା ବୈଠକ

କେନ୍ଦ୍ରାପଡ଼ା, ୧୩।୭: କେନ୍ଦ୍ରାପଡା ପୌରାଞ୍ଚଳସ୍ତରୀୟ ବ୍ରାହ୍ମଣ ମହାସଭାର ଏକ ବୈଠକ ସ୍ଥାନୀୟ ସାନମଙ୍ଗଳା ମନ୍ଦିର ପରିସରରେ ପୌରାଞ୍ଚଳ ସଭାପତି ପଣ୍ଡିତ ମାଧବଚନ୍ଦ୍ର ପତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ନରେନ୍ଦ୍ର କୁମାର ତ୍ରିପାଠୀ ବେଦପାଠ କରିଥିବାବେଳେ ପ୍ରକୃତିବନ୍ଧୁ ନୃସିଂହଚରଣ ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ସଭାପତି ମାନସଭୂଷଣ ପଣ୍ଡିତ ହୃଷୀକେଶ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୌରାଞ୍ଚଳରେ ପ୍ରତ୍ୟେକ ୱାର୍ଡରେ ସଙ୍ଗଠନକୁ ମଜବୁତ୍ କରିବାକୁ ପରାମର୍ଶ ଦେଇଥିଲେ। ପୌରାଞ୍ଚଳ ସମ୍ପାଦକ ଦେବପ୍ରସାଦ ସାମନ୍ତରାୟ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଜିଲ୍ଲା ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବ୍ରାହ୍ମଣମାନଙ୍କ ସଂସ୍କାର ସହ ପ୍ରତ୍ୟେକ ୱାର୍ଡରେ ଜଣେ ଜଣେ ସଂଯୋଜକ ସ୍ଥିର କରିବା ପାଇଁ ମତ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ଜିଲ୍ଲା କୋଷାଧ୍ୟକ୍ଷ ପଣ୍ଡିତ କ୍ଷୀରୋଦ କୁମାର ପଣ୍ଡା ସରକାରଙ୍କ ସଂରକ୍ଷଣ ବିରୋଧରେ ଏକତ୍ର ହେବାକୁ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ସଂଗଠନ ସମ୍ପାଦକ ପଣ୍ଡିତ ତପନ ଦାଶ ପ୍ରତ୍ୟେକ ବ୍ରାହ୍ମଣ ପରିବାର ଗଣନା ପୂର୍ବକ ବ୍ରାହ୍ମଣ ସଂଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିତେନ୍ଦ୍ର ଦାଶ, ଦୀପକ ପାଢୀ, ପଣ୍ଡିତ କୁଳମଣୀ ପଣ୍ଡା, ପଣ୍ଡିତ ମହେଶ୍ୱର ପାଣି ଓ ପଣ୍ଡିତ ନୃସିଂହ ଚରଣ ପତି, ଜିଲ୍ଲା ଯୁଗ୍ମ ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ, ରବୀନ୍ଦ୍ରନାଥ ରଥ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପୌରାଞ୍ଚଳର କୋଷାଧ୍ୟକ୍ଷ ରୂପେ ସୁରେନ୍ଦ୍ର କୁମାର ପତି ଓ ସହସମ୍ପାଦକ ନୃସିଂହ ଚରଣ ପତି ଦାୟିତ୍ୱ ଗ୍ରହଣ କରିଥିଲେ। ପଣ୍ଡିତ ହରିହର ଶତପଥି ଧନ୍ୟବାଦାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରାଞ୍ଚଳର ଶତାଧିକ ବ୍ରାହ୍ମଣ ଯୋଗଦାନ କରିଥିଲେ।



## କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଗାନ୍ଧିମୂର୍ତ୍ତି ସମ୍ମୁଖରେ ଗଣ ସତ୍ୟାଗ୍ରହ

କେନ୍ଦ୍ରାପଡ଼ା, ୧୨।୭:ନିଟ୍ ପ୍ରଶ୍ନପତ୍ର ପ୍ରଘଟ କାରଣରୁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ହୋଇଥିବା ଦୃଷ୍ଟିରୁ କକ୍ରୋଚ ଜନତା ପାର୍ଟି ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିକୁ ସମର୍ଥନ ଜଣାଇ ଦିଲ୍ଲୀର ଯନ୍ତରମନ୍ତର ଠାରେ ଦେଶର ବିଶିଷ୍ଟ ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍‌ଙ୍କ ଅନଶନକୁ ଆଜି ପନ୍ଦର ଦିନ ପୁରିଛି। ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟ ଅବସ୍ଥା କ୍ରମଶଃ ଜଟିଳ ହେଉଥିବା ବେଳେ କେନ୍ଦ୍ର ସରକାର ଆଜି ପର୍ଯ୍ୟନ୍ତ ଏହି ଘଟଣା ପ୍ରତି ଅସମ୍ବେଦନଶୀଳ ରହିବାକୁ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର କେନ୍ଦ୍ର କମିଟି ନାପସନ୍ଦ କରି ଶ୍ରୀ ୱାଙ୍ଗଚୁକ୍‌ଙ୍କ ପ୍ରତି ସମର୍ଥନ ଜଣାଇବା ପରିପ୍ରେକ୍ଷୀରେ ସଂଗଠନର ଜିଲ୍ଲା କମିଟି ପକ୍ଷରୁ ଆଜି ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଗଣ ସତ୍ୟାଗ୍ରହ କରାଯାଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତୁରନ୍ତ ଇସ୍ତଫା ସହ ରାଜ୍ୟ ଠାରୁ କେନ୍ଦ୍ର ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାରେ ସର୍ବବ୍ୟାପୀ ବିଭ୍ରାଟ ପାଇଁ ଦାୟୀ ଅସାମ୍ବିଧାନିକ ଭାବେ ପ୍ରଣୟନ କରାଯାଇଥିବା ଜାତୀୟ ଶିକ୍ଷାନୀତି-୨୦୨୦ର ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲା। ସଂଗଠନ ସମ୍ପାଦକ ଆଦିକନ୍ଦ ରାଉଳଙ୍କ ପରିଚାଳନାରେ ଆୟୋଜିତ ଏହି ସତ୍ୟାଗ୍ରହ ଆନ୍ଦୋଳନରେ ସଂଗଠନର ଉପଦେଷ୍ଟା ଡ. ବାସୁଦେବ ଦାସ, ଅଧ୍ୟାପକ ଅଜୟ ସାମଲ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ଡ. ଚୈତନ୍ୟ ଚରଣ ପରିଡା, ରବୀନ୍ଦ୍ର ପ୍ରସାଦ ଜେନା, ଗାଳ୍ପିକା ଅବନ୍ତୀ ବେହେରା, ପ୍ରଫୁଲ୍ଲ ଦାସ, ଫକୀର ଚରଣ ଖଟୁଆ, ନରୋତ୍ତମ ପାର୍ଥସାରଥୀ, ବିକାଶ ଚନ୍ଦ୍ର ବେଉରା, ରଣଧୀର ଜେନା, ଭାଗୀରଥି ଜେନା, ମୁକ୍ତାର ଖାଁ, ଜଗଜ୍ଜୀବନ ଦାଶ, ଶୈଳବାଳା ସାମଲ, ସରୋଜକାନ୍ତ ନାୟକ, ନିରୁପମା ଦାସ, କାଶୀନାଥ ରାଉତରାୟ, ବୈଷ୍ଣବ ଚରଣ ସ୍ୱାଇଁ, ବିକ୍ରମ କେଶରୀ ସାମଲ, ଶରତ କୁମାର ରାଉତ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ରାଜଗାଙ୍ଗପୁର ନୂତନ ଶାଖା ପ୍ରବନ୍ଧକ ଯୋଗଦାନ



ରାଜଗାଙ୍ଗପୁର, ୧୩।୭: ରାଜଗାଙ୍ଗପୁର ଶାଖା ସୁନ୍ଦରଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ମ୍ୟାନେଜର ଭାବରେ ଚନ୍ଦନ କର ଭାରତୀୟ ଷ୍ଟେଟବ୍ୟାଙ୍କ ପରିସରରେ ଥିବା କାର୍ଯ୍ୟାଳୟ ରେ ଦାଇତ୍ୱ ଗ୍ରହଣ କରିଛନ୍ତି। ବ୍ୟାଙ୍କ କର୍ମଚାରୀ କୁଶଦେବ ପଣ୍ଡା ଜଗନ୍ନାଥ ପାତ୍ର ସ୍ୱସ୍ତିକ ସାହୁ ଅଶୋକ ମଲ୍ଲିକ ମିନକେତନ ଦାସ ହିମାଂଶୁ ସିଂ ସୈଭାଗିଂନୀ ପାଣ୍ଡେ ଗିରିଜା ପ୍ରସାଦ ସାମଲ ପ୍ରଫିଲା ଏକ୍କା ଷୋମନାଥ କୁଜୁର ଚନ୍ଦ୍ର ତନ୍ତି ଙ୍କ ସହ ସମସ୍ତ କାର୍ଯ୍ୟରତ କର୍ମଚାରୀ ନୂତନ ବ୍ରାଞ୍ଚ ମ୍ୟାନେଜର ଙ୍କୁ ଭାବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଓ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ଅଭିନନ୍ଦନ ଜଣାଇଥିଲେ ନିଜର ପ୍ରତିକ୍ରିୟା ରେ ବିଏମ ଚନ୍ଦନ କର କହିଥିଲେ ବ୍ୟାଙ୍କ ରେ ଆସୁଥିବା ସମସ୍ତ ଗ୍ରାହକ ଓ କର୍ମଚାରୀ ଙ୍କ ସହ ଉତ୍ତମ ସମ୍ପର୍କ ରଖି ସମସ୍ତ ଙ୍କ ସହଯୋଗ ରେ ବ୍ୟାଙ୍କ୍ କାର୍ଯ୍ୟ ସୁରୁଖୁରୁରେ ଚାଲିବ ବୋଲି ସୁଚନା ଦେଇଥିଲେ।

# କୃଷି ଓ କୃଷକଙ୍କ ସାମଗ୍ରିକ ଉନ୍ନତି ପାଇଁ ବିଜେପି ସରକାର ସମର୍ପିତ

ଭୁବନେଶ୍ୱର : କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଜେପି ସରକାର ସମର୍ପିତ। ଓଡ଼ିଶାରେ ବିଜେପି ସରକାର ଆସିବା ପରେ କୃଷି ଓ କୃଷକଙ୍କ ଦିନକୁ ଦିନ ଉନ୍ନତି ହେବାରେ ଲାଗିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କୃଷି ଓ କୃଷକର ଉନ୍ନତି ପାଇଁ ଅନେକ କୃଷି କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ଏସବୁ ଯୋଜନା କିପରି ରାଜ୍ୟର ଚାଷୀମାନଙ୍କ ପାଖରେ ପହଂଚିବ ସେନେଇ କାର୍ଯ୍ୟକର୍ତାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସରକାର ଓ ଚାଷୀଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ସେତୁ ପରି କାର୍ଯ୍ୟ କରିବ ବୋଲି ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢ଼ୀ କହିଛନ୍ତି।

ବୈଠକ ସଂପର୍କରେ ସୁଚନା ଦେଇ ଶ୍ରୀ ପାଢ଼ୀ କହିଛନ୍ତି ଯେ, ପୂର୍ବ ସରକାର ସମୟରେ କୃଷକମାନଙ୍କ ଉନ୍ନତି ଉପରେ ଧ୍ୟାନ ଦିଆଯାଉ ନଥିଲା। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ଲୋକଙ୍କ ପାଖରେ ପହଂଚି ପାରୁନଥିଲା। ମୋଦିଜୀ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରିବା ଉପରେ କାର୍ଯ୍ୟ କରୁଛନ୍ତି। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କୃଷକଙ୍କ ସାମୁହିକ ବିକାଶ ପାଇଁ ବଦ୍ଧପରିକର। ରାଜ୍ୟର ସମସ୍ତ କୃଷକ ଯେପରି କଲ୍ୟାଣକାରୀ ଯୋଜନାଗୁଡ଼ିକର ଲାଭ ଉଠାଇପାରିବେ ସେନେଇ ସେମାନଙ୍କୁ ଅବଗତ କରାଇବା ପାଇଁ କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତାଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ମନମୋହନ ସାମଲ ବୈଠକରେ ଯୋଗଦେଇ ବିଭିନ୍ନ ଜିଲ୍ଲାରୁ ଆସିଥିବା ମୋର୍ଚ୍ଚାର କାର୍ଯ୍ୟକର୍ତାମାନଙ୍କ ମାର୍ଗଦର୍ଶନ କରିଥିଲେ। ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଂଟିଆ ଯୋଗଦେଇ ପରିବର୍ତୀତ ପରିବେଶ ଯୋଗୁ ଚାଷ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ଅବଗତ କରାଇଥିଲେ। ସାଂସଦ ଶ୍ରୀ ସୁକାନ୍ତ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି, କୃଷକସଶକ୍ତିକରଣ ଉପରେ ବିଭିନ୍ନ ଯୋଜନା ଓ ତାର ସଫଳ ରୂପାୟନ ସମ୍ପର୍କରେ ଆଲୋକପାତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ଶ୍ରୀ ଶିବାଜୀ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ସୀମାଂଚଳ ଖଟେଇ, ରାଜ୍ୟ ଉପସଭାପତି ଆଲୋକ ମହାନ୍ତି, କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଆର୍ତବନ୍ଧୁ ପୃଷ୍ଟି, ଶ୍ରୀକାନ୍ତ ମିଶ୍ର, ରାଜ୍ୟ ସଂପାଦିକା ସୁଚରିତା ଜେନାମଣି, କୋଷାଧ୍ୟକ୍ଷ ଶ୍ରୀ ବିଶ୍ୱଜିତ ସ୍ୱାଇଁ, ମିଡିଆ ସଂଯୋଜିକା ପୂର୍ଣ୍ଣବାସୀ ମହାପାତ୍ରଙ୍କ ସମେତ ମୋର୍ଚ୍ଚାର ରାଜ୍ୟ ପଦାଧିକାରୀ ଓ ଜିଲ୍ଲା ସଭାପତି ଏବଂ ସାଧାରଣ ସମ୍ପାଦକମାନେ ଉପସ୍ଥିତ ଥିଲେ।

# କେନ୍ଦ୍ରାପଡାରେ ଭାରତ ପେଟ୍ରୋଲିୟମର ଜନକଲ୍ୟାଣ କାର୍ଯ୍ୟକ୍ରମ



କେନ୍ଦ୍ରାପଡ଼ା, ୧୨।୭:କେନ୍ଦ୍ରାପଡା ସହରରେ ଭାରତ ପେଟ୍ରୋଲିୟମ ପକ୍ଷରୁ କେତେକ ଜନକଲ୍ୟାଣ କାର୍ଯ୍ୟକ୍ରମ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ସଂପ୍ରତି ଚାଲୁ ରହିଥିବା ସ୍ୱଚ୍ଛତା ପଖୱାଡ ସନ୍ଦର୍ଭରେ କେନ୍ଦ୍ରାପଡା ସହରରେ ଭାରତ ପେଟ୍ରୋଲିୟମ ଏବଂ ଏହାର କେନ୍ଦ୍ରାପଡାସ୍ଥିତ ସମସ୍ତ ଭାରତ ପେଟ୍ରୋଲପମ୍ପର କର୍ମଚାରୀମାନଙ୍କ ଦ୍ୱାରା ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥଦାଣ୍ଡରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡାର ଜଗନ୍ନାଥ ଫିଲିଂଷ୍ଟେସନ, ଜୟଶ୍ରୀ ଫିଲିଂଷ୍ଟେସନ, ବିଜୟ ସର୍ଭିସଷ୍ଟେସନ, ଚଉଦକୁଲାଟର ଜୟ ଜଗନ୍ନାଥ ପେଟ୍ରୋଲପମ୍ପ, ପଟ୍ଟାମୁଣ୍ଡାଇର ସନ୍ତୋଷୀ ଫିଲିଂଷ୍ଟେସନ, ଚାନ୍ଦୋଳର ରୁଦ୍ରାଣୀ ଫିଲିଂଷ୍ଟେସନ ପ୍ରମୁଖର ସମସ୍ତ କର୍ମଚାରୀମାନେ ମିଶି ଶ୍ରୀବଳଦେବଜୀଉଙ୍କ ବଡଦାଣ୍ଡକୁ ସଫେଇ କରିବା ସହିତ ଜନସାଧାରଣଙ୍କୁ ଏଦିଗରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ଭାରତ ପେଟ୍ରୋଲିୟମର ବରିଷ୍ଠ ଅଧିକାରୀ ପୃଥୀରାଜ ଦାସ, ଅନିମେଷ ଜାଦବ, ଶୁଭମ ପଲ ପ୍ରମୁଖ ଯୋଗଦେଇ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ସହ ସମସ୍ତଙ୍କୁ ହାଇଜିକ୍ କିଟ୍ ପ୍ରଦାନ କରିଥିଲେ। ଏହି ଅବସରରେ ଭାରତ ପେଟ୍ରୋଲିୟମ ପକ୍ଷରୁ ଶ୍ରୀଜୀଉଙ୍କ ମନ୍ଦିର ଟ୍ରଷ୍ଟବୋର୍ଡକୁ ଏକ ହୁଇଲ ଚେୟାର ଓ କିଛି ଡଷ୍ଟବିନ୍ ପ୍ରଦାନ କରାଯାଇଥିଲା। ଏଥିସହିତ ଭାରତ ପେଟ୍ରୋଲିୟମ ପକ୍ଷରୁ ଗରାପୁରସ୍ଥିତ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପିଇବା ପାଇଁ ଏକ ଥଣ୍ଡାପାନୀୟ ଜଳ ମେସିନ ପ୍ରଦାନ କରାଯାଇଥିଲା। ଏହି ମେସିନକୁ ଜିଲ୍ଲାପାଳ ଶ୍ରୀ ଆୟାର ଉଦଘାଟନ କରିଥିଲେ। ଏଥିସହିତ ବିଦ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ପୂର୍ବତନ ବିଧାୟିକା ଡ. ମଲ୍ଲିକ ବିଭିନ୍ନ ବୃକ୍ଷର ଚାରା ରୋପଣ କରିଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ଗରାପୁରସ୍ଥିତ ଜଗନ୍ନାଥ ଫିଲିଂଷ୍ଟେସନର ମାଲିକ ସମରେନ୍ଦ୍ର ମିଶ୍ର ପରିଚାଳନା କରିଥିଲେ।

# ବୁଗୁଡ଼ାରେ ସ୍ୱେଚ୍ଛାକୃତ ରକ୍ତଦାନ ଓ ମାଗଣା ଚକ୍ଷୁ ପରୀକ୍ଷା ଶିବିର

ବୁଗୁଡ଼ା : ୧୩/୭ (ନି.ପ୍ର.) ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଏବଂ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ କରଚୁଲି ବ୍ୟାଘ୍ରମ୍ବରି ମଠର ସ୍ୱାମୀ ସତ୍ୟାନନ୍ଦ ଗିରି ଉଦଘାଟନ କରିଥିବା ବେଳେ ଏଥିରେ ୩୧ ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ଏବଂ ୪୬ ଜଣ ବ୍ୟକ୍ତିଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସ୍ଥାନୀୟ ଡାକ୍ତର ସୁଧାଂଶୁ ଶେଖର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଭଞ୍ଜନଗର ବ୍ଲଡ ବ୍ୟାଙ୍କ କର୍ତ୍ତୃପକ୍ଷ ରକ୍ତ ରକ୍ତ ସଂଗ୍ରହ କରିଥିଲା ବେଳେ ବ୍ରହ୍ମପୁରସ୍ଥ ରୁବି ଆଇ ହସ୍ପିଟାଲ ଡାକ୍ତର ସନ୍ନୁମଲଙ୍କ ଦ୍ୱାରା ଲୋକଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେବା ସପ୍ତାହ ପାଳନ ଅବସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ସଦସ୍ୟଗଣ ସକ୍ରିୟ ସହଯୋଗ କରିଥିଲେ।



# ଥାନା ଘେରାଉ ସ୍ଥଗିତ

ଗୋପ, ୧୩/୭ (ନି.ପ୍ର.) ଗତ ଜୁନ ମାସ ୨୬ ତାରିଖରେ ଧନିତ୍ରୀ ଗ୍ରାମର ଦୁଇ ଭାଇଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ଶୁକ୍ରବାର ପୂର୍ବାହ୍ନ ସମୟରେ ହେବାକୁ ଥିବା ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଖବରରୁ ପ୍ରକାଶ ଯେ କୋଣାର୍କ ଏନଏସିରେ ପୋଲିସ ଡାକବାଜି ଯନ୍ତ୍ର ବ୍ୟବହାର ଉପରେ ଧାରା ୩୦ ଅନୁଯାୟୀ ଖାରଜ କରିବା ସହିତ ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢୀଙ୍କ ସହିତ କାଦୁଆ ଗ୍ରାମ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିବା ପରେ ଏହି ଘଟଣାରେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ପ୍ରତିଶୃତି ଦେବା ପାଇଁ ଅନୁଷ୍ଠିତ ହେବାକୁ ଥିବା ଶୋଭାଯାତ୍ରା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସାମୟିକ ଭାବେ ସ୍ଥଗିତ ରଖାଗଲା ବୋଲି ବିକାଶ ପରିଷଦର ସଭାପତି କୃଷ୍ଣଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି।



# ଜିଓର ନୂଆ ଜିଓ ଟିଭି ପ୍ରୋ ପ୍ୟାକ୍ ଶୁଭାରମ୍ଭ

**ଭୁବନେଶ୍ୱର, ୧୩।୭ (ନି.ପ୍ର) :** ରିଲାଏନ୍ସ ଜିଓ ଏହାର ଗ୍ରାହକମାନଙ୍କ ପାଇଁ ଏକ ନୂତନ, ସୁଲଭ ମନୋରନ ପ୍ଲାନ ପ୍ରଚଳନ କରିଛି। କମ୍ପାନୀ ମାତ୍ର ୫୫ ଟଙ୍କାରେ ରେ ଜିଓ ଟିଭି ପ୍ରୋ ପ୍ୟାକ୍ ଶୁଭାରମ୍ଭ କରିଛି, ଯାହାର ବୈଧତା ୩୦ ଦିନ ରହିଛି। ଏହି ପ୍ୟାକ୍ ସହିତ ଉପଭୋକ୍ତାମାନେ ଜିଓଟିଭି ଆପ୍ ମାଧ୍ୟମରେ ସେମାନଙ୍କ ମୋବାଇଲ୍ ଫୋନ୍‌ରେ ୧,୦୦୦ ରୁ ଅଧିକ ଲାଇଭ୍ ଟିଭି ଚ୍ୟାନେଲ୍ ଉପଭୋଗ କରିପାରିବେ। ଏହି ନୂତନ ପ୍ୟାକରେ ୧୫୦ ରୁ ଅଧିକ ପ୍ରିମିୟମ୍ ଚ୍ୟାନେଲ୍ ସମେତ ୧୬ ରୁ ଅଧିକ ଭାଷାରେ ୧୦୦୦ ରୁ ଅଧିକ ଚ୍ୟାନେଲ୍ ରହିଛି। ଦର୍ଶକମାନେ ମନୋରନ, ଚଳଚ୍ଚିତ୍ର, ଖବର, ପିଲାମାନଙ୍କ କାର୍ଯ୍ୟକ୍ରମ, ଜୀବନଶୈଳୀ ଏବଂ ବିଭିନ୍ନ ଆଞ୍ଚଳିକ ଭାଷା ସମ୍ବନ୍ଧୀୟ ବିଭିନ୍ନ ପ୍ରକାରର ବିଷୟବସ୍ତୁର ଆନନ୍ଦ ଉଠାଇପାରିବେ। ଏହି ପ୍ୟାକ୍‌ରେ ଷ୍ଟାର ପ୍ଲସ ଏଚଡି, କଲର୍ସ ଏଚଡ଼ି, ସୋନି ଏଚଡ଼ି, ସୋନି ସବ ଏଚଡ଼ି, ଡିସକଭରି, ଆନିମଲ ପ୍ଲାନେଟ, ସନ ଟିଭି ନେଟୱାର୍କ ଓ ଇଟିଭି ଭଳି ପ୍ରମୁଖ ଜାତୀୟ ପ୍ରସାରଣକାରୀଙ୍କ ଲୋକପ୍ରିୟ ଚ୍ୟାନେଲ୍ ଅନ୍ତର୍ଭୁକ୍ତ। ତେବେ ଏହି ପ୍ୟାକରେ ଜିଓଷ୍ଟାର ଏବଂ ସୋନିର ସ୍ପୋର୍ଟସ୍ ଚ୍ୟାନେଲ୍ ଅନ୍ତର୍ଭୁକ୍ତ ନାହିଁ। ଏହି ସେବା ପାଇବା ପାଇଁ, ଗ୍ରାହକମାନଙ୍କୁ କେବଳ ୫୫ ଟଙ୍କା ରିଚାର୍ଜ କରିବାକୁ ପଡିବ। ରିଚାର୍ଜ ହେବା ପରେ, ସମସ୍ତ ଉପଲବ୍ଧ ପ୍ରିମିୟମ୍ ଚ୍ୟାନେଲଗୁଡ଼ିକ ସେମାନଙ୍କର ଜିଓ ନମ୍ବର ବ୍ୟବହାର କରି ଜିଓଟିଭି ଆପରେ ଲଗଇନ୍ କରିବା ପରେ ଆପେଆପେ ସକ୍ରିୟ ହୋଇଯିବ। ଏହା ଏକ କେବଳ ମନୋରନ ପ୍ୟାକ୍ ଏବଂ ଏଥିରେ ଭଏସ୍ କଲ୍ କିମ୍ବା ଏସଏମଏସ ପରି ସୁବିଧା ଅନ୍ତର୍ଭୁକ୍ତ ନାହିଁ। ଏହି ସେବା ବ୍ୟବହାର କରିବା ପାଇଁ ଗ୍ରାହକମାନଙ୍କର ଏକ ସକ୍ରିୟ ଜିଓ ପ୍ରିପେଡ୍ କିମ୍ବା ପୋଷ୍ଟପେଡ୍ ସଂଯୋଗ ରହିଥିବା ଆବଶ୍ୟକ। ଜିଓଟିଭି ଆପ୍ ମାଧ୍ୟମରେ ଏହି ପ୍ୟାକ ଗୋଟିଏ ସମୟରେ କେବଳ ଗୋଟିଏ ମୋବାଇଲ୍ ଡିଭାଇସରେ ବ୍ୟବହାର କରାଯାଇପାରିବ। ଏହି ନୂତନ ୫୫ ଟଙ୍କା ମୂଲ୍ୟର ଜିଓ ଟିଭି ପ୍ରୋ ପ୍ୟାକ୍ ରିଚାର୍ଜ ପାଇଁ ଅନଲାଇନ୍ ଏବଂ ଅଫଲାଇନ୍ ଉଭୟ ମାଧ୍ୟମରେ ଉପଲବ୍ଧ। କମ୍ପାନୀ ଅନୁଯାୟୀ ଦର୍ଶକମାନେ ଏବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ସେମାନଙ୍କର ପ୍ରିୟ ଟିଭି ଧାରାବାହିକ, ସଦ୍ୟତମ ଖବର, ପିଲାମାନଙ୍କ କାର୍ଟୁନ୍ ଏବଂ ଆଞ୍ଚଳିକ ଭାଷାର କାର୍ଯ୍ୟକ୍ରମ ଉପଭୋଗ କରିପାରିବେ।




# ହର୍ବାଲାଇଫ୍ ଇଣ୍ଡିଆ ପକ୍ଷରୁ ଫର୍ମୁଲା ୧ ନ୍ୟୁଟ୍ରିସନାଲ ସେକ ଶୃଙ୍ଖଳାରେ ଡେଟ୍ସ କାରାମେଲ୍ ଭାରିଆଣ୍ଟ ସାମିଲ

**ଭୁବନେଶ୍ୱର, ୧୩।୭ (ନି.ପ୍ର):** ଏକ ପ୍ରମୁଖ ସ୍ୱାସ୍ଥ୍ୟ ଓ ୱେଲନେସ୍ କମ୍ପାନି ହର୍ବାଲାଇଫ୍ ଇଣ୍ଡିଆ ଏହାର ଫର୍ମୁଲା ୧ ନ୍ୟୁଟ୍ରିସନାଲ୍ ସେକ୍ ମିକ୍ସ ଶୃଙ୍ଖଳାରେ ଏକ ନୂତନ 'ଡେଟ୍ସ କାରାମେଲ୍' ଭରିଆଣ୍ଟ ସାମିଲ କରିଛି। କାରାମେଲ୍ ଓ ଖଜୁରିର ସ୍ୱାଦକୁ ଘନୀଭୂତ ଖଜୁରି ରସରୁ ପ୍ରସ୍ତୁତ ଡେଟ୍ କ୍ରଞ୍ଚେସର ଅତିରିକ୍ତ ଗଠନ ସହିତ ଏକାଠି ଅଣାଯାଇଛି ଯାହା ଏକ ଆରାମଦାୟକ ସ୍ୱାଦ ଓ ନିର୍ଭରଯୋଗ୍ୟ ଦୈନନ୍ଦିନ ପୋଷଣର ସନ୍ତୁଳନ ପ୍ରଦାନ କରୁଛି। ଉପଭୋକ୍ତାମାନେ ସେମାନଙ୍କ ଦୈନନ୍ଦିନ ଆହାରରେ ସୁବିଧା ଓ ସଙ୍ଗତି ସହିତ ସ୍ୱାଦକୁ ମିଶ୍ରଣ କରୁଥିବା ବିକଳ୍ପଗୁଡିକ ଖୋଜିବା ଜାରି ରଖିଥିବା ସମୟରେ ଏହି ନୂତନ ଉତ୍ପାଦ ଆସିଛି। ଏହା ସହିତ ହର୍ବାଲାଇଫ୍ ଏହାର ବିଦ୍ୟମାନ ଫର୍ମୁଲା ୧ ସ୍ୱାଦ ଶୃଙ୍ଖଳାର ବିସ୍ତାର କରୁଛି ଯେଉଁଥିରେ ଭାନିଲା, ଡଚ ଚକୋଲେଟ୍, ମ୍ୟାଙ୍ଗୋ, କୁଲ୍ଫି ଓ ରୋଜ୍ ଖିର୍ ସାମିଲ ଅଛି ଯାହା ଗ୍ରାହକମାନଙ୍କୁ ସେମାନେ ପୂର୍ବରୁ ବିଶ୍ୱାସ କରୁଥିବା ଉତ୍ପାଦଗୁଡିକ ସହିତ ରହି ନିଜ ପସନ୍ଦ ଅନୁଯାୟୀ ସ୍ୱାଦ ବାଛିବା ପାଇଁ ଅଧିକ ବିକଳ୍ପ ପ୍ରଦାନ କରୁଛି। ଏହି ଶୁଭାରମ୍ଭ ଉପରେ ମନ୍ତବ୍ୟ ଦେଇ ହର୍ବାଲାଇଫ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଜୟ ଖାନ୍ନା କହିଛନ୍ତି ଯେ, 'ଆଜି ଏକ ଉଲ୍ଲେଖନୀୟ ପରିବର୍ତନ ଦେଖାଯାଉଛି ଯେଉଁଥିରେ ଅଧିକ ଲୋକ ଏପରି ପୋଷଣ ଖୋଜୁଛନ୍ତି ଯାହା କୌଣସି ବୁଝାମଣା ଭଳି ନ ଲାଗି ସେମାନଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀରେ ସ୍ୱାଭାବିକ ଭାବରେ ଖାପ ଖାଇଯିବ। ଆଶା ହେଉଛି ସରଳ ଓ ଏପରି କିଛି ଯାହା ବ୍ୟବହାର କରିବା ସହଜ, ଉପଭୋଗ୍ୟ ଓ ତଥାପି ସାମଗ୍ରିକ ସୁସ୍ଥତାକୁ ସମର୍ଥନ କରୁଥିବ। ଡେଟ୍ସ କାରାମେଲ୍ ଭରିଆଣ୍ଟ ସହିତ ଆମର ଉତ୍ପାଦ ନବସୃଜନ ମାଧ୍ୟମରେ କ୍ରମବିକଶିତ ଉପଭୋକ୍ତା ପସନ୍ଦଗୁଡିକର ପ୍ରତିକ୍ରିୟା ଦେବା ଉଦ୍ଦେଶ୍ୟ ଥିଲା ଯାହା ଫର୍ମୁଲା ୧ ଶୃଙ୍ଖଳା ପାଇଁ ଜଣାଶୁଣା ସନ୍ତୁଳିତ ପୋଷଣ ସହିତ ସତ୍ୟ ରହି ଅଧିକ ପସନ୍ଦ ପ୍ରଦାନ କରିଥାଏ। ଏହା ଏପରି ଏକ ଉପାୟରେ ଅଧିକ ପସନ୍ଦ ପ୍ରଦାନ କରିବା ବିଷୟ ଯାହା ବ୍ୟକ୍ତିବିଶେଷଙ୍କୁ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟସୂଚୀ ସହିତ ସଙ୍ଗତି ରକ୍ଷା କରିବାରେ ସାହାଯ୍ୟ କରିବ। ହର୍ବାଲାଇଫ୍‌ରେ ଭାରତୀୟ ଗ୍ରାହକମାନଙ୍କ ପାଇଁ ପ୍ରାସଙ୍ଗିକ ଓ ସେମାନଙ୍କୁ ସ୍ୱାସ୍ଥ୍ୟକର, ଅଧିକ ସକ୍ରିୟ ଜୀବନଯାପନ କରିବାରେ ସମର୍ଥନ କରୁଥିବା ବିଜ୍ଞାନ-ଆଧାରିତ ଉତ୍ପାଦ ପ୍ରଦାନ କରିବା ଉପରେ ହିଁ ଧ୍ୟାନ କେନ୍ଦ୍ରୀଭୂତ ରହିଛି। ଫର୍ମୁଲା ୧ ନ୍ୟୁଟ୍ରିସନାଲ୍ ସେକ୍ ମିକ୍ସ ଡେଟ୍ସ କାରାମେଲ୍ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଭିଟାମିନ୍ ଏବଂ ମିନେରାଲ୍ସ ସହିତ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱର ଏକ ସନ୍ତୁଳିତ ମିଶ୍ରଣ ପ୍ରଦାନ କରୁଛି ଯାହା ଦୈନନ୍ଦିନ ପୋଷଣ ଆବଶ୍ୟକତାକୁ ସମର୍ଥନ କରିଥାଏ। ପ୍ରତ୍ୟେକ ଥର ବ୍ୟବହାର ୯ ଗ୍ରାମ ଉଚ୍ଚ-ଗୁଣବତା ସମ୍ପନ୍ନ ପ୍ରୋଟିନ୍, ୩ ଗ୍ରାମ ତନ୍ତୁ ଓ ୧୯ଟି ଭିଟାମିନ୍ ଓ ମିନେରାଲ୍ସ ପ୍ରଦାନ କରୁଛି ଯାହା ଉତ୍ପାଦ ଲେବଲ୍‌ରେ ନିର୍ଦ୍ଦିଷ୍ଟ କରାଯାଇଥିବା ସୁପାରିସ ଅନୁଯାୟୀ ଗ୍ରହଣ କଲେ ଏକ ଭୋଜନ ବିକଳ୍ପ ଭାବରେ କାର୍ଯ୍ୟ କରିବ। ଏହା ସହିତ ଏହା ଏକ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଖାଦ୍ୟ ଯାହା ଏକ ସନ୍ତୁଳିତ ଆହାରର ଅଂଶ ଭାବରେ ନିରନ୍ତର ଶକ୍ତି ପ୍ରଦାନ କରିବାକୁ ସମର୍ଥନ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ସୁବିଧା ପାଇଁ ପ୍ରସ୍ତୁତ, ଏହି ସେକ୍ ଶୀଘ୍ର ପ୍ରସ୍ତୁତ ହୋଇଯାଏ ଓ ବ୍ୟକ୍ତିଗତ ସୁହାଇବା ଭଳି କରିବା ସହଜ, ଯାହା ଏହାକୁ ସକ୍ରିୟ ଓ ବ୍ୟସ୍ତବହୁଳ ଜୀବନଶୈଳୀ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଉପଯୁକ୍ତ କରିଛି। ଦିନକୁ ଏକ କିମ୍ବା ଦୁଇଟି ଖାଦ୍ୟ ବଦଳରେ ଏହାକୁ ଏକ ପୁଷ୍ଟିକର ଖାଦ୍ୟ ବିକଳ୍ପ ଭାବରେ ଗ୍ରହଣ କରାଯାଇପାରିବ, ବିଶେଷ କରି ଯେତେବେଳେ ଏହାକୁ ଏକ କ୍ୟାଲୋରି-ନିୟନ୍ତ୍ରିତ ଆହାର ଓ ମଧ୍ୟମ ଶାରୀରିକ କାର୍ଯ୍ୟକଳାପ ସହିତ ବ୍ୟବହାର କରାଯାଏ। ସ୍ୱାଦର ଏକ ବିସ୍ତାରିତ ସୃଙ୍ଖଳା ସହିତ, ଫର୍ମୁଲା ୧ ନ୍ୟୁଟ୍ରିସନାଲ୍ ସେକ୍ ମିକ୍ସ ଗ୍ରାହକମାନଙ୍କୁ ସେମାନଙ୍କର ଦୈନନ୍ଦିନ ପୋଷଣ କାର୍ଯ୍ୟସୂଚୀରେ ସଙ୍ଗତି ବଜାୟ ରଖିବା ସହିତ ଅଧିକ ପସନ୍ଦ ପ୍ରଦାନ କରିବା ଜାରି ରଖିଛି।




# ଏନଏସଇ କ୍ରୁଡ ଅଏଲ ଅପ୍‌ସନ୍ସର ଉଲ୍ଲେଖନୀୟ ପ୍ରଦର୍ଶନ

**ଭୁବନେଶ୍ୱର, ୧୩।୭ (ନି.ପ୍ର) :** ନ୍ୟାଶନାଲ ଷ୍ଟକ୍ ଏକ୍ସଚେ ଅଫ୍ ଇଣ୍ଡିଆ (ଏନଏସଇ) ପକ୍ଷରୁ ଘୋଷଣା କରାଯାଇଛି ଯେ, ଏହାର କ୍ରୁଡ ଅଏଲ ଅପ୍‌ସନ୍ସ ଉଲ୍ଲେଖନୀୟ ପ୍ରଦର୍ଶନ କରିଛଇ । ଯାହାକି ଗତ ଜୁଲାଇ ୯ ତାରିଖ ୨୦୨୬ରେ ୨୦୦୬.୪୯ କୋଟି ଟଙ୍କାର ଦୈନିକ ପ୍ରିମିୟମ କାରବାର, ୪୭,୩୩,୮୬୨ଟି ଚୁକ୍ତି ସଂଖ୍ୟା ଓ ୧୧୪,୦୦୦ ଚୁକ୍ତି ଅତିକ୍ରମ କରିଥିବା ଇଂଟ୍ରାଡେ ଓପନ ଇଂଟରେଷ୍ଟ ହାସଲ କରିଛି। ଏହି ସଫଳତା ଅଶୋଧିତ ତୈଳ ମୂଲ୍ୟ ବିପଦକୁ ପରିଚାଳନା କରିବା ପାଇଁ ଉତ୍ପାଦଗୁଡିକର ବର୍ଦ୍ଧିତ ଗ୍ରହଣୀୟତାକୁ ଗୁରୁତ୍ୱାରୋପ କରୁଛି। ବଜାର ମତାମତକୁ ଅନୁସରଣ କରି ଏନଏସଇ ନମନୀୟତା ଓ ବିପଦ ପରିଚାଳନାକୁ ଉନ୍ନତ କରିବା ପାଇଁ ଫ୍ୟୁଚର୍ସ ଏକ୍ସପାୟରି ପୂର୍ବରୁ କଂଟ୍ରାକ୍ଟ ଏକ୍ସପାୟରିକୁ ଦୁଇରୁ ୭ ଦିନକୁ ସଂଶୋଧନ କରିଥିଲା ଯାହା ଗତ ନଭେମ୍ବର ୬ ତାରିଖ ୨୦୨୫ରୁ ପ୍ରଭାବୀ ରହିଛି। ଏହା ପରଠାରୁ ଏନଏସଇରେ ଟ୍ରେଡିଂ ଗତିବିଧି ବୃଦ୍ଧି ପାଇବାରେ ଲାଗିଛି। ପୂର୍ବ ଏକ୍ସପାୟରି (୯ ଜୁନ ୨୦୨୬)ରେ ଏହି ଚୁକ୍ତି ୨୮୬୪,୬୧୮ଟି ଚୁକ୍ତି କାରବାର ଓ ୧୨୩୯.୧୦ କୋଟି ଟଙ୍କାର ପ୍ରିମିୟମ ଟର୍ଣ୍ଣଓଭର ପରିଲକ୍ଷିତ କରିଥିଲା। ସେହିପରି କ୍ରୁଡ ଅଏଲ ଫ୍ୟୁଚର୍ସ ୩୭୮.୩୨ କୋଟି ଟଙ୍କାର ଏକ ଟର୍ଣ୍ଣଓଭର ରେକର୍ଡ କରିଥିଲା। ଏନଏସଇ ପକ୍ଷରୁ କୁହାଯାଇଛି ଯେ,ଏହା ନିଜର କମୋଡିଟି ଡେରିଭେଟିଭ୍‌ସ ଅଫରିଙ୍ଗଗୁଡ଼ିକୁ ଉନ୍ନତ କରିବା ଜାରି ରଖିବ। ଏହାବ୍ୟତୀତ ଏନଏସଇ ନ୍ୟାଚୁରାଲ ଗ୍ୟାସ ଅପ୍‌ସନ୍ସ ଏକ୍ସପାୟରୀକୁ ଫ୍ୟୁଚର୍ସ ଏକ୍ସପାୟରୀ ପୂର୍ବରୁ ୪ଟି ବ୍ୟବସାୟିକ ଦିନକୁ ସଂଶୋଧନ କରିଛି ଯାହା ମେ ୨୫ ତାରିଖ ୨୦୨୬ରୁ ପ୍ରଭାବୀ ରହିଛି।




# ଭିଡା ଇଭୁଟରର ଭିଏକ୍ସ୨ ପ୍ଲସ ୪.୪ କେଡବ୍ଲ୍ୟୁଏଚ୍‌ର ବଜାର ପ୍ରବେଶ

**ଭୁବନେଶ୍ୱର, ୧୩।୭ (ନି.ପ୍ର) :** ହିରୋ ମୋଟୋକର୍ପ ଦ୍ୱାରା ପରିଚାଳିତ ଭିଡା, ନୂଆ ଭିଡା ଇଭୁଟର ଭିଏକ୍ସ୨ ପ୍ଲସ ୪.୪ କେଡବ୍ଲ୍ୟୁଏଚ୍‌ର ଶୁଭାରମ୍ଭ ସହିତ ନିଜର ଇଲେକ୍ଟ୍ରିକ୍ ଲାଇନଅପକୁ ସୁଦୃଢ଼ କରିଛି। ଏହି ଲଞ୍ଚ-ରେ ଭାରିଆଂଟକୁ 'ଘର ଘର ଇଭୁଟର' ବ୍ରାଣ୍ଡର ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ମାଣ କରାଯାଇଛି। ଏହି ଶୁଭାରମ୍ଭ ସହିତ ଭିଡା ଏବେ ଭାରତୀୟ ରାଇଡରଙ୍କ ବିବିଧ ଜୀବନଶୈଳୀ ଏବଂ ଆବଶ୍ୟକତା ଅନୁସାରେ ଚାରୋଟି ଭିନ୍ନ ଭିଏକ୍ସ୨ ଭାରିଆଂଟ ପ୍ରଦାନ କରୁଛି। ନୂତନ ଲଞ୍ଚ-ରେ ଭାରିଆଂଟ ଏକ ଐତିହାସିକ ବହୁରାଷ୍ଟ୍ରୀୟ ଅଭିଯାନ ମାଧ୍ୟମରେ ଏହାର ଅତୁଳନୀୟ ସହନଶୀଳତା ପ୍ରମାଣିତ କରିଛି, ଯାହା 'ଏକ ଇଲେକ୍ଟ୍ରିକ୍ ସ୍କୁଟର ଦ୍ୱାରା ଦୀର୍ଘତମ ଯାତ୍ରା' ପାଇଁ ଆନୁଷ୍ଠାନିକ ଭାବରେ ଏସିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛି। ଭିଡା ଇଭୁଟର ଭିଏକ୍ସ୨ ପ୍ଲସ୍‌ର ମୂଲ୍ୟ ୧,୪୩,୯୯୦ ଟଙ୍କା ରହିଥିବାବେଳେ ଏହା ଡୁଆଲ୍ ୨.୨ କେଡବ୍ଲ୍ୟୁଏଚ୍ ରିମୁଭେବଲ୍ ୟୁନିଟ୍ ମାଧ୍ୟମରେ ମୋଟ ୪.୪ କେଡବ୍ଲ୍ୟୁଏଚ୍ ବ୍ୟାଟେରୀ କ୍ଷମତା ପ୍ରଦାନ କରିବା ସହ ୧୮୭ କିଲୋମିଟରର ଆଇଡିସି-ପ୍ରମାଣିତ ରେ ହାସଲ କରିଥାଏ। ଏହି ଭାରିଆଂଟ ୧ କେଡବ୍ଲ୍ୟୁ ପୋର୍ଟେବୁଲ୍ ଚାର୍ଜର ସହିତ ଆସିଥାଏ ଯାହା ୩ ଘଂଟା ୩୦ ମିନିଟରେ ୦% ରୁ ୮୦% ଚାର୍ଜ କରିପାରିବ। ଯାତ୍ରା କରୁଥିବା ରାଇଡରମାନଙ୍କ ପାଇଁ, ଏହା ହାଇ-ସ୍ପିଡ୍ ଡିସି ଫାଷ୍ଟ ଚାର୍ଜିଂକୁ ମଧ୍ୟ ସମର୍ଥନ କରିଥାଏ, ୬୫ ମିନିଟରେ ବ୍ୟାଟେରୀକୁ ୦% ରୁ ୮୦% ପର୍ଯ୍ୟନ୍ତ ଚାର୍ଜ କରିଥାଏ। ଏହି ଶୁଭାରମ୍ଭ ଅବସରରେ ହିରୋ ମୋଟୋକର୍ପର ଏମର୍ଜିଂ ମୋବିଲିଟି ବିଜନେସ୍ ୟୁନିଟର ମୁଖ୍ୟ ବାଣିଜ୍ୟ ଅଧିକାରୀ, କୌଶଲ୍ୟା ନନ୍ଦକୁମାର କହିଛନ୍ତି, 'ଆମେ ପରିଚାଳିତ କରୁଥିବା ପ୍ରତ୍ୟେକ ଉଦ୍ଭାବନ ଆମର ଗ୍ରାହକଙ୍କ ଆବଶ୍ୟକତାର ପ୍ରତ୍ୟକ୍ଷ ପ୍ରତିଫଳନ ଅଟେ। ଇଭି ଗ୍ରହଣୀୟତା ପାଇଁ ଦୀର୍ଘ, ବାଧାମୁକ୍ତ ଯାତ୍ରା ଏବଂ ଶୀଘ୍ର ଚାର୍ଜିଂର ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହିଛି। ଭିଡା ଭିଏକ୍ସ୨ ପ୍ଲସ୍ ୪.୪ କେଡବ୍ଲ୍ୟୁଏଚ୍ ଭାରିଆଂଟ ସହିତ, ଆମେ ଏକ ଲମ୍ବା ରେ ପ୍ରଦାନ କରୁଛୁ ଯାହା ଆମର ରାଇଡରଙ୍କ ଦୀର୍ଘ-ଦୂରତା ଆକାଂକ୍ଷାକୁ ସମ୍ପୂର୍ଣ୍ଣ ଭାବରେ ପୂରଣ କରିଥାଏ ଏବଂ ଯେକୌଣସି ସ୍ଥାନରେ ଚାର୍ଜ କରିବାର ଅତୁଳନୀୟ ସହଜତା ଦ୍ୱାରା ଉନ୍ନତ ଚାର୍ଜିଂ ବେଗ ପ୍ରଦାନ କରିଥାଏ। ଆମର ପୋର୍ଟଫୋଲିଓକୁ ଚାରୋଟି ଭିନ୍ନ ଭାରିଆଂଟକୁ ବିସ୍ତାର କରି, ଆମେ ନିଶ୍ଚିତ କରୁଛୁ ଯେ 'ଘର ଘର ଇଭୁଟର' କେବଳ ଏକ ୱାନ୍-ସାଇଜ୍-ଫିଟ୍-ଅଲ୍ ସଲ୍ୟୁଶନ ନୁହେଁ, ବରଂ ଗଭୀର ଗ୍ରାହକ ବିଶ୍ୱାସ ଓ ପ୍ରମାଣିତ ଇଞ୍ଜିନିୟରିଂ ସ୍ଥାୟିତ୍ୱ ଦ୍ୱାରା ସମର୍ଥିତ ଏକ ଉପଯୁକ୍ତ ପସନ୍ଦ ଅଟେ।




# ନୁଭୋକୋ ଭିସ୍ତାସ ର ସୁରତରେ ନୂତନ ଲିମ୍‌ଲା ସିମେଂଟ ପ୍ଲାଂଟର ଉଦ୍‌ଘାଟନ

**ଭୁବନେଶ୍ୱର, ୧୩।୭ (ନି.ପ୍ର) :** ଭାରତର ଅଗ୍ରଣୀ ନିର୍ମାଣ ସାମଗ୍ରୀ କମ୍ପାନୀ ନୁଭୋକୋ ଭିସ୍ତାସ କର୍ପୋରେଶନ ଲିମିଟେଡ ଗୁଜରାଟର ସୁରତରେ ଏହାର ଲିମ୍‌ଲା ସିମେଂଟ ପ୍ଲାଂଟ (ଏଲସିପି)ର ଉଦ୍‌ଘାଟନ କରିଛି ଯାହାକି ବଦରାଜ ସିମେଂଟ ଲିମିଟେଡ (ଭିସିଏଲ)ର ଅନ୍ୟତମ ପ୍ରମୁଖ ଉତ୍ପାଦନ କାରଖାନା ଅଟେ। ଏହି ଉଦ୍‌ଘାଟନ ନୁଭୋକୋର ରଣନୈତିକ ଅଧିଗ୍ରହଣ ଏବଂ ଭିସିଏଲର ପୁନରୁଦ୍ଧାର କ୍ଷେତ୍ରରେ ଏକ ନିର୍ଣ୍ଣାୟକ ସଫଳତାକୁ ଚିହ୍ନିତ କରୁଛି ଏବଂ ପଶ୍ଚିମ ଭାରତୀୟ ବଜାରରେ କମ୍ପାନୀର ସମ୍ପ୍ରସାରଣକୁ ସୁଦୃଢ କରିଛି। କମ୍ପାନୀ ବଦରାଜ ସିମେଂଟ ଲିମିଟେଡ (ଭିସିଏଲ)ର ଅଧିଗ୍ରହଣ ସମ୍ପୂର୍ଣ୍ଣ କରିଛି, ଯାହା ଜୁନ୍ ୨୦୨୫ରେ ୧୮୦୦ କୋଟି ଟଙ୍କା ବିନିମୟରେ କର୍ପୋରେଟ ଇନ୍‌ସଲ୍‌ଭେନ୍ସି ରିଜୋଲ୍ୟୁଶନ ପ୍ରୋସେସ (ସିଆଇଆରପି)ର ସମ୍ମୁଖୀନ ହୋଇଥିଲା। ଭିସିଏଲର ସମ୍ପତି ଆଧାରରେ କଚ୍ଛ ଓ ଲିମ୍‌ଲା, ସୁରତରେ ଏକ କ୍ଲିଙ୍କର ୟୁନିଟ ଓ ଏକ ଗ୍ରାଇଣ୍ଡିଙ୍ଗ ୟୁନିଟ ସାମିଲ ରହିଛି। ଭିସିଏଲର ଏକ ଉଚ୍ଚମାନର କ୍ୟାପ୍ଟିଭ ଲାଇମଷ୍ଟୋନ ରିଜର୍ଭ ଓ କଚ୍ଛଠାରେ ଏକ କ୍ୟାପ୍ଟିଭ ଜେଟି ରହିଛି ଯାହା ପରିବହନ ଦକ୍ଷତା ବୃଦ୍ଧି କରିଛି। ଏହି ସମ୍ପତିଗୁଡ଼ିକୁ ଅଧିଗ୍ରହଣ କରିବା ପରଠାରୁ ନୁଭୋକୋ ଉଭୟ ସାଇଟ୍‌ରେ ଏକ ପୁନରୁଦ୍ଧାର, ନବୀକରଣ ଓ ସମ୍ପ୍ରସାରଣ କାର୍ଯ୍ୟ ପରିଚାଳନା କରିଥିଲା ଯାହା ଲିମ୍‌ଲା ଫ୍ୟାସିଲିଟିରେ ଆଜିର ଶୁଭାରମ୍ଭରେ ପରିଣତ ହୋଇଛି। ୨ ଏମଏମଟିପିଏ ଗ୍ରାଇଣ୍ଡିଂ କ୍ଷମତାର ସଫଳ ଉଦ୍‌ଘାଟନ ସହିତ ଲିମଲା ସିମେଂଟ ପ୍ଲାଂଟଠାରେ ଥିବା ଗ୍ରାଇଣ୍ଡିଂ ୟୁନିଟ ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛି। ଏହା ୨୦୨୭-୨୮ ସୁଦ୍ଧା ନିଜର ମୋଟ ସିମେଂଟ କ୍ଷମତାକୁ ୩୫ ଏମଏମଟିପିଏକୁ ବୃଦ୍ଧି କରିବା ପାଇଁ ନୁଭୋକୋକୁ ଅବସ୍ଥାପିତ କରିଛି।

ଏହି ସଫଳତାକୁ ପାଳନ କରି, ନୁଭୋକୋ ଭିସ୍ତାସ୍ କର୍ପୋରେସନ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ, ଶ୍ରୀ ଜୟକୁମାର କୃଷ୍ଣସ୍ୱାମୀ କହିଛନ୍ତି, 'ଲିମଲା ଗ୍ରାଇଣ୍ଡିଂ ୟୁନିଟ୍ (ସୁରତ)ର ଉଦଘାଟନ ନୁଭୋକୋର ଅଭିବୃଦ୍ଧି ଯାତ୍ରାରେ ଏକ ନିର୍ଣ୍ଣାୟକ ସଫଳତାକୁ ସୂଚିତ କରୁଛି ଏବଂ ଶୃଙ୍ଖଳିତ, ମୂଲ୍ୟ-ଆଧାରିତ ସମ୍ପ୍ରସାରଣ ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଗୁଜରାଟ ନୁଭୋକୋ ପାଇଁ ଏକ ରଣନୈତିକ ଗୁରୁତ୍ୱପୂର୍ଣ୍ଣ ବଜାର, ଯାହା ଦୃଢ଼ ଭିତିଭୂମି ବିକାଶ, ଶିଳ୍ପ ସମ୍ପ୍ରସାରଣ, ଦ୍ରୁତ ସହରୀକରଣ ଏବଂ ଗୃହ ଓ ନିର୍ମାଣ କ୍ଷେତ୍ରରେ ନିରନ୍ତର ଚାହିଦା ଦ୍ୱାରା ସମର୍ଥିତ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ସୁଯୋଗ ପ୍ରଦାନ କରୁଛି। ଏହି ସଫଳତା ଆମର ଉପସ୍ଥିତିକୁ ମଜବୁତ କରିଛି, ଆମର କାର୍ଯ୍ୟକ୍ଷମତା ବୃଦ୍ଧି କରିବା ସହ ଉତର ଓ ପଶ୍ଚିମ ବଜାରରେ ଉନ୍ନତ ନିର୍ଭରଯୋଗ୍ୟତା ଓ ଦକ୍ଷତା ସହିତ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ପାଇଁ ଆମର କ୍ଷମତାକୁ ବିସ୍ତାର କରିଛି। ବଦ୍‌ରାଜ ଅଧିଗ୍ରହଣର ଏକ ଅଂଶ ଭାବେ, ଆମେ ଏକ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ସମ୍ପତିକୁ ସଫଳତାର ସହିତ ପୁନଃନିର୍ମାଣ ଏବଂ ପୁନରୁଦ୍ଧାର କରିଛୁ, ଏହାକୁ ଟିମ୍‌ଗୁଡ଼ିକରେ ଉତ୍କୃଷ୍ଟ କାର୍ଯ୍ୟକାରିତା ଓ ସହଯୋଗ ମାଧ୍ୟମରେ ଏକ ରେକର୍ଡ ସମୟରେ କାର୍ଯ୍ୟକ୍ଷମ କରିଛୁ। ଏହି ସଫଳତା ଆମର ପ୍ରକଳ୍ପ କାର୍ଯ୍ୟକାରିତା କ୍ଷମତାର ଶକ୍ତି ଏବଂ ସ୍ଥାୟୀ ଦୀର୍ଘକାଳୀନ ଲାଭଦାୟକ ଅଭିବୃଦ୍ଧି ସୃଷ୍ଟି ଉପରେ ଆମର ଧ୍ୟାନକୁ ପ୍ରତିଫଳନ କରୁଛି।




# ପ୍ରଥମ ତ୍ରୈମାସିକରେ ୯୦୨ କୋଟି ଟଙ୍କାର ଲାଭ ହାସଲ କରିଛି ଏଲଆଣ୍ଡଟି ଫାଇନାନ୍ସ ଲିଃ

**ଭୁବନେଶ୍ୱର, ୧୩।୭ (ନି.ପ୍ର) :** ଭାରତର ଅନ୍ୟତମ ଅଗ୍ରଣୀ ନନ୍-ବ୍ୟାଙ୍କିଙ୍ଗ ଫାଇନାନ୍ସିଆଲ କମ୍ପାନୀ (ଏନବିଏଫସି)ଗତ ଜୁନ ୩୦ ତାରିଖରେ ଶେଷ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୯୦୨ କୋଟି ଟଙ୍କାର ଟିକସ ପରବର୍ତୀ ଲାଭ (ପିଏଟି) ହାସଲ କରିଛି। ଯାହା ବାର୍ଷିକ ଆଧାରରେ ୨୯% ବୃଦ୍ଧି ହୋଇଛି। ଏଥିସହିତ କମ୍ପାନୀ ବାର୍ଷିକ ଆଧାରରେ ୨୭% ପର୍ଯ୍ୟନ୍ତ ବୃଦ୍ଧି ସହିତ ୧୨୯,୬୩୪ କୋଟି ଟଙ୍କାର ସର୍ବାଧିକ ମୋଟ ରଣ ପୋର୍ଟ ଫୋଲିଓ (ବୁକ) ହାସଲ କରିଛି। ଏହି ତ୍ରୈମାସିକରେ କମ୍ପାନୀର ରିଟେଲ ବୁକ୍ ସାଇଜ ବାର୍ଷିକ ୨୮% ବୃଦ୍ଧି ହୋଇ ୧୨୭,୫୩୫ କୋଟି ଟଙ୍କା ରହିଛି। କମ୍ପାନୀ ପ୍ରଥମ ତ୍ରୈମାସିକ ପାଇଁ ୨୩୮୫୨ କୋଟି ଟଙ୍କାର ଖୁଚୁରା ବଂଟନ ରେକର୍ଡ କରିଛି ଯାହା ବାର୍ଷିକ ଆଧାରରେ ୩୬% ବୃଦ୍ଧି ହୋଇଛି। ଅନ୍ୟପକ୍ଷରେ କମ୍ପାନୀର ପ୍ଲାନେଟ ଆପ୍ ଗ୍ରାହକଙ୍କ ପାଇଁ ଏକ ଶକ୍ତିଶାଳୀ ଡିଜିଟାଲ ମାଧ୍ୟମରେ ପରିଣତ ହୋଇଛି ଯାହା ଜୁନ୍ ୩୦ ତାରିଖ୨୦୨୬ ସୁଦ୍ଧା ୨.୫ କୋଟି ଡାଉନଲୋଡ ସଂଖ୍ୟା ଅତିକ୍ରମ କରିଛି। ଏଥିରେ ଗ୍ରାମାଂଚଳରୁ ୨୦ ଲକ୍ଷରୁ ଅଧିକ ଗ୍ରାହକ ଅନ୍ତର୍ଭୁକ୍ତ ଅଛନ୍ତି। ଏହି ଆପ୍‌ରେ ଜୁନ୍ ୩୦ ତାରିଖ ୨୦୨୬ ସୁଦ୍ଧା ୧୧୫୦୦ କୋଟି ଟଙ୍କାରୁ ଅଧିକ ଅର୍ଥ ସଂଗ୍ରହ କରାଯାଇଥିବା ବେଳେ ଏହା ୧୪ କୋଟିରୁ ଅଧିକ ଅନୁରୋଧ ପୂରଣ କରିଛି ଏବଂ ୩୪,୪୬୨ କୋଟି ଟଙ୍କାରୁ ଅଧିକ ରଣ ଯୋଗାଇଛି। ଜୁନ୍ ୩୦, ୨୦୨୬ ସୁଦ୍ଧା ପ୍ଲାନେଟ ଆପ୍‌ରେ ୪୪୦୦ରୁ ଅଧିକ ଡିଲର ଅନବୋର୍ଡ ହୋଇଥିବା ବେଳେ ୫୧୦୦୦ରୁ ଅଧିକ ଲଗଇନ କରାଯାଇଛି ଏବଂ ଏହା ୫୯୦ କୋଟି ଟଙ୍କାରୁ ଅଧିକ ଟ୍ରେଡ ଆଡଭାନ୍ସ (ଟିଏ) ୱିଥଡ୍ରୟାଲକୁ ସକ୍ଷମ କରିଛି। ଏହି ଆର୍ଥିକ ଫଳାଫଳ ସମ୍ପର୍କରେ ଏଲଟିଏଫର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ସୁଦୀପ୍ତ ରୟ କହିଛନ୍ତି, 'ଭୂରାଜନୈତିକ ଅସ୍ଥିରତା, ମୁଦ୍ରାସ୍ଫୀତି ଚାପ ଓ ବର୍ଦ୍ଧିତ ରଣ ଖର୍ଚ୍ଚ ଦ୍ୱାରା ପରିଚାଳିତ ଏକ ବିକଶିତ ସାମଗ୍ରିକ ଅର୍ଥନୈତିକ ପରିବେଶ ମଧ୍ୟରେ ଆମେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଶୃଙ୍ଖଳିତ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲୁ। ଏହି ବାହ୍ୟ କାରକଗୁଡିକ ସତ୍ତ୍ୱେ ଆମର ବିବିଧ ରିଟେଲ ଫ୍ରାଂଚାଇଜି, ଆମର ଲକ୍ଷ୍ୟ ୩୧ ରଣନୈତିକ ଯୋଜନା ଲକ୍ଷ୍ୟ ସହ ସମନ୍ୱୟରେ ସ୍ଥିରତା ପ୍ରଦର୍ଶନ କରିବା ଜାରି ରଖିଛି, ମଜବୁତ ବ୍ୟବସାୟିକ ସଫଳତା ପ୍ରଦାନ କରିଛି ଏବଂ ସୁସ୍ଥ ପୁସ୍ତକ ଅଭିବୃଦ୍ଧି ପ୍ରଦାନ କରିଛି। ଟେକ୍ନୋଲୋଜି, ଆନାଲିଟିକ୍ସ ଓ ଏଆଇ କ୍ଷେତ୍ରରେ ଆମର ନିରନ୍ତର ନିବେଶ, ଉଭୟ ଗ୍ରାହକ ଅନୁଭୂତି ଓ ରଣ ଫଳାଫଳ ଦୃଷ୍ଟିରୁ ଏକ ପ୍ରମୁଖ ପାର୍ଥକ୍ୟକାରୀ ହେବା ଜାରି ରଖିଛି। ଆମେ ଆମର ଲକ୍ଷ୍ୟ ୩୧ ଯାତ୍ରାର ପ୍ରଥମ ବର୍ଷରେ ପଦାର୍ପଣ କରିଥିବାରୁ, ସ୍ଥାୟୀ, ଲାଭଦାୟକ ଓ ଉଚ୍ଚମାନର ଅଭିବୃଦ୍ଧି ପ୍ରଦାନ କରିବା ଉପରେ ଆମର ଗୁରୁତ୍ୱ ବଜାୟ ରହିଛି। ଏକ ଭବିଷ୍ୟତ-ପ୍ରସ୍ତୁତ, ଏଆଇ-ଚାଳିତ ଆର୍ଥିକ ଅନୁଷ୍ଠାନ ନିର୍ମାଣ କରୁଥିବାରୁ ଆମେ ଉଦ୍ଭାବନ କ୍ଷେତ୍ରରେ ନିବେଶ ଜାରି ରଖିବୁ, ଆମର ବିତରଣ କ୍ଷମତାକୁ ମଜବୁତ କରିବୁ ଏବଂ ଗ୍ରାହକ ଅନୁଭୂତିକୁ ଉନ୍ନତ କରିବୁ।

# ପ୍ରାଇମ୍ ଡେ'ର ୧୦ମ ସଂସ୍କରଣ ସବୁଠାରୁ ଦ୍ରୁତତମ ପ୍ରାଇମ୍ ଡେ

**ଭୁବନେଶ୍ୱର, ୧୩।୭ (ନି.ପ୍ର) :** ଆମାଜନ ଇଣ୍ଡିଆ ପ୍ରାଇମ୍ ଡେର ୧୦ମ ସଂସ୍କରଣ ଏହାର ସବୁଠାରୁ ଦ୍ରୁତତମ ପ୍ରାଇମ୍ ଡେ ପରିଣତ ହୋଇଛି । ଆମାଜନ ନାଓ ମାଧ୍ୟମରେ ସହରଗୁଡ଼ିକରେ ପ୍ରତି ଦୁଇଟି ଅନଲାଇନ ଖରିଦ ମଧ୍ୟରୁ ଗୋଟିଏ ମାତ୍ର ମିନିଟ୍ ମଧ୍ୟରେ ବିତରଣ କରାଯାଇଥିଲା। ପ୍ରିମିୟମ୍ ଇଲେକ୍ଟ୍ରୋନିକ୍ସ ଏବଂ ବ୍ୟୁଟି ଠାରୁ ଆରମ୍ଭ କରି ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ ପର୍ଯ୍ୟନ୍ତ ବିଭିନ୍ନ ବର୍ଗରେ, ଗ୍ରାହକମାନେ ଅଲ୍ଟ୍ରାଫାଷ୍ଟ ଡେଲିଭରି ଉପଭୋଗ କରିଥିଲେ । ସମାନ ଦିନ ଡେଲିଭରି ୩ ଗୁଣରୁ ଅଧିକ ବୃଦ୍ଧି ପାଇଥିଲା । ଟିୟର ୨ ଏବଂ ୩ ସହରରୁ ୭୦% ରୁ ଅଧିକ ନୂତନ ପ୍ରାଇମ୍ ସାଇନ୍-ଅପ୍ ଆସିଛି। ଅକ୍ଷୟ ସାହି, ଭାଇସ ପ୍ରେସିଡେଣ୍ଟ - ପ୍ରାଇମ୍ ଏବଂ କଷ୍ଟମର ଫୁଲଫିଲମେଣ୍ଟ ଏକ୍ସପେରିଏନ୍ସ, ଇଣ୍ଡିଆ ଆଣ୍ଡ ଏମର୍ଜିଂ କଣ୍ଟ୍ରିଜ, ଆମାଜନ, କହିଛନ୍ତି, 'ପ୍ରାଇମ୍ ଡେ ହେଉଛି ମୂଲ୍ୟ, ଦ୍ରୁତ ବିତରଣ, ବଡ ଅଫର, ନୂତନ ଶୁଭାରମ୍ଭ ଏବଂ ପ୍ରାଇମ୍ ସଦସ୍ୟତା ପ୍ରଦାନ କରୁଥିବା ବ୍ଲକବଷ୍ଟର ମନୋରଞ୍ଜନର ସର୍ବୋତ୍ତମ ଉତ୍ସବ। ଆମେ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟର ସର୍ବାଧିକ ଅଂଶଗ୍ରହଣ ମଧ୍ୟ ଦେଖିଲୁ, ଯାହା ଦର୍ଶାଉଛି ଯେ ପ୍ରାଇମ୍ ଡେ ଆମ ବିକ୍ରେତାମାନଙ୍କ ପାଇଁ ଯେପରି ଏକ ଉତ୍ସବ, ସେହିପରି ଆମର ଗ୍ରାହକମାନଙ୍କ ପାଇଁ ମଧ୍ୟ। ପ୍ରାଇମ୍ ଡେ ଅବସରରେ ଅନେକ ଆକର୍ଷଣୀୟ ଅଫର ମିଳୁଛି, ଆମାଜନ ନାଓରେ କିଣାକିଣି କରୁଥିବା ପ୍ରାଇମ୍ ସଦସ୍ୟମାନେ ୯୯ ଟଙ୍କାରୁ ଅଧିକ ଅର୍ଡରରେ ମାଗଣା ଡେଲିଭରି, ୧୪୯୯ ଟଙ୍କାରୁ ଅଧିକ ଅର୍ଡରରେ ୨୦୦ ଟଙ୍କାର କ୍ୟାସବ୍ୟାକ୍, ସମସ୍ତ ଅର୍ଡରରେ ଶୂନ୍ୟ ଶୁଳ୍କ ଏବଂ ପ୍ରତ୍ୟେକ କ୍ରୟରେ ନିଶ୍ଚିତ କ୍ୟାସବ୍ୟାକ୍ ଉପଭୋଗ କରିଥିଲେ । ଗତ ପ୍ରାଇମ ଡେ ତୁଳନାରେ ସମାନ ଦିନରେ ବିତରଣ ୩ ଗୁଣ ଅଧିକ ବୃଦ୍ଧି ପାଇଛି ।

# ବିଶାଖାପଟ୍ଟଣମରେ ମଣିପାଲ ହସ୍ପିଟାଲ ବିଜୟୱାଡାର ଶିଶୁ ହୃଦରୋଗ ଓ କାର୍ଡିଆକ୍ ସର୍ଜରୀ କ୍ଲିନିକ୍ ଆରମ୍ଭ

**ବିଶାଖାପଟ୍ଟଣମ, ୧୩।୭ (ନି.ପ୍ର):** ଆନ୍ଧ୍ର ପ୍ରଦେଶର ଶିଶୁମାନଙ୍କ ପାଇଁ ଉନ୍ନତ ହୃଦରୋଗ ଚିକିତ୍ସାକୁ ଅଧିକ ସୁଲଭ କରିବା ଉଦ୍ଦେଶ୍ୟରେ ମଣିପାଲ ହସ୍ପିଟାଲ ବିଜୟୱାଡା ପକ୍ଷରୁ ବିଶାଖାପଟ୍ଟଣମରେ ଏକ ସ୍ୱତନ୍ତ୍ର ପିଡିଆଟ୍ରିକ୍ କାର୍ଡିଓଲୋଜି ଏବଂ କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରୀ (CTVS) କ୍ଲିନିକ୍ ଆରମ୍ଭ କରାଯାଇଛି। ଏହି କ୍ଲିନିକ୍ ମାଧ୍ୟମରେ ଉତ୍ତର ଆନ୍ଧ୍ର ଅଞ୍ଚଳର ପରିବାରମାନେ ନିଜ ଅଞ୍ଚଳ ନିକଟରେ ଶିଶୁଙ୍କ ହୃଦରୋଗ ପାଇଁ ବିଶେଷଜ୍ଞ ପରାମର୍ଶ, ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଓ ଉନ୍ନତ ଚିକିତ୍ସା ସୁବିଧା ପାଇପାରିବେ। ମଣିପାଲ ହସ୍ପିଟାଲ ବିଜୟୱାଡାର ପିଡିଆଟ୍ରିକ୍ କାର୍ଡିଓଲୋଜି ଓ CTVS ବିଭାଗରେ ଜନ୍ମଗତ ଏବଂ ପରବର୍ତ୍ତୀ ସମୟରେ ସୃଷ୍ଟି ହୋଇଥିବା ହୃଦରୋଗରେ ପୀଡ଼ିତ ଶିଶୁମାନଙ୍କ ପାଇଁ ସମ୍ପୂର୍ଣ୍ଣ ଚିକିତ୍ସା ସୁବିଧା ଉପଲବ୍ଧ ରହିଛି। ଗର୍ଭସ୍ଥ ଶିଶୁ ଓ ନବଜାତକଙ୍କ ହୃଦ ପରୀକ୍ଷା, ଆଧୁନିକ କ୍ୟାଥେଟର ଭିତ୍ତିକ ଚିକିତ୍ସା, ଶିଶୁ ହୃଦ ସର୍ଜରୀ, ନବଜାତକ ଓ ଶିଶୁ କାର୍ଡିଆକ୍ ଆଇସିୟୁ ସେବା ସହ ଦୀର୍ଘମିଆଦୀ ଫଲୋ-ଅପ୍ ବ୍ୟବସ୍ଥା ଏଠାରେ ଉପଲବ୍ଧ। ହସ୍ପିଟାଲର ବିଶେଷଜ୍ଞ ଟିମ୍ ଏପର୍ଯ୍ୟନ୍ତ ପ୍ରାୟ ୩ ହଜାର ଶିଶୁଙ୍କ ହୃଦ ସର୍ଜରୀ ସଫଳତାର ସହ କରିଛନ୍ତି। ନବଜାତକଠାରୁ ବଡ଼ ଶିଶୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଜନ୍ମଗତ ହୃଦରୋଗର ଚିକିତ୍ସା ଏହି ଦଳ କରିଆସୁଛି। ବିଭାଗରେ ASD, VSD ଏବଂ କିଛି Tetralogy of Fallot (TOF) ରୋଗୀଙ୍କ ପାଇଁ ମିନିମାଲି ଇନଭେସିଭ୍ ଟ୍ରାନ୍ସ-ଆକ୍ସିଲାର କାର୍ଡିଆକ୍ ସର୍ଜରୀ ସୁବିଧା ମଧ୍ୟ ରହିଛି। ଏହି ପଦ୍ଧତିରେ ଛାତିରେ ବଡ଼ ଦାଗ ରହେନାହିଁ ଏବଂ ଶିଶୁମାନେ ଶୀଘ୍ର ସୁସ୍ଥ ହୋଇପାରନ୍ତି। ଏହାସହ ଗୁରୁତର ହୃଦ ବିଫଳତାରେ ପୀଡ଼ିତ ଚୟନିତ ଶିଶୁ ଓ ଯୁବକଙ୍କ ପାଇଁ ହୃଦ ପ୍ରତିରୋପଣ (ହାର୍ଟ ଟ୍ରାନ୍ସପ୍ଲାଣ୍ଟ) ଏବଂ ୨୦ କିଲୋଗ୍ରାମରୁ ଅଧିକ ଓଜନର ଚୟନିତ ଶିଶୁଙ୍କ ପାଇଁ ରୋବୋଟିକ୍ କାର୍ଡିଆକ୍ ସର୍ଜରୀ ସୁବିଧା ମଧ୍ୟ ଉପଲବ୍ଧ ରହିଛି। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଉଛନ୍ତି ଡାକ୍ତର କେ. ବିକ୍ରମ, ସିନିୟର କନସଲଟାଣ୍ଟ – ଇଣ୍ଟରଭେନସନାଲ୍ ପିଡିଆଟ୍ରିକ୍ କାର୍ଡିଓଲୋଜି ଏବଂ ଡାକ୍ତର ଦିଲୀପ ରାଚ଼ି, କନସଲଟାଣ୍ଟ – ଉଞ୍ଚ୦ଞ୍ଚ। ସେମାନଙ୍କ ସହ ଶିଶୁ ହୃଦ ସର୍ଜନ, କାର୍ଡିଆକ୍ ଆନେସ୍ଥେଟିଷ୍ଟ, ଇଣ୍ଟେନ୍ସିଭିଷ୍ଟ ଓ ପ୍ରଶିକ୍ଷିତ ନର୍ସଂ ବିଶେଷଜ୍ଞଙ୍କ ଏକ ଅଭିଜ୍ଞ ଟିମ୍ ରହିଛି। ଏହି ଅବସରରେ ଡାକ୍ତର ଦିଲୀପ ରାଚ଼ି କହିଥିଲେ, ଜନ୍ମଗତ ହୃଦରୋଗରେ ପୀଡ଼ିତ ଶିଶୁଙ୍କ କ୍ଷେତ୍ରରେ ସମୟୋପଯୋଗୀ ରୋଗ ନିର୍ଣ୍ଣୟ ଓ ଚିକିତ୍ସା ଦ୍ୱାରା ଉତ୍ତମ ଫଳ ମିଳିଥାଏ। ଏହି କ୍ଲିନିକ୍ ଯୋଗୁଁ ପରିବାରମାନେ ସ୍ଥାନୀୟ ସ୍ତରରେ ବିଶେଷଜ୍ଞଙ୍କ ପରାମର୍ଶ ପାଇପାରିବେ ଏବଂ ବିଳମ୍ବ ନକରି ଉନ୍ନତ ଚିକିତ୍ସା ସୁବିଧା ଗ୍ରହଣ କରିପାରିବେ। ଡାକ୍ତର କେ. ବିକ୍ରମ କହିଥିଲେ, ପ୍ରତ୍ୟେକ ଶିଶୁ ସମୟମତେ ଉନ୍ନତ ହୃଦରୋଗ ଚିକିତ୍ସା ପାଇବାର ଅଧିକାରୀ। ଅତ୍ୟାଧୁନିକ ପ୍ରଯୁକ୍ତି ଓ ବୈଜ୍ଞାନିକ ପ୍ରମାଣ ଆଧାରିତ ଚିକିତ୍ସା ମାଧ୍ୟମରେ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଅଞ୍ଚଳର ଶିଶୁମାନଙ୍କୁ ବିଶ୍ୱସ୍ତରୀୟ ହୃଦରୋଗ ସେବା ପହଞ୍ଚାଇବା ହିଁ ସେମାନଙ୍କର ଲକ୍ଷ୍ୟ ବୋଲି ସେ କହିଥିଲେ। ଉଦଘାଟନୀ ଉତ୍ସବରେ ହସ୍ପିଟାଲରେ ସଫଳ ଚିକିତ୍ସା ପାଇ ସୁସ୍ଥ ହୋଇଥିବା ଦୁଇଜଣ ଶିଶୁ ରୋଗୀ ଓ ସେମାନଙ୍କ ପରିବାର ନିଜ ଅନୁଭୂତି ବାଣ୍ଟିଥିଲେ। ସେମାନଙ୍କ କାହାଣୀ ଶିଶୁଙ୍କ ହୃଦରୋଗରେ ପ୍ରାରମ୍ଭିକ ଚିହ୍ନଟ, ସମୟୋପଯୋଗୀ ଚିକିତ୍ସା ଓ ବହୁବିଭାଗୀୟ ବିଶେଷଜ୍ଞ ସେବାର ଗୁରୁତ୍ୱକୁ ଉଜାଗର କରିଥିଲା। ମଣିପାଲ ହସ୍ପିଟାଲ୍ସର ଭୁବନେଶ୍ୱର ଓ ବିଜୟୱାଡା କ୍ଲଷ୍ଟର ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ, ଅଭିଜ୍ଞ ବିଶେଷଜ୍ଞ, ଅତ୍ୟାଧୁନିକ ପ୍ରଯୁକ୍ତି ଏବଂ ଆନ୍ତର୍ଜାତିକ ସହଯୋଗକୁ ନେଇ ଶିଶୁ ହୃଦରୋଗ ଚିକିତ୍ସାର ଏକ ଶକ୍ତିଶାଳୀ ଆଞ୍ଚଳିକ ନେଟୱର୍କ ଗଢ଼ି ତୋଳିବା ହିଁ ସଂସ୍ଥାର ଲକ୍ଷ୍ୟ। ଏହି ପଦକ୍ଷେପ ମାଧ୍ୟମରେ ଉତ୍ତର ଆନ୍ଧ୍ର ଏବଂ ପଡ଼ୋଶୀ ଅଞ୍ଚଳର ପରିବାରମାନେ ନିଜ ଘର ନିକଟରେ ବିଶ୍ୱସ୍ତରୀୟ ହୃଦରୋଗ ଚିକିତ୍ସା ସୁବିଧା ପାଇପାରିବେ। ଅତ୍ୟାଧୁନିକ ଭିତ୍ତିଭୂମି, ଆନ୍ତର୍ଜାତିକ ମାନର ଚିକିତ୍ସା ପ୍ରୋଟୋକଲ ଓ ଅଭିଜ୍ଞ ବହୁବିଭାଗୀୟ ଡାକ୍ତରୀ ଦଳ ସହ ମଣିପାଲ ହସ୍ପିଟାଲ ବିଜୟୱାଡା ଦକ୍ଷିଣ ଭାରତର ଶିଶୁ ହୃଦରୋଗ ଚିକିତ୍ସା କ୍ଷେତ୍ରରେ ଏକ ଅଗ୍ରଣୀ କେନ୍ଦ୍ର ଭାବେ ନିଜ ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ବିଶାଖାପଟ୍ଟଣମରେ ଏହି ନୂଆ କ୍ଲିନିକ୍ ଆରମ୍ଭ ହେବା ସହ ଅଧିକ ସଂଖ୍ୟକ ଶିଶୁ ସମୟମତେ ରୋଗ ନିର୍ଣ୍ଣୟ, ଉନ୍ନତ ଚିକିତ୍ସା ଏବଂ ମାନବିକ ସ୍ୱାସ୍ଥ୍ୟସେବା ପାଇବେ ବୋଲି ହସ୍ପିଟାଲ ପକ୍ଷରୁ ଆଶା ପ୍ରକାଶ କରାଯାଇଛି।




# ଜ୍ଞାନପ୍ରଭା ମିଶନ ଆନୁକୂଲ୍ୟରେ ସୃଜନୀକା କାର୍ଯ୍ୟକ୍ରମ ଅନୁଷ୍ଠିତ

**ଭୁବନେଶ୍ୱର, ୧୩।୭ (ନି.ପ୍ର):** ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ନୂତନ ପ୍ରେକ୍ଷାଳୟଠାରେ ଜ୍ଞାନପ୍ରଭା ମିଶନ ଆନୁକୂଲ୍ୟରେ ସୃଜନୀକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ଶ୍ରୀ ଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କ ଦିବ୍ୟ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଜ୍ୟୋତ୍ସ୍ନା କେବି ରାଉତ ଉକ୍ତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ । ଦିବ୍ୟାଙ୍ଗମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟରତ ସଂସ୍ଥା ସ୍ୱାଭିମାନର ପ୍ରତିଷ୍ଠାତା ଡଃ ଶ୍ରୁତି ମହାପାତ୍ର , ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ ମିତାଲି ଚିନ୍ନାରା, ଏକାମ୍ର ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ ମାନସ ରଞ୍ଜନ ନନ୍ଦ ଏବଂ କିଟ୍ ଅନ୍ତର୍ଜାତିକ ବିଦ୍ୟାଳୟର ପ୍ରିନ୍ସିପାଲ ଡଃ ସଞ୍ଜୟ ସୁଆର ପୂର୍ବାହ୍ନରେ ଶିକ୍ଷା ବ୍ୟବସ୍ଥା ଉପରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଭାଗନେଇଥିଲେ । ଶ୍ରୀଗୁରୁଜୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଆଶୀର୍ବଚନ ପ୍ରଦାନ କରି କହିଲେ ଶିକ୍ଷକମାନେ ଚାହିଁଲେ ସମାଜରେ ସାମାଜିକ ତଥା ଆଧାତ୍ମିକ ବିପ୍ଳବ ସୃଷ୍ଟି କରିପାରିବେ । ଅପରାହ୍ନରେ ଶ୍ରୀଗୁରୁଜୀଙ୍କ ଦିବ୍ୟ ଉପସ୍ଥିତିରେ ଅନୁଷ୍ଠିତ ଏକ ବୈଠକରେ ଅତିଥି ରୂପେ ବୟନ ଓ ହସ୍ତତନ୍ତ ବିଭାଗର ସଚିବ ଶ୍ରୀମତୀ ଗୁହା ପୁନମ୍ ତାପସ କୁମାର, ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ସୋନାମିକା ରାୟ ଏବଂ ମଦରସ୍ ପବ୍ଲିକ୍ ସ୍କୁଲର ପ୍ରତିଷ୍ଠାତା ଶ୍ରୀମତୀ ପଲ୍ଲୀ ପଟ୍ଟନାୟକ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ବିଦ୍ୟାଳୟ ତଥା ମହାବିଦ୍ୟାଳୟର ପ୍ରାୟ ଛଅ ଶହ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜ୍ଞାନପ୍ରଭା ମିଶନ ଓ ପ୍ରଜ୍ଞାନ ମିଶନର ସେବା ଦଳ ସହଯୋଗ କରିଥିଲେ।





## ଅନୁଗୋଳ ସିଭିଲ କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକ



**ଅନୁଗୋଳ, ୧୩।୭ (ନି.ପ୍ର):** ଗତ ରବିବାର ବିଳମ୍ବିତ ରାତିରେ ଅନୁଗୋଳ ଜିଲ୍ଲା ଓ ଦୌରା ଜଜ୍ ଙ୍କ ମେଲ୍ କୁ ଏକ ଅଜଣା ଆଇଡି ରୁ ଏକ ଧମକ ପୂର୍ଣ୍ଣ ଚିଠି ଆସିଥିଲା। ସକାଳେ ଏହା ଜଣା ପଡ଼ିବା ପରେ ଏସପି ଙ୍କୁ ଖବର ଦିଆଯାଇଥିଲା। ଏସପି ଙ୍କ ନିର୍ଦ୍ଦେଶରେ ସନ୍ଧାନୀ କୁକୁର ସହ ବୋମା ନିଷ୍କ୍ରିୟକାରୀ ସ୍କ୍ୱାର୍ଡ କୋର୍ଟ ର ସବୁ ଅଞ୍ଚଳ କୁ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଆଜି କାର୍ଯ୍ୟ ଦିବସ ଥିବାରୁ ବହୁ ସଂଖ୍ୟାରେ ଓକିଲ ମହକିଲ ପରିସରର ଭିତରେ ଥିଲେ। କୋଠା ରୁ ସମସ୍ତଙ୍କୁ ବାହାର କରି ଯାଞ୍ଚ ଆରମ୍ଭ ହୋଇଥିଲା। ଶେଷରେ ଏହା ଏକ ମିଛ ମେଲ୍ ବୋଲି ପ୍ରମାଣିତ ହୋଇଥିଲା। ପୋଲିସ ପକ୍ଷରୁ ଏଥିନେଇ ଅଧିକ ଖୋଳ ତାଡ଼ ଜାରି କହିଛି।

## ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର କଟକର ଜ୍ଞାନ, ଗବେଷଣା ଓ ସଂସ୍କୃତିର ନୂତନ କେନ୍ଦ୍ର ହେବ : ମେୟର

**କଟକ, ୧୩।୭ (ନି.ପ୍ର) :** ଐତିହ୍ୟର ସହର କଟକରେ ଶିକ୍ଷା, ସାହିତ୍ୟ ଓ ଜ୍ଞାନର ଏକ ନୂତନ ଅଧ୍ୟାୟର ସୂଚନା ଦେବାକୁ ଯାଉଛି ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର। ଆସନ୍ତା ୧୪ ଜୁଲାଇ ୨୦୨୬ ତାରିଖରେ ବାଦାମବାଡ଼ିସ୍ଥିତ ଏହି ଅତ୍ୟାଧୁନିକ ପାଠାଗାରର ଶୁଭ ଉଦ୍ଘାଟନ ହେବ। ଏହି ଅବସରରେ ଆଜି କଟକ ମହାନଗର ନିଗମର ମାନ୍ୟବର ମେୟର ଶ୍ରୀ ସୁବାସ ଚନ୍ଦ୍ର ସିଂହ ପ୍ରେସ୍ ବ୍ରିଫିଂରେ କହିଥିଲେ ଯେ, ଏହି ପାଠାଗାର କେବଳ ପୁସ୍ତକ ପଢ଼ିବାର ସ୍ଥାନ ନୁହେଁ, ବରଂ ଜ୍ଞାନ, ଗବେଷଣା, ନବସୃଜନ ଓ ସାମାଜିକ ବିକାଶର ଏକ ଆଧୁନିକ କେନ୍ଦ୍ର ଭାବେ ଗଢ଼ିଉଠିବ।

ମେୟର ଶ୍ରୀ ସିଂହ ସୂଚନା ଦେଇଥିଲେ ଯେ ପ୍ରାୟ ୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ଓଡ଼ିଶାର ସର୍ବବୃହତ ଓ ଅତ୍ୟାଧୁନିକ ସାର୍ବଜନୀନ ପାଠାଗାର ମଧ୍ୟରୁ ଅନ୍ୟତମ। ପ୍ରାୟ ୩ ଏକରରୁ ଅଧିକ ପରିସରରେ ନିର୍ମିତ ଏହି ଚାରି ମହଲା ବିଶିଷ୍ଟ ଭବନରେ ଏକ ସମୟରେ ୧୭୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ପାଇଁ ପାଠନ ସୁବିଧା ରହିଛି। ଏହା ସହିତ ୨୦୦ରୁ ଅଧିକ ଆସନ ବିଶିଷ୍ଟ ସମ୍ପୂର୍ଣ୍ଣ ବାତାନୁକୂଳିତ ଅଡିଟୋରିୟମ ମଧ୍ୟ ରହିଛି, ଯେଉଁଠାରେ ସାହିତ୍ୟ, ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପାଠାଗାରରେ ସମ୍ପୂର୍ଣ୍ଣ ବାତାନୁକୂଳିତ ପଠନ କକ୍ଷ, ଆକର୍ଷଣୀୟ ଆଧୁନିକ ସ୍ଥାପତ୍ୟ, ଲିଫ୍ଟ, ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଓ ଉଚ୍ଚମାନର ପଠନ ପରିବେଶ ରହିଛି।



ହଜାର ହଜାର ଓଡ଼ିଆ, ଇଂରାଜୀ ଓ ଅନ୍ୟାନ୍ୟ ଭାଷାର ପୁସ୍ତକ ସହିତ ଡିଜିଟାଲ ଲାଇବ୍ରେରୀ, ଇ-ବୁକ୍, ଇ-ଜର୍ଣ୍ଣାଲ୍, ଅନଲାଇନ କ୍ୟାଟାଲଗ୍, କମ୍ପ୍ୟୁଟର ଆଧାରିତ ସର୍ଚ୍ଚ ବ୍ୟବସ୍ଥା, ବାରକୋଡ ପ୍ରଣାଳୀ ଏବଂ ଉଚ୍ଚଗତିର ୱାଇ-ଫାଇ ସଂଯୋଗ ଉପଲବ୍ଧ ରହିବ। ଶିଶୁମାନଙ୍କ ପାଇଁ ପୃଥକ କିଡ୍ସ ଲାଇବ୍ରେରୀ ଏହି ପାଠାଗାରର ଏକ ବିଶେଷ ଆକର୍ଷଣ। ରଙ୍ଗିନ ଓ ସୃଜନଶୀଳ ପରିବେଶ, ସୋଲାର ସିଷ୍ଟମ ଏବଂ ଗ୍ରହ-ନକ୍ଷତ୍ର ଆଧାରିତ ସିଲିଂ ଥିମ୍, ଚିତ୍ର କାହାଣୀ ପୁସ୍ତକ, ଶିକ୍ଷାମୂଳକ ଖେଳନା ଓ ଇଣ୍ଟରଆକ୍ଟିଭ ଲର୍ଣ୍ଣିଂ ସ୍ପେସ୍ ଶିଶୁମାନଙ୍କ ମଧ୍ୟରେ ପାଠନ ଅଭ୍ୟାସ ବିକାଶରେ ସହାୟକ ହେବ। ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀଙ୍କ ପାଇଁ UPSC, OPSC, OSSC, Banking, Railway, SSC ସମ୍ବନ୍ଧୀୟ ସ୍ୱତନ୍ତ୍ର ପୁସ୍ତକ ବିଭାଗ, ଦୀର୍ଘ ସମୟ ପାଠନ ପାଇଁ ଶାନ୍ତ ପରିବେଶ ଏବଂ ଗବେଷକମାନଙ୍କ ପାଇଁ ରେଫରେନ୍ସ ସେକ୍ସନ, ଦୁର୍ଲଭ ପୁସ୍ତକ ସଂଗ୍ରହ ଓ ଡିଜିଟାଲ ତଥ୍ୟଭଣ୍ଡାର ଉପଲବ୍ଧ ରହିବ। ମେୟର କହିଥିଲେ ଯେ, ଏହି ପାଠାଗାର କେବଳ ପୁସ୍ତକ ସଂରକ୍ଷଣ କେନ୍ଦ୍ର ନୁହେଁ; ଏଠାରେ ପୁସ୍ତକ ଉନ୍ମୋଚନ, ସାହିତ୍ୟ ଆଲୋଚନା, ଲେଖକଙ୍କ ସହ ସାକ୍ଷାତ, ଶିଶୁ କର୍ମଶାଳା, ଗବେଷଣା ସେମିନାର ଓ ବିଭିନ୍ନ ପଠନ ଅଭିଯାନ ନିୟମିତ ଭାବେ ଆୟୋଜିତ ହେବ। ଶକ୍ତି ସଞ୍ଚୟକାରୀ ଖରଉ ଆଲୋକ, ଆଧୁନିକ ଅଗ୍ନି ନିରାପତ୍ତା ବ୍ୟବସ୍ଥା, ଉଚ୍ଚମାନର ନଜରଦାରୀ ଓ ସ୍ୱଚ୍ଛ ପରିବେଶ ଏହି ପାଠାଗାରକୁ ଏକ ଆଧୁନିକ ଜ୍ଞାନ କେନ୍ଦ୍ରରେ ପରିଣତ କରିବ। କଟକ ସଦାବେଳେ ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ସହର ଭାବେ ପରିଚିତ। ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ସେହି ଐତିହ୍ୟକୁ ଆହୁରି ସମୃଦ୍ଧ କରିବ ଏବଂ କଟକକୁ ଜ୍ଞାନର ରାଜଧାନୀ ଭାବେ ସୁଦୃଢ଼ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ସେ ଯୁବପିଢ଼ିଙ୍କୁ ମୋବାଇଲ୍ ନିର୍ଭରତା କମାଇ ପୁସ୍ତକ ପଢ଼ିବାର ଅଭ୍ୟାସ ଗଢ଼ି ଉଠିବାକୁ ଆହ୍ୱାନ କରିବା ସହ ସମସ୍ତ ନାଗରିକ, ଛାତ୍ରଛାତ୍ରୀ, ଶିକ୍ଷକ, ଗବେଷକ ଓ ସାହିତ୍ୟପ୍ରେମୀଙ୍କୁ ଏହି ପାଠାଗାରର ସର୍ବାଧିକ ବ୍ୟବହାର କରି ଜ୍ଞାନଭିତ୍ତିକ ସମାଜ ଗଠନରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ମାନ୍ୟବର ମେୟର ଶ୍ରୀ ସିଂହ ଙ୍କ ସହ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧକ୍ଷ୍ୟା ମୋନଲିଶ ଦାସ, ଷ୍ଟାଣ୍ଡିଂ କମିଟି ଅଧକ୍ଷ୍ୟ ପ୍ରଦୀପ୍ତ ଖୁଣ୍ଟିଆ, କର୍ପୋରେଟର ସନ୍ତୋଷ ଭୋଳ, କର୍ପୋରେଟର ଗୋପାଳ ବେହେରା, କର୍ପୋରେଟର ବିକାଶ ବେହେରା, କର୍ପୋରେଟର ପ୍ରଦୀପ୍ତ ସାହୁ, କର୍ପୋରେଟର ଚନ୍ଦନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କୋଇଡା ପୂର୍ବତନ ବନାଞ୍ଚଳ ଅଧିକାରୀଙ୍କ ବିରୁଦ୍ଧରେ ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ତଦନ୍ତ ଆରମ୍ଭ

**କୋଇଡା, ୧୩/୦୭(ନି.ପ୍ର):** କୋଇଡା ବନବିଭାଗ ର ପୂର୍ବତନ କୋଇଡା ବନାଞ୍ଚଳ ଅଧିକାରୀ ପ୍ରସନ୍ନ ପ୍ରଧାନ ଙ୍କ ବିରୋଧ ରେ ଆସିଛି ସଂଗୀନ ଅଭିଯୋଗ। ଗତ ଜୁନ ମାସ ୩୦ ତାରିଖ ଦିନ ସରକାରୀ ଚାକିରୀ ରୁ ଅବସର ଗ୍ରହଣ ଥିବା ଏହି ଅଧିକାରୀ ନିଜ ର କାର୍ଯ୍ୟକାଳ ସମୟରେ କୋଟି କୋଟି ଟଙ୍କା ର ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗ ର ତଦନ୍ତ କରିବା ପାଇଁ ରାଉରକେଲା ଭିଜିଲାନ୍ସ ବିଭାଗ ର ଦୁଇ ଜଣିଆ ତଦନ୍ତକାରୀ ଟିମ ସଦସ୍ୟ କୋଇଡା ବନାଞ୍ଚଳ ଅଧିକାରୀ ଙ୍କ କାର୍ଯ୍ୟାଳୟ ରେ ପହଂଚି ତଦନ୍ତ ଜାରୀ ରଖିଛନ୍ତି। ସୂଚନା ଅନୁଯାଇ ଭିଜିଲାନ୍ସ ଟିମ ର ସଦସ୍ୟ ମାନେ କୋଇଡା ବନବିଭାଗ ର ଅଧିକାରୀଙ୍କ ସହିତ ଆଲୋଚନା କରିବା ସହିତ ତିନିଟି ଫାଇଲ ସାଙ୍ଗରେ ନେଇ ଯାଇଥିବା ସୂଚନା ମିଳିଛି। କୋଇଡା ରେ ବାରମ୍ଵାର ମାଙ୍ଗାନିଜ ଏବଂ ଲୌହ ଖଣିଜ ପଥର ଚୋରୀ ରେ ରେଞ୍ଜର ପ୍ରସନ୍ନ ପ୍ରଧାନ ଙ୍କ ସମ୍ପୃକ୍ତି ଏବଂ ବିଭାଗୀୟ କାର୍ଯ୍ୟ ରେ ଖର୍ଚ୍ଚ ହେଉଥିବା ସରକାରୀ ଅର୍ଥ ହେରଫେର ମଧ୍ୟ ସେ ସାମିଲ ଥିବା ନେଇ ଅଭିଯୋଗ ହୋଇ ଆସୁଥିଲା।



### ‘ଶିକ୍ଷା ଆମର ଅଧିକାର, ବିକାଶ ଆମର ହକ୍’

## କୋଇଡ଼ା ବ୍ଲକ ସମ୍ମୁଖରେ DYFI ପକ୍ଷରୁ ଗଣଧାରଣା

**କୋଇଡ଼ା, ୧୩।୭ (ନି.ପ୍ର):** କୋଇଡ଼ା ଅଞ୍ଚଳର ଶିକ୍ଷା ଓ ମୌଳିକ ସମସ୍ୟାର ସମାଧାନ ପାଇଁ ଡିୱାଇଏଫଆଇ (DYFI) କୋଇଡ଼ା ବ୍ଲକ କମିଟି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ଗଣଧାରଣା ଅନୁଷ୍ଠିତ ହୋଇଥିଲା ।, ଉକ୍ତ ଗଣଧାରଣା ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସି.ପି.ଆଇ.ଏମ ରାଜ୍ୟ ସଭ୍ୟ ପ୍ରଭାତ ପଣ୍ଡା, ଅଶୋକ ସାମଲ,ବାଦଲ ବାରିକ, ଜୋହାନ ଡୁଙ୍ଗଡୁଙ୍ଗ, କୃଷ୍ଣ ବାରିକ, ସନ୍ତୋଷ ସାହୁ, ଶତାଧିକ ଯୁବକ ଓ ସ୍ଥାନୀୟ ଜନସାଧାରଣ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଡିୱାଇଏଫଆଇ (DYFI)ଙ୍କ ମୁଖ୍ୟ ଦାବି ମଧ୍ୟରେ ଶିକ୍ଷା ପାଇଁ କୋଇଡ଼ା ମହା ବିଦ୍ୟାଳୟ ରେ +୨ ଓ +୩ ସ୍ତରରେ ବିଜ୍ଞାନ ବିଭାଗ ପ୍ରତିଷ୍ଠା କରିବା ଏବଂ ମାଲଦା ପଞ୍ଚାୟତର ଥିବା ଗୋପୀସାହି ଠାରେ ଥିବା ନାଳରେ ତୁରନ୍ତ ଏକ ପୋଲ ନିର୍ମାଣ କରିବା ଓ କୋଇଡ଼ା ଖଣି ସମୃଦ୍ଧ ଅଞ୍ଚଳ ରୁ କୋଟି କୋଟି ଟଙ୍କାର ରାଜସ୍ୱ ଦେଉଥିଲେ ମଧ୍ୟ ଏଠାରେ ଶିକ୍ଷା ଓ ଯାତାୟାତ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ଥାନୀୟ ପିଲାମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିବା ବେଳେ ବର୍ଷା ଦିନେ ନାଳରେ ପୋଲ ନଥିବାରୁ ଗୋପୀସାହି ବାସିନ୍ଦା ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି। ଏହି ସମସ୍ୟା ନେଇ ପୂର୍ବରୁ ଜିଲ୍ଲାପାଳଙ୍କୁ ଜଣାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଯଦି ପ୍ରଶାସନ ତୁରନ୍ତ ଏହି ଦାବି ପ୍ରତି ଦୃଷ୍ଟି ନଦିଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଯୁବ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।




## ଅସହାୟ ପରିବାର ଓ ୪ ଶିଶୁଙ୍କୁ ସହାୟତା ପ୍ରଦାନ କଲେ ବସନ୍ତ ବିଶ୍ୱାଳ

**ପାରାଦୀପ, ୧୩।୭ (ନି.ପ୍ର):** ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ର ସୁନୀଲ ପୂର୍ତ୍ତି ୧୫ ବର୍ଷ ବୟସରୁ ପାରାଦୀପ କୁ କର୍ମ ଅନ୍ୱେଷଣ ଆସି ଏଠାରେ ପ୍ରଥମେ ଶ୍ରମିକ ଏବଂ ପରେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ନିଜ ପତ୍ନୀ ଓ ଦୁଇ ଛୋଟ ପୁଅ ଓ ଝିଅ ଙ୍କୁ ଧରି ରାସ୍ତା କଡରେ ଏକ ଚାଳ ଘର କରି ସପରିବାରେ ରହୁଥିଲେ ସୁନୀଲ। ତେବେ କାଳକ୍ରମେ ସୁନୀଲ ଦଣ୍ଡିସ ରୋଗରେ ଆକ୍ରାନ୍ତ ହେବା ଏବଂ ସ୍ତ୍ରୀ ଘର ଛାଡି ପଳାଇବା ପରେ ଚାରି ଛୁଆଙ୍କ ଉପରେ ସେ ପଡ଼ିଥିଲେ ନିର୍ଭରଶୀଳ ହୋଇପଡ଼ିଥିଲେ। ପ୍ରତିଦିନ ରାସ୍ତା କଡରେ ଯାଉଥିବା ଆଇରନ ଟ୍ରକକୁ ହାତ ପତେଇ ଚାରି ଛୁଆ ଭିକ ମାଗି ଆଣୁଥିଲେ ଏବଂ ସୁନୀଲ ଙ୍କୁ କଷ୍ଟରେ ପୋଷୁଥିଲେ। ତେବେ ଖବର ପାଇ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ତତ୍ତ୍ୱାବଧାନରେ ପୌର ପ୍ରଶାସନ ସେମାନଙ୍କୁ ଉଦ୍ଧାର କରିବା ସହ ସ୍ଥାନୀୟ ଅଠରବାଙ୍କୀ ମେଡିକାଲରେ ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରିଥିଲେ। ଏହାପରେ ସମାଜସେବୀ ତଥା ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଙ୍କ ସହଯୋଗରେ ୪ ଶିଶୁ ଙ୍କୁ କେନ୍ଦ୍ରାପଡା ଲୁଥରାନ ସେବା ପ୍ରତିଷ୍ଠାନରେ ସେବା ପ୍ରଦାନ କରାଯିବା ସହ, ପରିବାରର ଆଧାର କାର୍ଡ କରାଯାଇ ସରକାରଙ୍କ ଯୋଜନା ରେ ଅନ୍ତର୍ଭୁକ୍ତ କରାଯିବ। ଏପରିକି ପିଲାମାନଙ୍କୁ ସେଠାରେ ପାଠ ପଢ଼ିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ପୌରାଧକ୍ଷ ବସନ୍ତ ବିଶ୍ୱାଳ। ତେବେ ପୌରାଧକ୍ଷ ଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।



## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

**ଅନୁଗୋଳ, ୧୩।୭ (ନି.ପ୍ର) :** ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୭୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୭୦ଟି ବ୍ୟକ୍ତିଗତ ଓ ୬ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୫ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୭ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୫ ହଜାର ଟଙ୍କା ଓ ୬ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୩୨ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

## ଜିଲ୍ଲା ସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ

**ଅନୁଗୋଳ, ୧୩।୭ (ନି.ପ୍ର) :** ଆଜି ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, କିଶୋରନଗର ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ଯୋଗ ଦେଇଥିଲେ । ଜନଶୁଣାଣି ଶିବିରରେ ସମୁଦାୟ ୭୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୫୯ଟି ବ୍ୟକ୍ତିଗତ ଓ ୧୬ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗ ଶୁଣାଣି ହୋଇଥିବାବେଳେ ୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୨ ହଜାର ୫୦୦ ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଇଏଏସ୍ ପ୍ରୋବେସନର ଅଭି ଜୈନ୍, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦେବଦତ୍ତ ମହନ୍ତ, ଆଠମଲ୍ଲିକ ଉପଜିଲ୍ଲାପାଳ ଶ୍ରୀ ଉପେନ୍ଦ୍ର ଲୋହା, କିଶୋରନଗର ତହସିଲଦାର ଶ୍ରୀ ରଞ୍ଜନ କୁମାର ସାହୁ, କିଶୋରନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭକାନ୍ତ ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଦିଲ୍ଲିପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀ ଶ୍ରୀନିବାସ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିନୋଦ କୁମାର ଦଲାଇ, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟ ନାରାୟଣ ସାହୁଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।



## ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଶିବିର



**ଜଗତସିଂହପୁର, ୧୩।୭ (ନି.ପ୍ର):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ତିର୍ତ୍ତୋଲ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୨୦୩ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୯୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୪୧ ଟି, ଆବାସ ଯୋଜନା ସମ୍ପର୍କୀୟ ୬୯ ଟି,ଜମିଜମା ସମସ୍ୟା ସମ୍ପର୍କୀୟ ୧୭ ଟି, ଭତ୍ତା ପାଇବା ପାଇଁ ୧୧ ଟି,ପୋଲିସ ସହାୟତା ପାଇଁ ୪ ଟି ଏବଂ ଅନ୍ୟାନ୍ୟ ୪୧ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୯ ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ,ମୁଖ୍ୟ ବିକାଶ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ, ତିର୍ତ୍ତୋଲ ଶ୍ରୀ ଗିରିଜା ଶଙ୍କର ମଲ୍ଲିକ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ୍ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବରିଷ୍ଠ ନାଗରିକ ମାନଙ୍କ ପାଇଁ ‘ଆଧାତ୍ମିକତାରେ ସୁଖୀ ବୃଦ୍ଧାବସ୍ଥା’ ଉପରେ କର୍ମଶାଳା

**ଜଟଣୀ, ୧୩।୭ (ନି.ପ୍ର) :** ଜଟଣୀ ସହରର ବଡ଼ ବଜାର ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଟଣୀ ସହରର ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ‘ଆଧାତ୍ମିକତାରେ ସୁଖୀ ବୃଦ୍ଧାବସ୍ଥା‘ ଉପରେ କର୍ମଶାଳାର ଆୟୋଜନ କରିଥିଲେ । ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ମୁଖ୍ୟ ଉଦେଶ୍ୟ ଥିଲା, ଆଧାତ୍ମିକତା ଜ୍ଞାନ ଆଲୋଚନା ଚକ୍ରର ମୂଳ ଲକ୍ଷ୍ୟ ବୃଦ୍ଧାବସ୍ଥାରେ କିପରି ସୁଖ ଶାନ୍ତି ଓ ଆନନ୍ଦ ରେ ଜୀବନ ଅତିବାହିତ କରିପାରିବେ, ସେହି ଉଦେଶ୍ୟରେ ମାର୍ଗଦର୍ଶନ କର୍ମଶାଳାର ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ଏବଂ ଜଟଣୀ ସହର ନିକଟବର୍ତ୍ତୀ ଅଞ୍ଚଳରୁ ପ୍ରାୟ ଦୁଇଶହରୁ ଉର୍ଦ୍ଧ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ । ସର୍ବ ପ୍ରଥମେ ଜଟଣୀ ଅଂଚଳରୁ ଯୋଗ ଦେଇଥିବା ମହିଳା ପୁରୁଷ ବରିଷ୍ଠ ନାଗରିକ ମାନଙ୍କୁ ଫୁଲ ଓ ତିଳକ ଲଗେଇବା ସହ ଉପଢ଼କନ ଦ୍ୱାରା ସ୍ୱାଗତ କରାଯାଇଥିଲା । ଜଟଣୀ ସେବା କେନ୍ଦ୍ରର ସଞ୍ଚାଳିକା ତଥା ବ୍ରହ୍ମା କୁମାରୀ ଜ୍ୟୋତି ଭଉଣୀ ଙ୍କ ତତ୍ତ୍ୱାବଧାନରେ ଅତିଥି ପରିଚୟ ପ୍ରଦାନ ଏବଂ ଶିବ ବାବାଙ୍କର ବାର୍ତ୍ତା ସହ ମୁଁ ଏବଂ ମୋ ମଧ୍ୟରେ କଣ ପାର୍ଥକ୍ୟ ଉଦାହରଣ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଉପସ୍ଥିତ ବରିଷ୍ଠ ଅତିଥିଙ୍କ ଦ୍ୱାରା ପ୍ରଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବିଶେଷ କରି, ଭୁବନେଶ୍ୱର ୟୁନିଟ-୮ ସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ରାଜଯୋଗିନୀ ବ୍ରହ୍ମା କୁମାରୀ ଦୁର୍ଗେସ ନନ୍ଦିନୀ ଭଉଣୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ, ବ୍ରହ୍ମାକୁମାରୀ ସଂସ୍ଥାର ଦୀର୍ଘ ଦିନର ବିଦ୍ୟାର୍ଥୀ ପ୍ରାଧ୍ୟାପିକା ଡଃ ପ୍ରତିଭା ମହାରଥୀ ମୁଖ୍ୟ ବକ୍ତା ରୂପେ ନିଜର ପ୍ରେରଣାଦାୟୀ ବ୍ୟକ୍ତବ୍ୟ ଦେଇଥିଲେ । ଜଟଣୀ ବରିଷ୍ଠ ନାଗରିକ କାର୍ଯ୍ୟକର୍ତ୍ତା ତଥା ଅବସରପ୍ରାପ୍ତ ରେଳ କର୍ମଚାରୀ ଆର କେ ମହାନ୍ତି ଏବଂ ପ୍ରହଲ୍ଲାଦ ସାହୁ ପ୍ରମୁଖ ସଂମାନିତ ଅତିଥି ରୂପେ ଯୋଗଦେଇଥିଲେ । ଉପସ୍ଥିତ ବୟୋଜ୍ୟୋଷ୍ଠ ମହିଳା ପୁରୁଷ ବରିଷ୍ଠ ମାନେ ଆଧାତ୍ମିକ ଜ୍ଞାନହାରଣ କରିଥିଲେ । ବ୍ରହ୍ମା କୁମାରୀ ନନ୍ଦିନୀ ଭଉଣୀ ନିଜ ଜୀବନରେ କିପରି ଆଧାତ୍ମିକତାରେ ଉନ୍ନତି କରିପାରିବା ସହିତ ପରମପିତା ପରମାତ୍ମାଙ୍କ ସାନିଧ ଲାଭ କରିପାରିବା ଏହା ଉପରେ ଗୁରୁତ୍ୱାରୋପ କରିଥିଲେ । ସେହି ପରି ମଣିଷ ଜୀବନରେ ନିଜର ମୋହ ମାୟା ତ୍ୟାଗକରି, ଦୈନିକ ଜୀବନରେ ନୈତିକ ତଥା ଆଧାତ୍ମିକ, ଯୋଗ ଶିକ୍ଷା ନିହାତି ଆବଶ୍ୟକ ବୋଲି ପ୍ରାଧ୍ୟାପିକା ଡଃ ମହାରଥୀ କହିଥିଲେ । ଉଭୟ ସଂମାନିତ ଅତିଥି ନିଜର ଆଧାତ୍ମିକ ଅନୁଭୂତି ଉପରେ ବ୍ୟକ୍ତବ୍ୟ ରଖିଥିଲେ । ପରିଶେଷରେ ବ୍ରହ୍ମକୁମାର ଅଶୋକ ବଳିଆରସିଂ ଧନ୍ୟବାଦ ଅର୍ପଣ କରିଥିଲେ । ଆଶ୍ରମର ସମସ୍ତ ବ୍ରହ୍ମକୁମାରୀ, ବ୍ରହ୍ମକୁମାର ଭାଇଭଉଣୀ ଉକ୍ତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣଭାବେ ସହଯୋଗ କରିବା ସହିତ, ଉତ୍ତମ ପରିଚାଳନା କରିଥିଲେ ।



## ‘ପରମ୍ପରା’ ଅନୁଷ୍ଠାନକୁ ପାରାଦୀପରେ ସ୍ୱାଗତ ଓ ସମ୍ବର୍ଦ୍ଧନା



**ପାରାଦୀପ, ୧୩।୭ (ନି.ପ୍ର):** ନୟାଗଡ଼ ଜିଲ୍ଲାର ଅଗ୍ରଣୀ ସାହିତ୍ୟ,ସଂସ୍କୃତି ସଙ୍ଗଠନ ‘ପରମ୍ପରା’ର କର୍ମକର୍ତ୍ତା ଓ ସଭ୍ୟ ସଭ୍ୟା ମାନଙ୍କର ପାରାଦ୍ୱୀପ ବନ୍ଦର ପରିଭ୍ରମଣ ଅବସରରେ ପାରାଦ୍ୱୀପଗଡର ସାହିତ୍ୟ ଅନୁଷ୍ଠାନ ‘ଟିକି ଟିକି ତାରା’ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜୁଲାଇ ୧୨ ତାରିଖ ରବିବାର ଦିନ ପୂର୍ବାହ୍ନରେ ପ୍ରସିଦ୍ଧ ମାଳିକା କ୍ଷେତ୍ର ଉଦୟବଟ ଧାମ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ। ମୁଖ୍ୟ ବକ୍ତା ଭାବରେ ପରମ୍ପରାର ସଭାପତି ଡକ୍ଟର ସୁକାନ୍ତି ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବରେ ନିର୍ମଳ ଚନ୍ଦ୍ର ସୁରଜୟ, ସାମ୍ବାଦିକ ଚିତ୍ତ ସ୍ୱାଇଁ, ଉଦୟବଟ ଧାମ ପରିଚାଳନା ଟ୍ରଷ୍ଟ ସଭାପତି ମିହିର ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଟିକି ଟିକି ତାରା ସଭାପତି ଅକ୍ଷୟ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱାଗତ ଭାଷଣ ଦେଇଥିଲେ ସମ୍ପାଦିକା ଶ୍ରୀମତୀ ମିନର୍ଭା ସ୍ୱାଇଁ। ଏହି ସଭାରେ ଡକ୍ଟର ସୁକାନ୍ତି ମହାନ୍ତି ,ନିର୍ମଳ ଚନ୍ଦ୍ର ସୁରଜୟ , ଏବଂ ପରମ୍ପରା ଅନୁଷ୍ଠାନକୁ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠ ଉତ୍ସବରେ, କବି ସୌଭାଗ୍ୟ ମଞ୍ଜରୀ ମହାପାତ୍ର, ପ୍ରଫୁଲ୍ଲ କୁମାର ମହାପାତ୍ର,ରବୀନ୍ଦ୍ର କୁମାର ମହାପାତ୍ର, ରବି ନାରାୟଣ ପାତ୍ର, ପ୍ରତାପ କୁମାର ସାହୁ, ନିଳିମା ନନ୍ଦ, ଦେବେନ୍ଦ୍ର ପ୍ରସାଦ ପରମଗୁରୁ, ପ୍ରମିତା ରାଣୀ ଜେନା, ସ୍ନିଗ୍ଧା ରାଣୀ ପଟ୍ଟନାୟକ, ଭାସ୍କର ଚନ୍ଦ୍ର ସ୍ୱାଇଁ, ଉର୍ମିଳା ମହାନ୍ତି, ଗୋଲାପ ରାଣୀ ସାହୁ, ପ୍ରେମଲତା ବାରିକ, ଉର୍ମିଳା ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। କବିତା ସଂଯୋଜନା କରିଥିଲେ ପ୍ରଶାନ୍ତ କୁମାର ରାଉତ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଅକ୍ଷୟ କୁମାର ଦାସ। ଏଭଳି କାର୍ଯ୍ୟକ୍ରମ ସମ୍ପର୍କର ସେତୁ ନିର୍ମାଣ କରିବ ବୋଲି ମୁଖ୍ୟ ଅତିଥି ବସନ୍ତ ବିଶ୍ୱାଳ ଉଲ୍ଲେଖ କରିବା ସହ ଏପରି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ।

## ବଲାଙ୍ଗିର ସହରର ବନ୍ଧ ଉନ୍ନତିକରଣରେ ଅବହେଳା ଓ ବିଳମ୍ବ ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

**ବଲାଙ୍ଗିର,୧୩/୭ (ନି.ପ୍ର):** ବଲାଙ୍ଗିର ସହରର ବିଭିନ୍ନ ବନ୍ଧର ଉନ୍ନତିକରଣ କାର୍ଯ୍ୟରେ ଅବହେଳା, ଅସ୍ୱାଭାବିକ ବିଳମ୍ବ ଏବଂ ନିମ୍ନମାନର କାର୍ଯ୍ୟକୁ ନେଇ ନଗର କଂଗ୍ରେସ କମିଟି ବଲାଙ୍ଗିର ପକ୍ଷରୁ ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱ ରେ ଆଜି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ର ରେ ଦର୍ଶାଯାଇଛି ଯେ ସହରର ବିଭିନ୍ନ ବନ୍ଧର ଉନ୍ନତିକରଣ କାର୍ଯ୍ୟ ଦିର୍ଘ ଦିନ ଧରି ଅତ୍ୟନ୍ତ ମନ୍ଥର ଗତିରେ ଚାଲିଥିବା ବେଳେ ଅନେକ ସ୍ଥାନରେ କାର୍ଯ୍ୟ ଅଧାରେ ପଡି ରହିଛି । ବର୍ଷା ଋତୁ ରେ ଏହି ପରିସ୍ଥିତି ଜଳ ନିଷ୍କାସନ ବ୍ୟବସ୍ଥା, ପରିବେଶ ସୁରକ୍ଷା ଏବଂ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ନଗର କଂଗ୍ରେସ କମିଟି ର ସଭାପତି ବୁଲୁ ଦାନୀ ଜିଲ୍ଲାପାଳ ଙ୍କ ବନ୍ଧ ଉନ୍ନତିକରଣ କାର୍ଯ୍ୟର ବିଳମ୍ବ ଅଧାରେ ପଡିଥିବା ପ୍ରକଳ୍ପ ଏବଂ ନିମ୍ନମାନର କାର୍ଯ୍ୟ ସମ୍ପର୍କିତ ପ୍ରମାଣ ଓ ତଥ୍ୟ ଉପସ୍ଥାପନ କରି ତୁରନ୍ତ ଘଟଣାର ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶିଘ୍ର ସମାପ୍ତ କରିବାକୁ ଦାବି କରିଥିଲେ। ଏହି ଅବସରରେ ଶ୍ରୀ ଦାନୀ କହିଥିଲେ ଯେ ନିକଟରେ ବଲାଙ୍ଗିର ନାଗରିକ କମିଟି ପକ୍ଷରୁ ସହରର ବନ୍ଧ ଉନ୍ନତିକରଣ କାର୍ଯ୍ୟକୁ ପ୍ରଶଂସା କରି ବିବୃତ୍ତି ଦିଆଯାଇଥିଲା । କିନ୍ତୁ କୌଣସି ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସାର୍ବଜନୀନ ମତାମତ ଦେବା ପୂର୍ବରୁ କାର୍ଯ୍ୟର ପ୍ରକୃତ ସ୍ଥିତି, ଗଣବତ୍ତା ଏବଂ ସମ୍ପୂର୍ଣ୍ଣ ବାସ୍ତବ ତଥ୍ୟ ସମ୍ପର୍କରେ ଅବଗତ ହେବା ଆବଶ୍ୟକ । ସେ କହିଥିଲେ ଯେ, କେବଳ ଆଂଶିକ ସୂଚନା ଆଧାରରେ ଦିଆଯାଉଥିବା ବିବୃତ୍ତି ଜନସାଧାରଣଙ୍କୁ ବିଭ୍ରାନ୍ତ କରିପାରେ। ସ୍ମାରକପତ୍ର ରେ ସହରର ସମସ୍ତ ବନ୍ଧର ଉନ୍ନତିକରଣ କାର୍ଯ୍ୟର ତୁରନ୍ତ ସମୀକ୍ଷା, ଅଧାରେ ପଡିଥିବା ସମସ୍ତ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାପ୍ତ କରିବା, ନିମ୍ନମାନର କାର୍ଯ୍ୟ କରିଥିବା ସଂସ୍ଥା ବା ଠିକାଦାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ଭବିଷ୍ୟତରେ ଏପରି ବିଳମ୍ବ ରୋକିବା ପାଇଁ ନିୟମିତ ତଦାରଖ ଓ ନିରୀକ୍ଷଣ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି । ଶେଷରେ ଶ୍ରୀ ବୁଲୁ ଦାନୀ ଆଶା ପ୍ରକାଶ କରିଥିଲେ ଯେ, ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଏହି ପ୍ରସଙ୍ଗରେ ଶିଘ୍ର ଏବଂ ଦୃଢ ପଦକ୍ଷେପ ଗ୍ରହଣ କରିବ । ନଚେତ ନଗର କଂଗ୍ରେସ ମିଟି ପକ୍ଷରୁ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ସେ ସୂଚନା ଦେଇଥିଲେ । ଆଜିର ଏହି ସଭାରେ ଦଳର ଛାମୁଆ ନେତୃବର୍ଗ ମନୀଷ ମିଶ୍ର, ଅସିତ ମିଶ୍ର, ଉମା ଶଙ୍କର ପଣ୍ଡା, ସାନନ୍ଦ ମିଶ୍ର, ଅଜୟ ବାଲି, ଅଙ୍କିତ ସାହୁ, ଉମାକାନ୍ତ ସାହୁ, ନିତେଶ ପଧାନ, ଲୋପନ ମିଶ୍ର, ସୀତାରାମ କୁମ୍ଭାର, ଅଜିତ ମହାନନ୍ଦ, ରୋହନ ସିକ୍କା, ଶଙ୍କର ବିଶି, ନିକୁ ବରଗଡି, ଚିନ୍ମୟ ବେହେରା, ସୋହନ ନାଏକ, ଅବ୍ରହାମ , ନାରୀ ନେତ୍ରୀ ଆରତିପ୍ରୀତି ନାଗ, ଅନ୍ନପୂର୍ଣ୍ଣା ବଢିଆ, ସମିର କୁମାର, କୈଳାସ ମିଶ୍ର, ପଦ୍ମପ ପାଣିଗ୍ରାହୀ, ସୁଦାମ ସିଂହ, ସିତାରାମ କୁମ୍ଭାର ପ୍ରଭୃତି ଉପସ୍ଥିତ ଥିଲେ ।



## ଉମରକୋଟରେ ଜନ ଶୁଣାଣି ଶିବିର

**ନବରଙ୍ଗପୁର,୧୩।୭ (ନି.ପ୍ର) :** ଉମରକୋଟ ପୌରପରିଷଦ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ପ୍ରାପ୍ତ ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ସମ୍ଭବ ହୋଇଥିବା କ୍ଷେତ୍ରରେ ସ୍ଥଳରେ ହିଁ ପଦକ୍ଷେପ ନିଆଯାଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଆଜିର ଶିବିରରେ ମୋଟ ୩୩ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ଅଭିଯୋଗ ଓ ୧୧ଟି ସାମୂହିକ ଅଭିଯୋଗ ଥିଲା। ପ୍ରାପ୍ତ ଅଭିଯୋଗ ମଧ୍ୟରୁ ୦୩ଟିର ସମାଧାନ ଘଟଣାସ୍ଥଳରେ କରାଯାଇଥିବାବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ପ୍ରେରଣ କରାଯାଇ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରେଡକ୍ରସ ଫଣ୍ଡ ରୁ ୧ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।



